

# ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ଷ୍ଟାଲିନ୍ ବିରୋଧୀ ପଦକ୍ଷେପ ପ୍ରସଙ୍ଗରେ

ଶିବଦାସ ଘୋଷ

କମ୍ରେଡ କୃଷ୍ଣେଭ ଏବଂ ଅନ୍ୟାନ୍ୟ ସମସ୍ତ
କମ୍ରେଡମାନଙ୍କ ଉଦ୍ଦେଶ୍ୟରେ ଖୋଲାଚିଠି

# ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ଷ୍ଟାଲିନ୍ ବିରୋଧୀ ପଦକ୍ଷେପ ପ୍ରସଙ୍ଗରେ

ଶିବଦାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)

# ପ୍ରକାଶକଙ୍କ କଥା

କମ୍ୟୁନିଷ୍ଟ ପାର୍ଟି ଅଫ୍ ସୋଭିଏତ୍ ୟୁନିୟନ୍ (CPUS)ର ଦ୍ୱାବିଂଶତମ କଂଗ୍ରେସରେ ପାର୍ଟି କୃଶ୍ଚେଭ ନେତୃତ୍ୱ ବ୍ୟକ୍ତିପୂଜା ବିରୁଦ୍ଧରେ ସଂଗ୍ରାମ କରିବା ନାଁରେ ବିଶ୍ୱ ଶ୍ରମିକ ଶ୍ରେଣୀର ମହାନ୍ ନେତା କମ୍ରେଡ୍ ଷ୍ଟାଲିନ୍‌ଙ୍କୁ କାଳିମାଲିପ୍ତ କରିବା ପାଇଁ ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ, ତାହାରି ପରିପ୍ରେକ୍ଷୀରେ, ସର୍ବହରାର ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ନେତୃତ୍ୱରେ ଆମ ଦଳ ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ), ମହାନ୍ ଷ୍ଟାଲିନ୍‌ଙ୍କ ଭୂମିକା (Role) ସମ୍ପର୍କରେ ଏକ ସୁସ୍ପଷ୍ଟ ବିଜ୍ଞାନସମ୍ମତ ମୂଲ୍ୟାୟନ କରିବା ଏକ ଅତ୍ୟନ୍ତ ଜରୁରୀ କର୍ତ୍ତବ୍ୟ ବୋଲି ଉପଲବ୍ଧି କରିଥିଲା । ଯଥୋଚିତ ବିନୟ ତଥା ଗର୍ବର ସହ ଆମେ କହିପାରୁ ଯେ ୧୯୬୧ ମସିହାରେ ହିଁ ଆମ ଦଳ ଏହି ପ୍ରସଙ୍ଗରେ ଏକ ସୁନିର୍ଦ୍ଦିଷ୍ଟ ବକ୍ତବ୍ୟ ତୋଳି ଧରିଥିଲା ।

କମ୍ରେଡ୍ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ବିରାଟ ଅଗ୍ରଗତି ଓ ସାଫଲ୍ୟ ସତ୍ତ୍ୱେ ବି ସାମ୍ୟବାଦୀ ଶିବିର ମଧ୍ୟରେ ଯାନ୍ତ୍ରିକ ଚିନ୍ତାପଦ୍ଧତି, ନେତୃତ୍ୱ ପ୍ରତି ଅନ୍ଧ ଆନୁଗତ୍ୟ, ଚେତନାର ନିମ୍ନମାନ ଯୋଗୁଁ ନେତାଙ୍କୁ ଭୁଲର ଏବଂ ସମାଲୋଚନାର ଉର୍ଦ୍ଧ୍ୱରେ ବୋଲି ମନେ କରାଯାଇଥିଲା- ଏହିସବୁ ମାରାତ୍ମକ ତ୍ରୁଟିଗୁଡ଼ିକ ସମ୍ପର୍କରେ କମ୍ରେଡ୍ ଶିବଦାସ ଘୋଷ ଏକକ କଣ୍ଠରେ ଚେତାବନୀ ଦେଇ ଦର୍ଶାଇଥିଲେ ଯେ, ଅନ୍ଧ ଆନୁଗତ୍ୟ ନେତାଙ୍କୁ ପ୍ରାୟ ଦେବତା ବନେଇ ଦିଏ, ପୁଣି ସେହି ଅନ୍ଧ ଆନୁଗତ୍ୟ ହିଁ ନେତାଙ୍କୁ ମାଟିରେ ମିଶାଇ ଦିଏ, ନେତାଙ୍କର ମଧ୍ୟ ଅଧଃପତନ ଘଟିଥାଏ ।

ପୁଣି ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ବିଂଶତିତମ କଂଗ୍ରେସରେ ଷ୍ଟାଲିନ୍‌ଙ୍କୁ କାର୍ଯ୍ୟତଃ ସମ୍ପୂର୍ଣ୍ଣ ହଟାଇ ଦେବାର ଅପଚେଷ୍ଟା ଆରମ୍ଭ ହେବା ପରେ ହିଁ କମ୍ରେଡ୍ ଶିବଦାସ ଘୋଷ ବିଶ୍ୱର ସମସ୍ତ କମ୍ୟୁନିଷ୍ଟମାନଙ୍କୁ ସତର୍କ କରିଦେଇ କହିଥିଲେ ଯେ, ଷ୍ଟାଲିନ୍‌ଙ୍କ ସ୍ମୃତିକୁ ଲୋପ କରିବାର ଏହି ଅପଚେଷ୍ଟା ଭିତରେ ହିଁ ସଂଶୋଧନବାଦୀର ସିଂହଦ୍ୱାର ଖୋଲିବାର ଏବଂ ଟ୍ରଟସ୍କିବାଦ ଓ ଟିଟୋବାଦ ବିରୁଦ୍ଧରେ ସଂଗ୍ରାମ କରି ମାର୍କ୍ସବାଦ-ଲେନିନ୍‌ବାଦର ବର୍ତ୍ତମାନ

ଯାହା ସଠିକ୍ ଉପଲବ୍ଧି- ଯାହାକି କମ୍ରେଡ୍ ଷ୍ଟାଲିନ୍‌ଙ୍କର ହିଁ ଅବଦାନ, ତାହାକୁ ବିକୃତ କରି ସଂଶୋଧନବାଦର ପଥରେ ନିମଜ୍ଜିତହେବାର ବିପଦ ନିହିତ । କମ୍ରେଡ୍ ଶିବଦାସ ଘୋଷଙ୍କର ଏହି ଚେତାବନୀକୁ ଯଦି ଯଥାସମୟରେ ଉପଯୁକ୍ତ ଗୁରୁତ୍ୱ ଦେଇ ସେ ଦେଶର ନେତା କର୍ମୀମାନେ ଯଥାଯଥ ଭୂମିକା ନେଇଥାନ୍ତେ, ତେବେ ସଂଶୋଧନବାଦର ଚର୍ଚ୍ଚାର ପରିଣତି ଭାବେ ସୋଭିଏତ ସମାଜତାନ୍ତ୍ରିକ ବ୍ୟବସ୍ଥା ଭାଙ୍ଗି ଯାଇ ନଥାନ୍ତା । ଏହାରି ପରିଣତରେ ଏବଂ ସମାଜତାନ୍ତ୍ରିକ ଶିବିରର ଅନୁପସ୍ଥିତିରେ ପୁଞ୍ଜିବାଦ-ସାମ୍ରାଜ୍ୟବାଦ ଗୋଟିଏପଟେ ଯେଭଳି ଦୁନିଆବ୍ୟାପୀ, ଦସ୍ୟୁବୃତ୍ତି ଚଳାଉଛି, ଅପରଦିଗରେ ମାର୍କ୍ସବାଦ, କମ୍ୟୁନିଜିମ୍ ବା ସାମ୍ୟବାଦ ଏବଂ ବିଶେଷଭାବେ ସର୍ବହରାର ମହାନ୍ ନେତା କମ୍ରେଡ୍ ଷ୍ଟାଲିନ୍‌ଙ୍କ ସମ୍ପର୍କରେ ବିଭ୍ରାନ୍ତି ଓ ବିରୂପ ଧାରଣା ସୃଷ୍ଟି ଉଦ୍ଦେଶ୍ୟରେ ବିକୃତ ଓ ଅତ୍ୟନ୍ତ କୁତ୍ସିତ ପ୍ରଚାର ଚଳାଉଛନ୍ତି । ଏହି ପରିସ୍ଥିତିରେ ଦୁନିଆର କମ୍ୟୁନିଷ୍ଟ କର୍ମୀମାନେ ମାର୍କ୍ସବାଦୀ-ଲେନିନ୍‌ବାଦୀ ଦୃଷ୍ଟିଭଙ୍ଗୀରେ ଷ୍ଟାଲିନ୍‌ଙ୍କ ମୂଲ୍ୟାୟନ କିଭଳି ଭାବେ କରିବା ଉଚିତ ଏବଂ ମାର୍କ୍ସବାଦ-ଲେନିନ୍‌ବାଦର ଜ୍ଞାନଭଣ୍ଡାରରେ କମ୍ରେଡ୍ ଷ୍ଟାଲିନ୍‌ଙ୍କର ମୂଲ୍ୟବାନ ଅବଦାନର ଦିଗଗୁଡ଼ିକୁ ଉପଲବ୍ଧି କରିବା ଓ ତାହା ତୋଳିଧରିବା କେତେଦୂର ପ୍ରୟୋଜନ ସେ ସମ୍ପର୍କରେ କମ୍ରେଡ୍ ଶିବଦାସ ଘୋଷଙ୍କର ଅମୂଲ୍ୟ ପଥ ନିର୍ଦ୍ଦେଶ ରହିଛି "On steps taken against Stalin by CPSU- An Open Letter to Comrade Krushev and other Comrades abroad."- ଏହି ରଚନାଟି ମଧ୍ୟରେ । ୧୯୬୨ ମସିହାରେ ପ୍ରଥମେ ଏହି ବହିଟି ଇଂରାଜୀ ଭାଷାରେ ପ୍ରକାଶିତ ହୋଇଥିଲା । ପରେ ଅନେକଥର ମୁଦ୍ରିତ ହୋଇଛି । କେନ୍ଦ୍ରୀୟ କମିଟି ପକ୍ଷରୁ ପ୍ରକାଶିତ କମ୍ରେଡ୍ ଶିବଦାସ ଘୋଷଙ୍କ ରଚନାବଳୀ ପ୍ରଥମ ଖଣ୍ଡରେ ଏହା ସ୍ଥାନିତ ହୋଇଛି । ଏହାର ଓଡ଼ିଆ ଭାଷାରେ ପ୍ରଥମ ପ୍ରକାଶନ ୧୯୭୯ ମସିହାରେ କରାଯାଇଥିଲା । ବର୍ତ୍ତମାନ ଏହାର ଦ୍ୱିତୀୟ ମୁଦ୍ରାଣ ପ୍ରକାଶିତ ହେଉଛି ।

ଅନୁବାଦ ଓ ମୁଦ୍ରଣଜନିତ ସମସ୍ତ ତ୍ରୁଟି ପାଇଁ ଆମେ ଦାୟୀ ।

ଧୂର୍ଜଟୀ ଦାସ
ପ୍ରକାଶକ

୬୧, ଗଙ୍ଗୋତ୍ରୀ ନଗର
ଶିଶୁପାଳଗଡ଼ ରୋଡ଼-୩
ଭୁବନେଶ୍ୱର
ସେପ୍ଟେମ୍ବର ୧, ୨୦୧୬

# ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର
# ଷ୍ଟାଲିନ୍ ବିରୋଧୀ ପଦକ୍ଷେପ ପ୍ରସଙ୍ଗରେ

ପ୍ରିୟ କମ୍ରେଡ,

କମ୍ରେଡ କୃଶ୍ଚେଭଙ୍କ(ପରବର୍ତ୍ତୀକାଳରେ ସଂଶୋଧନବାଦୀରେ ପରିଣତ) ନେତୃତ୍ୱରେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି (ସି.ପି.ଏସ୍.ୟୁ)ର ବିଂଶତିତମ କଂଗ୍ରେସରେ ଏକ ସିଦ୍ଧାନ୍ତ ହୋଇଥିଲା ଯେ, ଷ୍ଟାଲିନଙ୍କ ଭୂମିକାର ମୂଲ୍ୟାୟନ ସେମାନେ କରିବେ । ବିଂଶତିତମ କଂଗ୍ରେସର ଏହି ସିଦ୍ଧାନ୍ତ ପୂର୍ବରୁ ଦୁନିଆର ପ୍ରାୟ ସମସ୍ତ କମ୍ୟୁନିଷ୍ଟ ଷ୍ଟାଲିନଙ୍କୁ ଭୁଲର ଊର୍ଦ୍ଧ୍ୱରେ, ସମାଲୋଚନାର ଊର୍ଦ୍ଧ୍ୱରେ ବୋଲି ମନେ କରୁଥିଲେ । ଷ୍ଟାଲିନ୍‌ଙ୍କ ମୂଲ୍ୟାୟନ ସମ୍ପର୍କରେ ବିଂଶତିତମ କଂଗ୍ରେସରେ ଯେଉଁ ସମାଲୋଚନା ଆରମ୍ଭ ହୋଇଥିଲା, ଦ୍ୱାବିଂଶତମ କଂଗ୍ରେସର ସିଦ୍ଧାନ୍ତଗୁଡିକ ତାହାରି ପରିଣତି । ତା ପରଠାରୁ ସୋଭିଏତ୍ ନେତୃତ୍ୱ ଯେଉଁ ପଦକ୍ଷେପଗୁଡିକ ନେଇ ଚାଲିଛି, ତାହା ମଧ୍ୟରେ ଆମେ ଦ୍ୱାବିଂଶତମ କଂଗ୍ରେସରେ ଗୃହୀତ ସିଦ୍ଧାନ୍ତ ପ୍ରତିଫଳନ ଲକ୍ଷ୍ୟ କରିଛୁ- ଯାହାର ମୋଟାମୋଟି ଉଦ୍ଦେଶ୍ୟ ହେଉଛି ଜନମାନସରୁ ଷ୍ଟାଲିନଙ୍କ ସ୍ମୃତିକୁ ପୋଛିଦେବା । ଏହି ଉଦ୍ଦେଶ୍ୟରେ ହିଁ ତାଙ୍କ ରଚନାବଳୀ ପ୍ରକାଶ ନିଷିଦ୍ଧ କରାଯାଇଛି, ତାଙ୍କ ରଚନାରୁ କୌଣସି ଉଦ୍ଧୃତି ଦେବା ସଯତ୍ନରେ ପରିହାର କରାଯାଇଛି, ତାଙ୍କର ସ୍ମୃତି ବିଜଡିତ ସହର, ଗ୍ରାମ, ପାର୍କ, ରାସ୍ତା, ଯୌଥଖମାର ଏବଂ ଆହୁରି ବହୁ ପ୍ରତିଷ୍ଠାନ ଯେଉଁଠି ତାଙ୍କର ନାଁ ରହିଛି, ସେଗୁଡିକର ନାମ ପରିବର୍ତ୍ତନ କରି ନୂତନ ନାମକରଣ କରାଯାଇଛି, ତାଙ୍କର ପ୍ରତିକୃତି ଏବଂ ମୂର୍ତ୍ତିଗୁଡିକ ହଟେଇ ଦିଆଯାଇଛି, ଲେନିନ୍-ଷ୍ଟାଲିନ୍ ମୁସୋଲିୟମରୁ ତାଙ୍କର ସଂରକ୍ଷିତ ମୃତ ଦେହଟିକୁ ଅପସାରିତ କରାଯାଇଛି ଏବଂ ମୁସୋଲିୟମଟିର ନୂତନ ନାମକରଣ କରାଯାଇଛି 'ଲେନିନ୍ ମୁସୋଲିୟମ' । ଏହିସବୁ ପଦକ୍ଷେପ ଓ ଏଧରଣର ଅନ୍ୟାନ୍ୟ ଯେଉଁ ପଦକ୍ଷେପ ଗୁଡିକ ନିଆଯାଉଛି, ସେ ସମ୍ପର୍କରେ ସି.ପି.ଏସ୍.ୟୁ.ର ସାମ୍ପ୍ରତିକ କାଳରେ ନେତାମାନଙ୍କର ଅଭିଯୋଗ ହେଲା, ଷ୍ଟାଲିନ୍ ଯେଉଁସବୁ କମ୍ୟୁନିଷ୍ଟ ବିରୋଧୀ ପ୍ରବଣତା ଓ କାର୍ଯ୍ୟକଳାପକୁ

ପ୍ରଶ୍ରୟ ଦେଇଥିଲେ ତାହାକୁ ପ୍ରତିହତ କରିବା ଏବଂ ପରିଶେଷରେ ତାହାକୁ ବିଲୋପ କରିଦେବା ସେମାନଙ୍କର ଉଦ୍ଦେଶ୍ୟ । ସାଧାରଣଭାବେ ବ୍ୟକ୍ତିପୂଜା ଏବଂ ବିଶେଷଭାବେ ଷ୍ଟାଲିନ ପୂଜା ମଧ୍ୟଦେଇ ମୁଖ୍ୟତଃ କମ୍ୟୁନିଷ୍ଟ ବିରୋଧୀ ପ୍ରବଣତା ଓ କାର୍ଯ୍ୟକଳାପଗୁଡିକ ପ୍ରତିଫଳିତ ହୋଇଛି ବୋଲି ସେମାନେ କହିବାକୁ ଚାହୁଁଛନ୍ତି । ଆହୁରି ଯେଉଁସବୁ ଅଭିଯୋଗ ଷ୍ଟାଲିନ୍‌ଙ୍କ ବିରୁଦ୍ଧରେ ଆଗତ କରାଯାଇଛି, ତା ମଧ୍ୟରେ ଅଛି ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ଲଙ୍ଘନ କରିବା, ଷ୍ଟାଲିନ୍‌ଙ୍କ ଅମଳରେ ପାର୍ଟି ଜୀବନରେ ଏବଂ ପ୍ରଶାସନରେ ଅମଲାତନ୍ତ୍ର ସୃଷ୍ଟି ହେବା ଓ ଶକ୍ତିଶାଳୀ ହେବା ଏବଂ ସର୍ବଶେଷରେ କ୍ଷମତାର ଅପବ୍ୟବହାର କରିବା, ଯାହାଫଳରେ ବହୁ ନିରପରାଧ ଲୋକଙ୍କୁ ଜୀବନ ଦେବାକୁ ପଡିଛି ।

## ସାମ୍ୟବାଦୀ ଦୁନିଆର ମତପାର୍ଥକ୍ୟ

କୃଶ୍ଚେଭଙ୍କ ନେତୃତ୍ୱରେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଷ୍ଟାଲିନ୍‌ଙ୍କର ଯେଉଁ ବିଶେଷ ମୂଲ୍ୟାୟନ କରିଛି ଏବଂ ବ୍ୟକ୍ତିପୂଜା ବିରୋଧୀ ସଂଗ୍ରାମରେ ଯେଉଁ ଧରଣର ପଦକ୍ଷେପଗୁଡିକ ସେମାନେ ନେଇଛନ୍ତି ତାକୁ ନେଇ ବିଶ୍ୱର ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକ ମଧ୍ୟରେ ଯେ ଗୁରୁତର ମତପାର୍ଥକ୍ୟ ରହିଛି, ତାହା ଅସ୍ୱୀକାର କରାଯାଇ ପାରିବନାହିଁ । ନାନା ଭାବେ, ବିଭିନ୍ନ କଥା ମଧ୍ୟଦେଇ ଏହି ମତପାର୍ଥକ୍ୟ ଇତିମଧ୍ୟରେ ହିଁ ପ୍ରକାଶିତ ହୋଇଛି । ଅନେକ କମ୍ୟୁନିଷ୍ଟ ପାର୍ଟି, କୃଶ୍ଚେଭଙ୍କ ଏହି ଲାଇନ ଅନୁସରଣ କରି ନିଜ ନିଜ ଦେଶରେ ଷ୍ଟାଲିନଙ୍କ ସ୍ମୃତିକୁ ସମ୍ପୂର୍ଣ୍ଣଭାବେ ଲୋପ କରିଦେବା ପାଇଁ କିମ୍ବା ଅନ୍ତତଃ ପକ୍ଷେ ତାଙ୍କୁ ସାଧାରଣ କମ୍ୟୁନିଷ୍ଟ ସ୍ତରକୁ ଖସାଇ ଆଣିବା ପାଇଁ ସକ୍ରିୟଭାବେ ଲାଗିପଡିଛନ୍ତି । ଏହିସବୁ ଘଟଣାଗୁଡିକ ଷ୍ଟାଲିନ୍ ଅମଳର ସେହି ପୁରୁଣା ଯାନ୍ତ୍ରିକ ଭାବେ ସୋଭିଏତ୍ ପାର୍ଟିକୁ ସମର୍ଥନ କରିବା ବିଷୟଟିକୁ ସ୍ମରଣ କରାଇ ଦିଏ । ସେତେବେଳେ ଆମେ ଦେଖିଛୁ ଯେ, ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଯାହା କହିଛି ବା ଯାହା କରିଛି, ଏହି ଦଳଗୁଡ଼ିକ ତାକୁ ଯାନ୍ତ୍ରିକଭାବେ ସମସ୍ତ ବ୍ୟାପାରରେ ସମର୍ଥନ ଜଣାଇଛନ୍ତି । ଅପରଦିଗରେ କେତେକ କମ୍ୟୁନିଷ୍ଟ ପାର୍ଟି ଷ୍ଟାଲିନଙ୍କ ପ୍ରତି ଅନ୍ଧ ଆନୁଗତ୍ୟ ଫଳରେ, ଚରମଭାବେ କୃଶ୍ଚେଭ ବିରୋଧୀ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଯେଉଁମାନେ ଭୀଷଣ ଉଗ୍ର, ସେମାନେ କ୍ଷିପ୍ତ ହୋଇ ଏତେଦୂର ଯାଏ ଯାଇଛନ୍ତି ଯେ ଷ୍ଟାଲିନଙ୍କ ପ୍ରସଙ୍ଗରେ କୃଶ୍ଚେଭ ଯାହା କହିଛନ୍ତି, ଯାହା କରିଛନ୍ତି ସମସ୍ତ ବିଷୟର ନିନ୍ଦା କରି, ଏକାବେଳକେ କୃଶ୍ଚେଭଙ୍କର କୁଶ ପୁତ୍ତଳିକା ମଧ୍ୟ ଦାହ କରିଛନ୍ତି । ଆଉ ଦଳେ ଅଛନ୍ତି, ଯେଉଁମାନେ ସାଧାରଣଭାବେ କୃଶ୍ଚେଭଙ୍କ ଲାଇନ୍ ସହ ଏକମତ ହେବା ସତ୍ତ୍ୱେ ବି ବର୍ତ୍ତମାନ ଗୃହୀତ ସିଦ୍ଧାନ୍ତ ଗୁଡିକୁ ମାନିନେବା ସେମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର ହେଉଛି । ଆଦର୍ଶଗତ କ୍ଷେତ୍ରରେ ଚୂଡାନ୍ତ ବିଭ୍ରାନ୍ତି ଫଳରେ ସେମାନେ

ଦାବି କରୁଛନ୍ତୁ ଯେ, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନକୁ ଯେଉଁ ନେତୃତ୍ୱ ପରିଚାଳନା କରିବ, ତାହାର ମୂଳ କେନ୍ଦ୍ର ଏଣିକି ଆଉ କୌଣସି ବିଶେଷ ଦେଶରେ ରହିବା ଉଚିତ ନୁହେଁ, ନେତୃତ୍ୱ ଦେବା ପାଇଁ ଏକାଧିକ କେନ୍ଦ୍ର ରହିବା ଉଚିତ । ଏହିସବୁ ଘଟଣାରୁ ଅନସ୍ୱୀକାର୍ଯ୍ୟ ଭାବେ ଯେଉଁ ସତ୍ୟଟି ପରିସ୍ଫୁଟ ହୋଇଛି ତାହାହେଲା, ବିଶ୍ୱସାମ୍ୟବାଦୀ ଆନ୍ଦୋଳନ ଆଜି ଏଭଳି ଏକ ଗୁରୁତର ଆଦର୍ଶଗତ ସଂକଟର ସମ୍ମୁଖୀନ ଯେ, ବିଶ୍ୱଶାନ୍ତି ଓ ସମାଜତନ୍ତ୍ରର ମହାନ ଶିବିରର ଅନ୍ତର୍ଭୁକ୍ତ ଦେଶଗୁଡିକ ମଧ୍ୟରେ ଋଷିଆ ସମେତ ଅନ୍ୟାନ୍ୟ କେତୋଟି ସମାଜତାନ୍ତ୍ରିକ ଦେଶ ସହ ଆଲବେନିଆର କୁଟନୈତିକ ସମ୍ପର୍କ ବି ଛିନ୍ନ ହୋଇଯାଇଛି । ଆମର ଆଶଙ୍କା, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନ ସମ୍ମୁଖରେ ଯେଉଁ ଗୁରୁତର ଆଦର୍ଶଗତ ବିଭ୍ରାନ୍ତି ଆଜି ଦେଖାଦେଇଛି, ଯଥା ସମୟରେ ତାହାର ଯଦି ସଠିକ୍ ସମାଧାନ କରାନଯାଏ, ତାହାହେଲେ ଏଥିରୁ ବିଶ୍ୱର ସାମ୍ୟବାଦୀ ଆନ୍ଦୋଳନର ଇତିହାସରେ ଏକ ଅବାଞ୍ଛିତ ଘଟଣା ଭବିଷ୍ୟତରେ ଘଟିପାରେ, ବିଶ୍ୱବାସୀଙ୍କୁ ଏଭଳି ଘଟଣା ବି ଦେଖିବାକୁ ପଡିପାରେ ଯେ, ବିଭିନ୍ନ ଦେଶର କମ୍ୟୁନିଷ୍ଟମାନେ ନିଜ ମଧ୍ୟରେ ଐକ୍ୟ ଓ ସଂହତିକୁ ଆହୁରି ସୁଦୃଢ଼ କରିବା ଏବଂ ବିଶ୍ୱସାମ୍ୟବାଦୀ ସମାଜ ପ୍ରତିଷ୍ଠା ଦିଗରେ ଦୃଢ଼ ପଦକ୍ଷେପରେ ଦ୍ରୁତ ଆଗେଇଯିବା ପରିବର୍ତ୍ତେ, ପରସ୍ପର ମଧ୍ୟରେ ମୁହାଁମୁହିଁ ସଂଘର୍ଷରେ ଲିପ୍ତ ହୋଇଛନ୍ତି, ବିଶ୍ୱ ସାମ୍ୟବାଦୀ ସମାଜ ପ୍ରତିଷ୍ଠା ଲକ୍ଷ୍ୟରେ ପହଞ୍ଚିବା ଓ ଏହି ସୁମହାନ ଆଦର୍ଶର ସଫଳ ରୂପାୟନ ପଥରେ ଅପ୍ରତିହତ ଜୟଯାତ୍ରାରେ ନିଜେ ହିଁ ପ୍ରତିବନ୍ଧକ ସୃଷ୍ଟି କରି ଦେଇଛନ୍ତି । ସମ୍ପ୍ରତି ଅଲବାନିଆ ସହ ଅନ୍ୟାନ୍ୟ କେତୋଟି ସମାଜତାନ୍ତ୍ରିକ ଦେଶର ଯେଉଁ କୁଟନୈତିକ ସମ୍ପର୍କ ଛିନ୍ନ ହୋଇଛି ଏବଂ ଏହା ଫଳରେ ଆହୁରି ଯେଉଁସବୁ ଅବାଞ୍ଛିତ ଘଟଣା ଘଟିଛି ତାହାରି ପରିପ୍ରେକ୍ଷୀରେ ଆମର ଏହି ଆଶଙ୍କାକୁ ହେୟ ମନେକରି ଉଡେଇ ଦିଆଯାଇପାରେ ନା, ବରଂ ଆମର ଆଶଙ୍କା ଯେ ବାସ୍ତବରେ ଦିନେ ସତ୍ୟ ହୋଇ ଦେଖାଦେଇପାରେ, ଏହିସବୁ ଘଟଣା ଭିତରେ ରହିଛି ତାର ଇଙ୍ଗିତ । ତେଣୁ ବର୍ତ୍ତମାନ ଭୟାବହ ପରିସ୍ଥିତିକୁ କୌଣସି ପ୍ରକାରେ ଲଘୁ କରି ଦେଖିଲେ ଚଳିବ ନାହିଁ ।

## ପ୍ରକାଶ୍ୟ ମତାଦର୍ଶଗତ ସଂଗ୍ରାମର ପ୍ରୟୋଜନୀୟତା

ଆମର ସୁଚିନ୍ତିତ ଅଭିମତ ହେଲା, ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଷ୍ଟାଲିନ୍‌ଙ୍କର ଯେଉଁ ବିଶେଷ ମୂଲ୍ୟାୟନ କରିଛି ଏବଂ ଷ୍ଟାଲିନ୍ ସମ୍ପର୍କରେ ଯେଉଁସବୁ ପଦକ୍ଷେପ ନେଇଛି, ସେ ବ୍ୟାପାରରେ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟିଗୁଡିକ ମଧ୍ୟରେ ବାସ୍ତବରେ ଯେଉଁ ମତପାର୍ଥକ୍ୟ ରହିଛି ତାହାକୁ ଅସ୍ୱୀକାର କଲେ ନିଶ୍ଚୟ ଭାବରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ହିଁ କ୍ଷତି ହେବ । ଏହାକୁ ଆଖି ବୁଜି ଅସ୍ୱୀକାର କରିବା ଆତ୍ମ ପ୍ରବଞ୍ଚନାର ହିଁ

ନାମାନ୍ତର, ଯାହା ଫଳରେ ପରିସ୍ଥିତିର ଆହୁରି ଅବନତି ଘଟିବ । ଆମେ ମନେକରୁ, ବିଷୟଟି ସହ ସଂଶ୍ଳିଷ୍ଟ ସମସ୍ତ ପ୍ରଶ୍ନ ଗୁଡିକୁ ବିଶଦଭାବେ ଟିକିନିଖି ବିଚାର କରିବା ପ୍ରୟୋଜନ ଏବଂ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଓ ବ୍ୟାପକ ଜନଗଣଙ୍କୁ ଜଡିତ କରି ପ୍ରକାଶ୍ୟ ମତାଦର୍ଶଗତ ଆଳାପ ଆଲୋଚନା ମାଧ୍ୟମରେ ତାହା ହେବା ଦରକାର । କାରଣ ଏକମାତ୍ର ଏ ଧରଣର ପ୍ରକାଶ୍ୟ ମତାଦର୍ଶଗତ ବିତର୍କ ମଧ୍ୟ ଦେଇ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଗୁଡିକ ମଧ୍ୟରେ ଯେଉଁ ମତପାର୍ଥକ୍ୟ, ସେଗୁଡିକୁ ଖୋଲାଖୋଲି ଭାବେ ପ୍ରକାଶ କରି ତାହାର ସଠିକ୍ ସମାଧାନ କରିବା ସମ୍ଭବ । ଶ୍ରମିକଶ୍ରେଣୀ ଓ ବ୍ୟାପକ ଜନଗଣଙ୍କୁ ଶିକ୍ଷିତ ଓ ସଚେତନ ଭାବେ ଗଢ଼ିତୋଳିବାର ଏହାହିଁ ହେଲା ଲେନିନ୍ ନିର୍ଦ୍ଦେଶିତ ପଥ, ପୁଣି ଏହି ପଥରେ ହିଁ ଶ୍ରମିକଶ୍ରେଣୀ ଓ ଜନଗଣଙ୍କ ନିକଟରୁ ଶିକ୍ଷା ଗ୍ରହଣ କରାଯାଇପାରିବ । ଆଦର୍ଶଗତ ପ୍ରଶ୍ନରେ କୌଣସି ମତପାର୍ଥକ୍ୟକୁ କେବେହେଲେ ଆଖିବୁଜି ଏଡେଇ ଗଲେ ଚଳିବ ନାହିଁ ବା ମଝିମଝିକିଆ ଗୋଟାଏ ତାଳିପକା ପଥ ବାହାର କରି ସେଥିରୁ ବାଟକାଟି ଚାଲିଯିବା ଚଳିବ ନାହିଁ । କେବଳମାତ୍ର ଅବିଚଳ ସଂଗ୍ରାମ ପଥରେ ଆଦର୍ଶଗତ କ୍ଷେତ୍ରରେ ବିଭ୍ରାନ୍ତିର କୁହେଳିକା ଭେଦ କରି ସାମ୍ୟବାଦୀ ଆନ୍ଦୋଳନକୁ ପୁଣି ସଠିକ୍ ପଥରେ ପ୍ରବାହିତ କରିବା ସମ୍ଭବ, ତାକୁ ଆହୁରି ଶକ୍ତିଶାଳୀ କରିବା ସମ୍ଭବ । ତେଣୁ ଏହି ଯେଉଁ ମତପାର୍ଥକ୍ୟ ଯାହା ସହିତ ନୀତିଗତ ପ୍ରଶ୍ନ ଜଡିତ, ତାକୁ ପ୍ରକାଶ୍ୟଭାବେ ନ କହି, ଲୁଚେଇ ଛପେଇ ଆଡୁଆଳରେ ଆଲୋଚନା କରିବାର ପଦ୍ଧତିକୁ କେବେହେଲେ ପ୍ରଶୟ ଦିଆଯାଇ ପାରେନା । ଏକଥା ସତ ଯେ, କିଛି କମ୍ରେଡ ଆଶଙ୍କା କରୁଛନ୍ତି, କୃଶ୍ଚେଭ ନେତୃତ୍ୱରେ ସୋଭିଏତ କମ୍ୟୁନିଷ୍ଟ ପାର୍ଟି ଷ୍ଟାଲିନ ସମ୍ପର୍କରେ ଯେଉଁ ସିଦ୍ଧାନ୍ତ ନେଇଛି ଏବଂ ତାହାକୁ କେନ୍ଦ୍ରକରି ବିଶ୍ୱ ସାମ୍ୟବାଦୀ ଶିବିରରେ ବିଭିନ୍ନ ଧରଣର ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି, ଏସବୁ ବିଷୟକୁ ପ୍ରକାଶ୍ୟ ମତବାଦିକ ସଂଗ୍ରାମ ମଧ୍ୟରୁ ଯଦି ଅଣାଯାଏ ତେବେ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଗୁଡିକର ଐକ୍ୟ ଦୁର୍ବଳ ହୋଇଯିବ, ଯାହାର ପରିଣାମ ସ୍ୱରୂପ ଭବିଷ୍ୟତରେ ହୁଏତ ସ୍ଥାୟୀ ବିଭେଦ ହିଁ ସୃଷ୍ଟି ହେବ । କିନ୍ତୁ ଆମେ ମନେକରୁ ସାମ୍ୟବାଦୀ ଐକ୍ୟ ସମ୍ପର୍କରେ ଅତ୍ୟନ୍ତ ଉପରଠାଉରିଆ ଧାରଣା ଫଳରେ ଏହି ଆଶଙ୍କା ଦେଖାଦେଇଛି । ଷ୍ଟାଲିନ ସମ୍ପର୍କରେ କୃଶ୍ଚେଭଙ୍କ ସିଦ୍ଧାନ୍ତ ଏବଂ ତାକୁ କେନ୍ଦ୍ର କରି ବିଶ୍ୱର କମ୍ୟୁନିଷ୍ଟମାନଙ୍କର ଯେଉଁ ବିଭିନ୍ନ ପ୍ରତିକ୍ରିୟା ସେ ପ୍ରସଙ୍ଗରେ ମତବାଦିକ ସଂଗ୍ରାମ ପରିଚାଳନା କଲେ, ଅର୍ଥାତ୍ ସମାଲୋଚନା ଆତ୍ମସମାଲୋଚନାର ଲେନିନୀୟ ନୀତିକୁ ବାସ୍ତବରେ ପ୍ରୟୋଗ କଲେ, କମ୍ୟୁନିଷ୍ଟ ଐକ୍ୟ ତାସ ଘର ଭଳି ଭାଙ୍ଗିପଡିବ– ଏଭଳି ଧାରଣା ଠିକ୍ ନୁହେଁ, କାରଣ କମ୍ୟୁନିଷ୍ଟ ଐକ୍ୟ ଏତେ ଭଙ୍ଗୁର ନୁହେଁ । ଆଉ ବାସ୍ତବରେ ଯଦି ପ୍ରକୃତ ହିଁ ଏତେ ଭଙ୍ଗୁର ହୁଏ, ତେବେ ଆଉ ଯାହାହେଉ, ତାହା କମ୍ୟୁନିଷ୍ଟ ଐକ୍ୟ ନୁହେଁ । ସେଭଳି

ହେଲେ ଯେତେ ଦ୍ରୁତ ତାର ଅବସାନ ଘଟେ, ଯେତେ ଦ୍ରୁତ ତା ପରିବର୍ତ୍ତେ ବିଭିନ୍ନ କମ୍ୟୁନିଷ୍ଟ ଦଳଗୁଡିକ ମଧ୍ୟରେ କମ୍ୟୁନିଷ୍ଟ ଐକ୍ୟର ପ୍ରକୃତ ଅର୍ଥ, ପ୍ରକୃତ ଚରିତ୍ରର ସଠିକ୍ ଉପଲବ୍ଧି ଭିତ୍ତିରେ ଯଥାର୍ଥ ଐକ୍ୟ ଗଢ଼ିଉଠିପାରେ, ସେତେ ମଙ୍ଗଳ । ଲେନିନ୍‌ଙ୍କର ସମଗ୍ର ଜୀବନ ଆମକୁ ଏହି ଶିକ୍ଷା ଦେଇଛି ଯେ, ମତାଦର୍ଶଗତ ପ୍ରଶ୍ନରେ ଯେଉଁ ଆପୋଷହୀନ ସଂଗ୍ରାମ ସେ ପରିଚାଳନା କରିଛନ୍ତି, ପ୍ରକାଶ୍ୟରେ ଖୋଲାଖୋଲିଭାବେ ଯେଉଁ ମତବାଦିକ ସଂଗ୍ରାମ ସେ କରିଛନ୍ତି, ଐକ୍ୟକୁ ଦୁର୍ବଳ କରିବା, ସ୍ଥାୟୀ ବିଭେଦ ସୃଷ୍ଟି କରିବା ତ ଦୂରର କଥା, ତାହା ସଦାସର୍ବଦା ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକ ମଧ୍ୟରେ ଐକ୍ୟକୁ ଆହୁରି ସୁସଂହତ-ଆହୁରି ସୁଦୃଢ଼ ଭାବେ ଗଢ଼ିତୋଳିବାକୁ ସାହାଯ୍ୟ କରିଛି ।

ଆଜି ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକର ନିଜ ଭିତରେ ସମ୍ପର୍କ କ୍ଷେତ୍ରରେ ଯଥାର୍ଥ ଉପଲବ୍ଧିର ଯେଉଁ ଅଭାବ ପରିଲକ୍ଷିତ ହେଉଛି, ତାହାର କାରଣ ଖୋଜିଲେ ଦେଖାଯିବ ଯେ, ଲେନିନ ପରବର୍ତ୍ତୀ କାଳରେ ବିତର୍କିତ ସମସ୍ତ ବିଷୟକୁ ବିଭିନ୍ନ କମ୍ୟୁନିଷ୍ଟ ପାର୍ଟିର ରୁଦ୍ଧଦ୍ୱାର ସଭାର ଚାରିକାନ୍ଥ ମଧ୍ୟରେ ଅଟକାଇ ରଖିବା ଏବଂ ତାହା ପ୍ରକାଶ୍ୟକୁ ନ ଆଣିବାର ଯେଉଁ ପଦ୍ଧତି ଅନୁସରଣ କରାଯାଇଛି, ତାହା ଏଥିପାଇଁ କୌଣସି ଅଂଶରେ କମ୍ ଦାୟୀ ନୁହେଁ । ତେଣୁ କମ୍ୟୁନିଷ୍ଟ ଐକ୍ୟର ଯଥାର୍ଥ ଉପଲବ୍ଧିର ବିକାଶ ପାଇଁ ଏହି ପୁରାତନ ନୀତି ଓ ଅଭ୍ୟାସ ଅବିଳମ୍ବେ ପରିହାର କରିବା ପ୍ରୟୋଜନ ।

## ଏହି ଖୋଲା ଚିଠି କାହିଁକି

କୃଶ୍ଚେଭଙ୍କ ନେତୃତ୍ୱରେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଯେଉଁଭଳିଭାବେ ଷ୍ଟାଲିନ୍‌ଙ୍କର ମୂଲ୍ୟାୟନ କରିଛି, ସାଧାରଣଭାବେ ବ୍ୟକ୍ତିପୂଜା ଏବଂ ବିଶେଷଭାବେ ଷ୍ଟିଲନ୍ ପୂଜା ବିରୁଦ୍ଧରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛି ଏବଂ ତାହାକୁ କେନ୍ଦ୍ରକରି ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନ ସମ୍ମୁଖରେ ଯେଉଁ ଗୁରୁତର ଆଦର୍ଶଗତ ସଂକଟ ଦେଖାଦେଇଛି, ସେ ସମ୍ପର୍କରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ଅବିଚ୍ଛେଦ୍ୟ ଅଙ୍ଗଭାବେ ଆମ ପାର୍ଟି, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ନୀରବ ଦର୍ଶକ ହୋଇ ରହିପାରେନା । ପୂର୍ବରୁ ଯେଉଁସବୁ ବକ୍ତବ୍ୟ ଗୁଡିକ ସମ୍ପର୍କରେ ଆମେ କହିଛୁ, ସେଗୁଡିକ କ୍ଷେତ୍ରରେ ହୁଏତ ସମର୍ଥନ, ନଚେତ ବିରୋଧୀତା – ଏଭଳି ଦୃଷ୍ଟିଭଙ୍ଗୀ ସଠିକ୍ ନୁହେ ବୋଲି ଆମ ଦଳ ମନେକରେ । ଧରାବନ୍ଧା ଅନ୍ଧ, ଯାନ୍ତ୍ରିକ ଦୃଷ୍ଟିଭଙ୍ଗୀ ନେଇ ସମସ୍ୟାଟିକୁ ଦେଖିଲେ ତାହାର କୌଣସି ସମାଧାନ ହୋଇପାରିବ ନାହିଁ, ତେଣୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବା ଅତ୍ୟନ୍ତ ଜରୁରୀ । ଏହି ପ୍ରୟୋଜନକୁ ସାମନାରେ ରଖି ଏବଂ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନରେ ଆଜି ଯେଉଁ ଗୁରୁତର ଆଦର୍ଶଗତ ସଂକଟ ଦେଖାଦେଇଛି, ତାର ସମାଧାନର ସଂଗ୍ରାମରେ ଆମର

ଭୂମିକା ପାଳନ କରିବାର ବିପ୍ଲବୀ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ, ଆମେ ମନେକରୁ ଏହି ପ୍ରସଙ୍ଗରେ ଆମର ବକ୍ତବ୍ୟ ସାଧାରଣଭାବେ ଭାତୃପ୍ରତିମ କମ୍ୟୁନିଷ୍ଟ ପାର୍ଟି ଗୁଡିକ ସମ୍ମୁଖରେ ଏବଂ ବିଶେଷ କରି କମ୍ରେଡ କୃଶ୍ଚେଭଙ୍କ ସମ୍ମୁଖରେ ତୋଳି ଧରିବା ଆମର ଏକ ଜରୁରୀ ଓ ନୈତିକ କର୍ତ୍ତବ୍ୟ । ସେଥିପାଇଁ ଏହି ଖୋଲାଚଠିର ଅବତାରଣା । ଆମେ ଆଶାକରୁ ଏବଂ ବିଶ୍ୱାସ କରୁ, ସଂଶ୍ଳିଷ୍ଟ ସମସ୍ତ କମ୍ରେଡ ଏହାକୁ ଯଥାଯୋଗ୍ୟ ଗୁରୁତ୍ୱ ଦେଇ ବିଚାର କରିବେ ।

## କୌଣସି ପ୍ରକାର ଏକଦେଶଦର୍ଶୀତା ରହିବା ଉଚିତ ନୁହେଁ

ମୂଳ ଆଲୋଚ୍ୟ ବିଷୟକୁ ଯିବା ପୂର୍ବରୁ ଆମର ଆନ୍ତରିକ ଆବେଦନ, ଅନ୍ଧ କୃଶ୍ଚେଭ ବିରୋଧୀତା କିମ୍ବା ଅନ୍ଧ ଷ୍ଟାଲିନ ବିରୋଧିତାର ମନ ନେଇ ସମସ୍ୟାଟିକୁ ବିଚାର କରିବେ ନାହିଁ । ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ, ଷ୍ଟାଲିନଙ୍କ ସମୟରେ ଯାହା ଯାହା ଘଟିଛି ତାର ସଠିକ ମୂଲ୍ୟାୟନ ନିଶ୍ଚିତ ଭାବେ ହେବା ଦରକାର, କିନ୍ତୁ ତାହା ଷ୍ଟାଲିନଙ୍କୁ ଅଯଥା ବଡ ଭାବେ ଦର୍ଶାଇବା ଅଥବା ତାଙ୍କୁ କାଳିମାଲିପ୍ତ କରିବା ପାଇଁ ନୁହେଁ, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନକୁ ତ୍ରୁଟି ଓ ସୀମାବଦ୍ଧତାରୁ ମୁକ୍ତ କରି ଆହୁରି ଶକ୍ତିଶାଳୀଭାବେ ଗଢ଼ି ତୋଳିବା ପାଇଁ ଏହା ପ୍ରୟୋଜନ । ସାଧାରଣଭାବେ ବ୍ୟକ୍ତିପୂଜା ଏବଂ ବିଶେଷଭାବେ ଷ୍ଟାଲିନ ପୂଜା, ଯାହା ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନକୁ ବର୍ତ୍ତମାନ ଆଦର୍ଶଗତ ବିଭ୍ରାନ୍ତି ଓ ସଂକଟ ମଧ୍ୟକୁ ଟାଣି ଆଣିଛି, ବ୍ୟକ୍ତିପୂଜାର ସେହି ଘୃଣ୍ୟ ମାନସିକତା ଓ ଅଭ୍ୟାସ ଯେଉଁ କାରଣ ଗୁଡିକରୁ ଜନ୍ମ ନେଲା, ଯେଉଁ ପରିବେଶରେ ଲାଳିତ ପାଳିତ ହେଲା ତାହା ଜାଣି, କିଭଳି ଭାବେ ତାହାକୁ ସମୂଳେ ଉତ୍ପାଟନ କରିପାରୁ, କିଭଳିଭାବେ ଏହି ଗୁରୁତ୍ୱପୂର୍ଣ୍ଣ କାମଟି କରିପାରୁ ତାହାହିଁ ହେଲା ଆମର, ବିଶ୍ୱର କମ୍ୟୁନିଷ୍ଟମାନଙ୍କର ଗଭୀର ଚିନ୍ତାର ବିଷୟ । ଫଳରେ ବ୍ୟକ୍ତି ଷ୍ଟାଲିନ୍ ବିରୁଦ୍ଧରେ ଲଢ଼େଇ- ଏଭଳିଭାବେ ବିଷୟଟିକୁ ଦେଖିଲେ ଚଳିବନାହିଁ, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନରେ ଯେଉଁଥିରୁ ବ୍ୟକ୍ତିପୂଜା ଜନ୍ମ ହେଉଛି, ସେହି ମୂଳ କାରଣଟିକୁ ନିର୍ମୁଳ କରିବାର ସୁଦୃଢ଼ ସଂକଳ୍ପ ନେଇ ସମସ୍ୟାଟିକୁ ବିଚାର ବିଶ୍ଳେଷଣ କରିବା ହେଉଛି ସଠିକ୍ ପଥ ।

## ବ୍ୟକ୍ତିପୂଜାର ଜନ୍ମ ଓ ବିକାଶ ସମ୍ପର୍କରେ ତଥାକଥିତ ବ୍ୟାଖ୍ୟା

ଏକଥା ବୁଝାଇ କହିବାର ପ୍ରୟୋଜନ ନାହିଁ ଯେ, ବ୍ୟକ୍ତିପୂଜା ଯୌଥ ନେତୃତ୍ୱ ସମ୍ପର୍କିତ ମାର୍କ୍ସବାଦୀ-ଲେନିନବାଦୀ ଧାରଣାର ସମ୍ପୂର୍ଣ୍ଣ ବିରୋଧି । କିନ୍ତୁ ଏକଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଷ୍ଟାଲିନଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଅଣମାର୍କ୍ସବାଦୀ ବ୍ୟକ୍ତି

ଉପାସନା ଦେଖା ଦେଇଥିଲା ଏବଂ ତାହା ବଢ଼ି ବଢ଼ି ପାର୍ଟି ଜୀବନରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଏକଥା ମଧ୍ୟ ସତ୍ୟ ଯେ ଏହାଫଳରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ଅପରିସୀମ କ୍ଷତି ହୋଇଛି । ଏହିସବୁ ପ୍ରଶ୍ନରେ କୃଶ୍ଚେଭ ଏବଂ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ଅନ୍ୟାନ୍ୟ ନେତାମାନଙ୍କ ସହ ଆମର ମତପାର୍ଥକ୍ୟ ନାହିଁ, କିନ୍ତୁ ଏହା ସହିତ ଆମେ ଏକଥା ବି ନକହି ରହିପାରୁନା ଯେ, ଏହି ବ୍ୟକ୍ତିପୂଜାର ମୂଳ କାରଣ କଣ, କେଉଁଠି ତାର ମୂଳ ନିହିତ, ଏହାର ମାରାତ୍ମକ ପ୍ରଭାବ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର କେତେ ଗଭୀରକୁ ପ୍ରବେଶ କରିଛି - ଏଗୁଡିକ ଖୋଜି ବାହାର କରିବାର କୌଣସି ଆନ୍ତରିକ ଚେଷ୍ଟା କୌଣସି ମହଲରୁ ହିଁ ଏପର୍ଯ୍ୟନ୍ତ କରାଯାଇନାହିଁ । ଏ ବିଷୟରେ ଆଜିପର୍ଯ୍ୟନ୍ତ ତିନି ଧରଣର ବ୍ୟାଖ୍ୟା ଆମେ ପାଇଛୁ, ଯେଉଁ ଗୁଡିକ ଆମ ବିବେଚନାରେ ଭ୍ରାନ୍ତ । ଏବେ ସେଗୁଡିକୁ ବିଚାର କରି ଦେଖାଯାଉ । କେଉଁଥିରୁ ଏହି ବ୍ୟକ୍ତିପୂଜାର ଜନ୍ମ ସେ ସମ୍ପର୍କରେ କିଛି କମ୍ରେଡ ମନେ କରନ୍ତି, ଏହି ବ୍ୟକ୍ତିପୂଜାର ଜନ୍ମ ଓ ବିକାଶ ପାଇଁ ଷ୍ଟାଲିନଙ୍କ ଚରିତ୍ରର ନେତିବାଚକ ଦିଗଗୁଡିକ ହିଁ (ନେଗେଟିଭ କ୍ୱାଲିଟିଜ୍ ଅଫ୍ ଷ୍ଟାଲିନ) ସମ୍ପୂର୍ଣ୍ଣରୂପେ ଦାୟୀ । ଏ ଧରଣର ବ୍ୟାଖ୍ୟା ପୁରାପୁରି ଅବୈଜ୍ଞାନିକ, କାରଣ ଏଭଳି ଭାବେ ବ୍ୟାଖ୍ୟା କରିବାର ଅର୍ଥ ହେଲା ଇତିହାସରେ ବ୍ୟକ୍ତିର ଯେଉଁ ଭୂମିକା ତା'ଉପରେ ଅତିମାତ୍ରାରେ ଜୋର ଦେବା ଏବଂ ଏକଥା ଧରିନେବା ଯେ ମଣିଷର ଚାରିତ୍ରିକ ବୈଶିଷ୍ଟ୍ୟ ଏବଂ ଚରିତ୍ରର ଦୋଷଗୁଣ ସଂଗ୍ରାମର ବାସ୍ତବ ପ୍ରକ୍ରିୟା ମଧ୍ୟ ଦେଇ ଗଢ଼ି ଉଠେ ନା, ଏସବୁ ବସ୍ତୁସୀମାର, ଅର୍ଥାତ୍ ପିରବେଶ ସ୍ଥାନ କାଳପାତ୍ରର (material condition)ର ଉର୍ଦ୍ଧ୍ୱରେ । ତାହାଛଡା, ସମସ୍ତ ମଣିଷ ହିଁ ଦୋଷଗୁଣରେ ମଣିଷ, ତ୍ରୁଟି କାହାରି କମ୍, କାହାରି ବେଶୀ । ପୁଣି ଜଣକ ମଧ୍ୟରେ କିଛି ନେତିବାଚକ ଦିଗ ରହିଛି ବୋଲି ତାହା ସର୍ବକ୍ଷେତ୍ରରେ ମାରାତ୍ମକ ତ୍ରୁଟିରୂପେ ଦେଖାଦେବ, ବିଷୟଟି ସେଭଳି ନୁହେଁ । ନେତିବାଚକ ଦିଗଗୁଡିକ ବଢ଼ିବା ଭଳି ଅନୁକୂଳ ପରିବେଶ ପାଇଲେ ଏକମାତ୍ର ସେତେବେଳେ ହିଁ କାହାରି ତ୍ରୁଟିର ଦିଗ ଗୁଡିକ ତାର ଚରିତ୍ରର ପ୍ରଧାନ ବୈଶିଷ୍ଟ୍ୟ ହୋଇ ଦେଖାଦେଇପାରେ । ବ୍ୟକ୍ତିପୂଜା ଗଢ଼ି ଉଠିବାର ଓ ତାହା କ୍ରମାଗତଭାବେ ବୃଦ୍ଧି ପାଇବାର ଅନୁକୂଳ ପରିବେଶ ଦଳଭିତରେ ଯଦି ନଥାଆନ୍ତା, ତେବେ ସୋଭିଏତ୍ ପାର୍ଟି ଭଳି ଏକ କମ୍ୟୁନିଷ୍ଟ ପାର୍ଟିର ବ୍ୟକ୍ତିପୂଜାର ଚର୍ଚ୍ଚା ଏବଂ ଅନ୍ୟମାନଙ୍କୁ ସେହି ଚର୍ଚ୍ଚାରେ ସାମିଲ କରାଇବା କ୍ଷେତ୍ରରେ ବିରାଟ ବ୍ୟକ୍ତିତ୍ୱର ଅଧିକାରୀ ହେବା ସତ୍ତ୍ୱେ ବି ଷ୍ଟାଲିନଙ୍କୁ ମଧ୍ୟ ବ୍ୟର୍ଥ ହେବାକୁ ପଡନ୍ତା । ଯଥାର୍ଥରେ କି ଧରଣର ପରିବେଶରେ ଷ୍ଟାଲିନଙ୍କର ନେତିବାଚକ ଦିଗଗୁଡିକ(negative qualities of stalin) ତାଙ୍କ ଚରିତ୍ରର ମୁଖ୍ୟ ବୈଶିଷ୍ଟ୍ୟ ହୋଇ ଦେଖା ଦେଇପାରିଲା, ତାହା ଖୋଜି ବାହାର କରିବାକୁ ହେଲେ, ଦେଖିବାକୁ ହେବ ସୋଭିଏତ କମ୍ୟୁନିଷ୍ଟ

ପାର୍ଟିର ନେତୃତ୍ୱକାରୀ ପାର୍ଟି ବଡିରେ ତାଙ୍କର ସହଯୋଦ୍ଧା କମ୍ରେଡମାନଙ୍କର ଭୂମିକା କ'ଣ ଥିଲା । ଦେଖିବାକୁ ହେବ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଓ ବ୍ୟକ୍ତିଗତ ଭାବେ ଷ୍ଟାଲିନ୍ଙ୍କ ସହ ସମ୍ପର୍କ କ୍ଷେତ୍ରରେ ଅନ୍ୟାନ୍ୟ ଦେଶର କମ୍ୟୁନିଷ୍ଟ ପାର୍ଟି ନେତାମାନଙ୍କର ଭୂମିକା କ'ଣ ଥିଲା ? ପୁଣି ତା' ସହିତ ଦେଖିବାକୁ ହେବ ବ୍ୟକ୍ତି ଷ୍ଟାଲିନ୍ଙ୍କର ଭୂମିକା କ'ଣ ଥିଲା । ଏହାଛଡା ମଧ୍ୟ ଷ୍ଟାଲିନଙ୍କ ଚରିତ୍ରର ଯେଉଁ ଦିଗଗୁଡିକୁ ବର୍ତ୍ତମାନ ସୋଭିଏତ୍ ନେତୃତ୍ୱ ତାଙ୍କର ତ୍ରୁଟିର ଦିଗ ବୋଲି ଚିହ୍ନିତ କରୁଛି ତାହା ତ୍ରୁଟି ବୋଲି ମାନିନେବା ପୂର୍ବରୁ, ସେଗୁଡିକ ଯଥାର୍ଥରେ ତ୍ରୁଟି କି ନୁହେଁ ତାହା ବିଜ୍ଞାନସମ୍ମତଭାବେ ଏବଂ କମ୍ୟୁନିଷ୍ଟ ନୈତିକ ମୂଲ୍ୟବୋଧର ସଠିକ ଉପଲବ୍ଧି ଉପରେ ଭିତ୍ତିକରି ବିଚାର କରିବାକୁ ହେବ, ଦର୍ଶାଇବାକୁ ହେବ ଯେ, କମ୍ୟୁନିଷ୍ଟ ମୂଲ୍ୟବୋଧର ଧାରଣା ବୁର୍ଜୁଆ ମାନବତାବାଦୀ ମୂଲ୍ୟବୋଧର ଧାରଣାଠାରୁ ସମ୍ପୂର୍ଣ୍ଣ ପୃଥକ । କିନ୍ତୁ ଦୁଃଖର କଥା ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ବର୍ତ୍ତମାନ ନେତୃତ୍ୱର କେହି ଏହି ଦିଗଟି ଉପରେ କୌଣସି ପ୍ରକାର ଆଲୋକପାତ କରିନାହାନ୍ତି । ପୁଣି ଏଭଳି କିଛି କମ୍ରେଡ ଅଛନ୍ତି, ଯେଉଁମାନେ ଷ୍ଟାଲିନଙ୍କୁ ବା ଷ୍ଟାଲିନ ଯାହା କରିଛନ୍ତି ତାକୁ ସମର୍ଥନ କରିବାର ଅତ୍ୟୁତ୍ସାହ ଯୋଗୁଁ କହିଛନ୍ତି ଯେ, ଆଭ୍ୟନ୍ତରୀଣ ବିପଦ ଓ ବୈଦେଶିକ ଆମନ୍ତ୍ରଣ ହାତରୁ ପ୍ରଥମ ସମାଜତାନ୍ତ୍ରିକ ରାଷ୍ଟ୍ରକୁ ବଞ୍ଚାଇବାକୁ ଯେଉଁ ବିଶେଷ ପରିସ୍ଥିତି ମଧ୍ୟରେ ଷ୍ଟାଲିନଙ୍କୁ କାମ କରିବାକୁ ହୋଇଥିଲା ତାହା ଏଭଳି ଯେ, ସେ ପରିସ୍ଥିତି ମଧ୍ୟରେ ବ୍ୟକ୍ତିପୂଜା ଏବଂ ଅନ୍ୟାନ୍ୟ କ୍ଷତିକାରକ ଦିଗଗୁଡିକୁ ଏଡେଇ ଯିବାର କୌଣସି ଉପାୟ ନଥିଲା । କିନ୍ତୁ ଏଭଳି ଯୁକ୍ତି କୌଣସି ସଚେତନ ମାର୍କ୍ସବାଦୀ ମାନି ନେଇପାରିବେ ନାହିଁ । ଏହା ମାର୍କ୍ସବାଦୀ ଧାରଣା ନୁହେଁ, ଏହା ହେଲା ଅର୍ଥନୈତିକ ନିଶ୍ଚୟତାବାଦ (economic determinism)ର ଭ୍ରାନ୍ତଧାରଣା ଗର୍ଭରୁ ସୃଷ୍ଟି ହୋଇଥିବା ଏକ ଧରଣର ବିକୃତ ବସ୍ତୁବାଦ (vulgar materialism) ଯାହାକୁ ସଦାସର୍ବଦା ମାର୍କ୍ସବାଦର ଶତ୍ରୁମାନେ (renegades) ମାର୍କ୍ସବାଦ ନାଁରେ ଚଳାଇବାକୁ ଚାହିଁଛନ୍ତି । ଏଭଳି ପରିସ୍ଥିତିରେ ଗୋଟାଏ ପାର୍ଟି ଠିକ୍ ପଥରେ ଚାଲିପାରେ ପୁଣି ଭୁଲ ବି କରିପାରେ । ପାର୍ଟିର ଏ ଧରଣର ଭୁଲ ଭ୍ରାନ୍ତିର କାରଣ ବ୍ୟାଖ୍ୟା କରିବାକୁ ଯାଇ ଯଦି କୁହାଯାଏ ଯେ, ଏ ସମସ୍ତ ହିଁ ଏକ ବିଶେଷ ସମୟର ବାସ୍ତବ ଅବସ୍ଥାର ଫଳଶ୍ରୁତି ମାତ୍ର, ତାହାହେଲେ ତା'ଦ୍ୱାରା ଦଳର ନିଜସ୍ୱ ଭୂମିକାକୁ (subjective role) ଅସ୍ୱୀକାର କରାଯିବ, ଯାହାର ଅର୍ଥ ହେବ ବାସ୍ତବ ପରିସ୍ଥିତିର ପଛେ ପଛେ ଚାଲିବା, ଅର୍ଥନୈତିକ ନିଶ୍ଚୟତାବାଦ ଏବଂ ସମସ୍ତ ହିଁ ନିୟତି ଭଳି ଅନିବାର୍ଯ୍ୟ – ଏଭଳି ଭ୍ରାନ୍ତ ଧାରଣାର ପଙ୍କରେ ନିମଜ୍ଜିତ ହେବା । ପୁଣି ଏଭଳି କିଛି କମ୍ରେଡ ଅଛନ୍ତି ଯେଉଁମାନେ ଦେଶର ସାମାଜିକ, ଅର୍ଥନୈତିକ ପରିସ୍ଥିତିକୁ ହିଁ ବ୍ୟକ୍ତିପୂଜା ଗଢ଼ିଉଠିବାର କାରଣ ବୋଲି ମନେ

କରନ୍ତି । ଏମାନଙ୍କୁ ପୁଣି ଦୁଇଭାଗରେ ବିଭକ୍ତ କରାଯାଇପାରେ । ଏମାନଙ୍କ ମଧ୍ୟରେ ଦଳେ ଅଛନ୍ତି, ସେମାନେ କମ୍ୟୁନିଷ୍ଟ ଏକଥା ଠିକ୍ । କିନ୍ତୁ ଚେତନାର ନିମ୍ନମାନ ଫଳରେ ସେମାନେ ବାସ୍ତବ ପରିସ୍ଥିତି ଉପେର ମାତ୍ରାତିରିକ୍ତ ଗୁରୁତ୍ୱ ଦେଉଛନ୍ତି, ଯାହାଫଳରେ ଚିନ୍ତା ଓ ଆଦର୍ଶର ଭୂମିକାକୁ ଗୌଣ କରି ଦେଖୁଛନ୍ତି । ଅର୍ଥାତ୍ ଅଜାଣତରେ ହେଲେ ବି ସେମାନେ ସେହି ଅର୍ଥନୈତିକ ନିଶ୍ଚୟତାବାଦ (economic determinism)କୁ ଦୋହରାଉଛନ୍ତି- ଯାହା ସାମ୍ୟବାଦୀ ଆନ୍ଦୋଳନର କ୍ଷତିସାଧନ କରୁଛି । ଅପରଦିଗରେ ସୋସାଲ ଡେମୋକ୍ରାଟମାନେ ରହିଛନ୍ତି, ଯେଉଁମାନେ କି ସମାଜତନ୍ତ୍ରକୁ ହେୟ କରିବାର ଘୃଣ୍ୟ ଉଦ୍ଦେଶ୍ୟରୁ ଏଭଳି ଘଟଣାକୁ ହତିଆର ଭାବେ କାମରେ ଲଗାଇ ବିଶେଷଭାବେ ସୋଭିଏତ ଋଷିଆ ଓ ଅନ୍ୟାନ୍ୟ ସମାଜତାନ୍ତ୍ରିକ ଦେଶ ବିରୁଦ୍ଧରେ ଏବଂ ସାଧାରଣ ଭାବେ କମ୍ୟୁନିଜିମ୍ ବିରୁଦ୍ଧରେ କୁତ୍ସା ପ୍ରଚାର କରୁଛନ୍ତି । ତେଣୁ କମ୍ରେଡ, ଏହି ଯେଉଁ ତିନିଧରଣର ବିଚାର ବିଶ୍ଳେଷଣ, ଏଥିରୁ କୌଣସିଟି ବି ବ୍ୟକ୍ତିପୂଜା ମୁଣ୍ଡ ଟେକିବା ଓ ବୃଦ୍ଧି ପାଇବାର ମୂଳ କାରଣଟିକୁ ସଠିକଭାବେ ତୋଳି ଧରିପାରିନାହିଁ । ଅଥଚ ଯଦି ମୂଳକାରଣଟିକୁ ଖୋଜି ବାହାର କରାନଯାଏ, ଯଦି ଦୃଢ଼ ଓ ଅବିଚଳ ସଂଗ୍ରାମ ମଧ୍ୟ ଦେଇ ତାହା ଦୂର କରାନଯାଏ, ତେବେ ବ୍ୟକ୍ତିପୂଜା ନିର୍ମୂଳ କରିବା ସମ୍ଭବ ନୁହେଁ । ତେଣୁ ପ୍ରଶ୍ନ ହେଉଛି ଯେ, ବ୍ୟକ୍ତିପୂଜା ମୁଣ୍ଡଟେକିବାର ମୂଳ କାରଣଟି କଣ ?

## ବ୍ୟକ୍ତିପୂଜା ଗଢ଼ି ଉଠିବାର ମୂଳ କାରଣ

ଆମେ ଦେଖିଛୁ, ଷ୍ଟାଲିନ୍ଙ୍କ ସମୟରେ ବିରାଟ ଅଗ୍ରଗତି ଓ ସାଫଲ୍ୟ ସତ୍ତ୍ୱେ ବି କେତେଗୁଡ଼ିଏ ଗୁରୁତର ତ୍ରୁଟି, କେତେଗୁଡ଼ିଏ ସୀମାବଦ୍ଧତା ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନକୁ ଦୂଷିତ କରିଛି, ଯାହାଫଳରେ ଯଥେଷ୍ଟ କ୍ଷତି ହୋଇଛି । ଆମେ ମନେକରୁ, ଆଦର୍ଶଗତ କ୍ଷେତ୍ରରେ ଏହି ସୀମାବଦ୍ଧତା ଓ ତ୍ରୁଟି ଗୁଡିକ ମଧ୍ୟରେ ବ୍ୟକ୍ତିପୂଜା ମୁଣ୍ଡ ଟେକିବାର ଓ ବୃଦ୍ଧିପାଇବାର ମୂଳ କାରଣଟି ନିହିତ ରହିଛି । ଏହି ତ୍ରୁଟିଗୁଡିକ କଣ ? **ଆମର ସୁଚିନ୍ତିତ ଅଭିମତ ହେଉଛି, ଷ୍ଟାଲିନ୍ଙ୍କ ନେତୃତ୍ୱ କାଳରେ 'ଅଥରିଟି' ସମ୍ପର୍କିତ ମାର୍କ୍ସବାଦ-ଲେନିନ୍‌ବାଦ ସମ୍ମତ ଧାରଣା ସହିତ ଗୁରୁବାଦକୁ ଗୋଳିଆମିଶା କରି ଦିଆଯାଇଥିଲା ।** ଏହି ବିଭ୍ରାନ୍ତ ହିଁ ଆଦର୍ଶଗତ କ୍ଷେତ୍ରରେ ବ୍ୟକ୍ତିପୂଜାର ବୀଜବପନ କରିଛି । ମାର୍କ୍ସବାଦ-ଲେନିନ୍‌ବାଦରେ 'ଅଥରିଟି' ଧାରଣା କାମକରେ- ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ମାର୍କ୍ସବାଦ-ଲେନିନବାଦ ସମ୍ମତ ଏହି 'ଅଥରିଟି'ର ଧାରଣା ସହିତ ଗୁରୁବାଦର ତିଳେମାତ୍ର ସାଦୃଶ୍ୟ ନାହିଁ, ଗୁରୁବାଦର ଭିତ୍ତିହେଲା ନେତୃତ୍ୱ ସହିତ ସଂଗ୍ରାମ ବିବର୍ଜିତ, ଅନ୍ଧ ଆନୁଗତ୍ୟ; ଗୁରୁବାଦ ମନେକରେ, ଅଥରିଟିର କଦାପି ଭୁଲ

ହୋଇପାରେନା, ଅଥରିଟି ସମସ୍ତ ସମାଲୋଚନା ଉର୍ଦ୍ଧ୍ୱରେ, ଅର୍ଥାତ୍ 'ଅଥରିଟି'କୁ ଚୂଡ଼ାନ୍ତ ଭାବେ ଦେବତା ବନେଇ ଦିଏ। ଅଥରିଟି ସମ୍ପର୍କରେ ଏହି ଯେଉଁ ଯୁକ୍ତିହୀନ ଅନ୍ଧ ଧାରଣା, ଏହା ସହିତ ଅଥରିଟି ସମ୍ପର୍କିତ ଦ୍ୱାନ୍ଦିକ ବସ୍ତୁବାଦୀ ଧାରଣାକୁ କୌଣସି ମତେ ସମାନ ବୋଲି ଦେଖିଲେ ଚଳେନା। ଅଥରିଟି ସମ୍ପର୍କିତ ଦ୍ୱାନ୍ଦିକ ଧାରଣା ନେତୃତ୍ୱ ସହିତ ଦ୍ୱାନ୍ଦିକ ପ୍ରକ୍ରିୟାକୁ ତ ବାଦ ଦିଏନା, ବରଂ ଏହି ଦ୍ୱନ୍ଦ୍ୱ ସମନ୍ୱୟର ପ୍ରକ୍ରିୟାକୁ ପ୍ରୟୋଜନୀୟ ପୂର୍ବସର୍ତ୍ତ ବୋଲି ମନେକରେ, ଏହି ଦ୍ୱନ୍ଦ୍ୱ ବିରୋଧାତ୍ମକ ଚରିତ୍ରର ଦ୍ୱନ୍ଦ୍ୱ ନୁହେଁ, ଅଥରିଟି ସହ ଏହି ଦ୍ୱନ୍ଦ୍ୱର ଉଦ୍ଦେଶ୍ୟ ହେଉଛି, ଅଥରିଟି ସହିତ ଐକ୍ୟକୁ ସୁଦୃଢ଼ କରିବା ଏବଂ ଅଥରିଟିକୁ ଆହୁରି ଶକ୍ତିଶାଳୀ କରିବା। ଆଦର୍ଶଗତ କ୍ଷେତ୍ରରେ ଏହି ବିଭ୍ରାନ୍ତି ଫଳରେ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଗୁଡିକ ମଧ୍ୟରେ ଦ୍ୱାନ୍ଦିକ ସମ୍ପର୍କ ପରିବର୍ତ୍ତେ ଯାନ୍ତ୍ରିକ ସମ୍ପର୍କ ଗଢ଼ି ଉଠିଛି। ଏହା ଫଳରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱକାରୀ ସଂଗଠନ ମଧ୍ୟରେ ଗଣତାନ୍ତ୍ରିକ କେନ୍ଦ୍ରୀକତାର ବୁନିଆଦ ନଷ୍ଟ ହୋଇଯାଇ ତାହା ଯାନ୍ତ୍ରିକ କେନ୍ଦ୍ରୀକତା ଭିତ୍ତିରେ ଗଠିତ ଏକ କେନ୍ଦ୍ରୀଭୂତ ବଡିରେ ପରିଣତ ହୋଇଛି। ପୁଣି ପ୍ରତ୍ୟେକ କମ୍ୟୁନିଷ୍ଟ ପାର୍ଟିର ଆଭ୍ୟନ୍ତରୀଣ ପାର୍ଟି ଜୀବନରେ ଏହାର ପ୍ରଭାବ ପଡିଛି। ଦଳର ଯୌଥ ନେତୃତ୍ୱ ଯେଉଁ ନେତାଙ୍କ ମଧ୍ୟ ଦେଇ ପ୍ରତିଫଳିତ ହୋଇଛି ତାଙ୍କ ସହିତ ଦଳର ଅନ୍ୟ ସମସ୍ତଙ୍କର ଦ୍ୱନ୍ଦ୍ୱ-ସମନ୍ୱୟର ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ଲୋପ ପାଇଛି। ଗୋଟିଏ କଥାରେ ପାର୍ଟିର ଆଭ୍ୟନ୍ତରୀଣ ଜୀବନରେ ଆଦର୍ଶଗତ ସଂଗ୍ରାମର ପ୍ରକ୍ରିୟାଟି କାର୍ଯ୍ୟତଃ ବନ୍ଦ ହୋଇଯାଇଛି। ପାର୍ଟି ବଡିଗୁଡିକରେ ଦ୍ୱନ୍ଦ୍ୱ ସମନ୍ୱୟର ପଦ୍ଧତିରେ ତର୍କବିତର୍କର ମଧ୍ୟଦେଇ ସିଦ୍ଧାନ୍ତରେ ଉପନୀତ ହେବାର (discussion in dialogue) ପ୍ରକ୍ରିୟାଟି ଯଦି ନଥାଏ, ତେବେ ଗଣତାନ୍ତ୍ରିକ କେନ୍ଦ୍ରୀକତାର ଅଧଃପତନ ହେବାକୁ ବାଧ୍ୟ, ସେତେବେଳେ ବାସ୍ତବପକ୍ଷେ ତାହା ନିୟମତାନ୍ତ୍ରିକ (formal) ଗଣତନ୍ତ୍ର ଭିତ୍ତିରେ କେନ୍ଦ୍ରୀକତାରେ ପରିଣତ ହୁଏ। ପରିଣାମତଃ ତଳସ୍ତରର ବ୍ୟାପକ ପାର୍ଟିକର୍ମୀମାନଙ୍କ ଠାରୁ ନେତୃତ୍ୱକୁ ବିଚ୍ଛିନ୍ନ କରି ଅମଲାତାନ୍ତ୍ରିକ ନେତୃତ୍ୱର ଜନ୍ମଦିଏ, ଚିନ୍ତାଭାବନା କ୍ଷେତ୍ରରେ ଦ୍ୱାନ୍ଦିକ ପ୍ରକ୍ରିୟା ପରିବର୍ତ୍ତେ ଯାନ୍ତ୍ରିକ ପ୍ରକ୍ରିୟା ଗଢ଼ି ଉଠେ, ଦଳର ନେତାମାନଙ୍କ ସହିତ କର୍ମୀମାନଙ୍କର ଦ୍ୱନ୍ଦ୍ୱ ସମନ୍ୱୟ ସମ୍ପର୍କ ପରିବର୍ତ୍ତେ ଯାନ୍ତ୍ରିକ ସମ୍ପର୍କ ପ୍ରତିଷ୍ଠିତ ହୁଏ। ସେତେବେଳେ ନେତାମାନେ 'ପ୍ରାଇମ୍ ମୁଭାର' (ଆଦିଚାଳିକା ଶକ୍ତି)ର ଭୂମିକା ପାଳନ କରନ୍ତି, ସେମାନେ ହୁକୁମନାମା ଜାରୀ କରନ୍ତି ଏବଂ କର୍ମୀମାନେ ସେହି ହୁକୁମନାମା ଅନ୍ଧଭଳି ଯାନ୍ତ୍ରିକଭାବେ ପାଳନ କରି ଚାଲନ୍ତି। ଏଭଳି ଅବସ୍ଥାରେ ପାର୍ଟି ବଡିରେ ନେତୃତ୍ୱ ସହିତ କର୍ମୀମାନଙ୍କର ଯେଉଁ ଆଳାପ ଆଲୋଚନା ହୁଏ, ତାହା ଦ୍ୱନ୍ଦ୍ୱ ସମନ୍ୱୟ ପ୍ରକ୍ରିୟାରେ ଆଳାପ ଆଲୋଚନା କରିବା ପାଇଁ (discussion in dialogue) କରାଯାଏନା, ତାହା କେବଳ ନେତାମାନଙ୍କ ବକ୍ତବ୍ୟ

କର୍ମୀମାନଙ୍କୁ ଜଣାଇବା ବା ବୁଝାଇବା ପାଇଁ କରାଯାଏ । ଏଭଳି ଅବସ୍ଥାରେ ଦଳ ଭିତରେ ଯଦି ଜଣେ ପ୍ରଖର ବ୍ୟକ୍ତିତ୍ୱ ସମ୍ପନ୍ନ ନେତା ଥାଆନ୍ତି, ତେବେ ତାଙ୍କୁ କେନ୍ଦ୍ରକରି ବ୍ୟକ୍ତିପୂଜା ଗଢ଼ି ଉଠିବାର ଓ ତାହା ବୃଦ୍ଧି ପାଇବାର ପଥ ପ୍ରଶସ୍ତ ହୁଏ, ଆଉ ଯଦି ସେଭଳି ପ୍ରଖର ବ୍ୟକ୍ତିତ୍ୱ ସମ୍ପନ୍ନ ନେତା ନଥାନ୍ତି, ତେବେ ଏଭଳି ଅବସ୍ଥାରେ ଦଳ ଭିତରେ ଗ୍ରୁପ୍ ତିଆରି ହୁଏ । ମାତ୍ର ଉଭୟ କ୍ଷେତ୍ରରେ ଉପରୁ ସ୍ତରେ ସ୍ତରେ ଅମଲାତନ୍ତ୍ର ଗଢ଼ି ଉଠେ ଓ ତାହା କାମ କରିଚାଲେ । ଯେଉଁଠି ଗ୍ରୁପ୍ ଥାଏ, ସେଠାରେ ଗ୍ରୁପ୍‌ଗୁଡ଼ିକ ମଧ୍ୟରେ ବୁଝାମଣା ଓ ଆପୋଷ ଜରିଆରେ ନେତୃତ୍ୱର କାମ ଚାଲେ ଏବଂ ଦଳର ଐକ୍ୟ ରକ୍ଷା କରିବା ପାଇଁ ସାଧାରଣକର୍ମୀମାନଙ୍କ ନିକଟରେ ସାମ୍ରାଜ୍ୟବାଦ ବିରୋଧୀ, ଗଣତାନ୍ତ୍ରିକ ଓ ସମାଜତାନ୍ତ୍ରିକ ଆନ୍ଦୋଳନର ମାନବିକ ଆବେଦନ ଭିତ୍ତିରେ ଗୋଟାଏ ଐକ୍ୟ ବଜାୟ ରଖାଯାଏ, ତାହା ଅସଲରେ ନିୟମତାନ୍ତ୍ରିକ (formal) ଐକ୍ୟ ଛଡା ଆଉ କିଛି ନୁହେଁ । କହିବା ବାହୁଲ୍ୟ, ଏହିଭଳି ଭାବେ ଯେଉଁ ନେତୃତ୍ୱ ଗଢ଼ିଉଠେ ଓ କାମକରେ, ତାହା ମାର୍କ୍ସବାଦୀ-ଲେନିନ୍‌ବାଦୀ ଯୌଥ ନେତୃତ୍ୱ ଧାରଣାର ସମ୍ପୂର୍ଣ୍ଣ ବିପରୀତ । ଆମେ ମନେକରୁ, **ଦଳର ଅଥରିଟି ସମ୍ପର୍କରେ ଯାନ୍ତ୍ରିକ ଧାରଣା ସହିତ ଷ୍ଟାଲିନ୍‌ଙ୍କ ଭଳି ପ୍ରଖର ବ୍ୟକ୍ତିତ୍ୱ ସମ୍ପନ୍ନ ନେତାଙ୍କର ଉପସ୍ଥିତି ଯୁକ୍ତ ହେବା ହିଁ ସାଧାରଣଭାବେ ବ୍ୟକ୍ତିପୂଜା ଓ ବିଶେଷଭାବେ ଷ୍ଟାଲିନ୍ ପୂଜା ଗଢ଼ି ଉଠିବା ଏବଂ ତାହା ବୃଦ୍ଧି ପାଇବା ପାଇଁ ମୂଳତଃ ଦାୟୀ ।**

## ଯୌଥ ନେତୃତ୍ୱ ଅର୍ଥ ନିଚ୍ଛକ କମିଟି ନିଷ୍ପତ୍ତି ନୁହେଁ

ବ୍ୟକ୍ତିପୂଜା ପ୍ରସଙ୍ଗରେ ବେଶ କିଛି ଦାୟିତ୍ୱଶୀଳ କମ୍ରେଡମାନଙ୍କ ଆଲୋଚନାରେ "ଦଳର ଆଭ୍ୟନ୍ତରୀଣ ଜୀବନର ଗଣତନ୍ତ୍ର" ଏବଂ "ଯୌଥ ନେତୃତ୍ୱ" ପ୍ରଭୃତି ଶବ୍ଦ ଗୁଡ଼ିକ ଏଭଳି ଭାବେ ବ୍ୟବାହର କରାଯାଇଛି, ସେଥିରୁ ବୁଝାପଡେ ଏଗୁଡ଼ିକ ସମ୍ପର୍କରେ ଉପଲବ୍ଧି କ୍ଷେତ୍ରରେ ସେମାନଙ୍କର କିଛି ତ୍ରୁଟି ରହିଛି । ଦଳର ଅଭ୍ୟନ୍ତରୀଣ ଜୀବନର ଗଣତନ୍ତ୍ର ଏବଂ ଯୌଥନେତୃତ୍ୱକୁ ଧାରଣା, ଗଣତାନ୍ତ୍ରିକ କେନ୍ଦ୍ରୀକତାର ପାର୍ଟି ସଂଗଠନ ସମ୍ପର୍କରେ ଲେନିନୀୟ ନୀତିର ଉପଲବ୍ଧି ସହିତ ଓତଃପ୍ରୋତ ଭାବେ ଜଡିତ । ଗଣତାନ୍ତ୍ରିକ କେନ୍ଦ୍ରୀକତା ହେଉଛି କେନ୍ଦ୍ରୀକତା ଓ ସର୍ବହରା ଗଣତନ୍ତ୍ରର ସମିଶ୍ରଣ । ପୁଣି ଏ କଥା ବି ସବୁବେଳେ ମନେ ରଖିବାକୁ ହେବ ଯେ ସର୍ବହରା ଗଣତନ୍ତ୍ର କେବେହେଲେ ଆନୁଷ୍ଠାନିକ ନିୟମତାନ୍ତ୍ରିକ ଗଣତନ୍ତ୍ର ନୁହେଁ, ନିୟମତାନ୍ତ୍ରିକ ଗଣତନ୍ତ୍ର ହେଉଛି ବୁର୍ଜୁଆ ସମାଜ ବ୍ୟବସ୍ଥାର ଏକ ପ୍ରତିଫଳନ ମାତ୍ର । ଆଉ ସର୍ବହରା ଗଣତନ୍ତ୍ର ଗଢ଼ିଉଠେ ସର୍ବହରା ବିଶ୍ୱ ଦୃଷ୍ଟିଭଙ୍ଗୀ ଉପରେ ଭିତ୍ତିକରି । ସୁତରାଂ ନିୟମତାନ୍ତ୍ରିକ ଗଣତନ୍ତ୍ର ଭିତ୍ତିରେ ରଚିତ ଏକ ସମ୍ବିଧାନ ଯେତେ ଭଲ ହେଉ, ଯେତେ ଉଦାର ବ୍ୟବସ୍ଥା ସେଥିରେ ଥାଉନା କାହିଁକି ତା'ର

ଭିତ୍ତିରେ ଦଳ ଭିତରେ ଗଣତାନ୍ତ୍ରିକ କେନ୍ଦ୍ରୀକତା ହାସଲ କରିବା ସମ୍ଭବ ନୁହେଁ । **ଯେଉଁ ଆଦର୍ଶଗତମାନ ଅର୍ଜନ କରି ପାରିଲେ ପାର୍ଟି ବଡି ଗୁଡିକରେ 'ତର୍କବିତର୍କ' ମଧ୍ୟ ଦେଇ ଆଲୋଚନାର (discussion in dialoge) ପ୍ରକ୍ରିୟାକୁ ସୁଚିନ୍ତିତ କରାଯାଇପାରେ, ଦଳର ସଭ୍ୟମାନେ ସେହି ପ୍ରୟୋଜନୀୟମାନ ଅର୍ଜନ କରି ପାରିଛନ୍ତି କି ନାହିଁ ଏବଂ ସର୍ବହରା ବିପ୍ଳବର କର୍ମୀଭାବେ ଦଳର ସଭ୍ୟମାନେ ସଚେତନ ଭାବେ ସେମାନଙ୍କର ଭୂମିକା ପାଳନ କରୁଛନ୍ତି କି ନାହିଁ- ମୁଖ୍ୟତଃ ଏହାରି ଉପରେ ଗଣତାନ୍ତ୍ରିକ କେନ୍ଦ୍ରୀକତାର ସାଫଲ୍ୟ ନିର୍ଭର କରେ ।** "ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ନେଇ ପାର୍ଟି ବଡିରେ ଆଲୋଚନା ଏବଂ ସିଦ୍ଧାନ୍ତ ଗ୍ରହଣ କରିବା," ଯୌଥ ନେତୃତ୍ୱ ଗଢ଼ିତୋଳିବା ପାଇଁ ଏହି ପ୍ରକ୍ରିୟା ଯେତେ ପ୍ରୟୋଜନ ହେଉନା କାହିଁକି, ଦଳ ଭିତରେ ଯଦି ଗୁରୁବାଦର ପ୍ରବଳ ହାୱା ବହୁଥାଏ ଏବଂ ଦଳର ଅଭ୍ୟନ୍ତରରେ ମତାମତର ଯଥାର୍ଥ ସଂଘର୍ଷ ଦ୍ୱନ୍ଦ୍ୱ ସମନ୍ୱୟର ପ୍ରକ୍ରିୟାଟି ନଥାଏ ତେବେ 'ପାର୍ଟି ବଡିରେ ଆଲୋଚନା ଓ ସିଦ୍ଧାନ୍ତ' ହୋଇଛି ବୋଲି ଦଳରେ ଯୌଥ ନେତୃତ୍ୱ ଗଢିଉଠିଛି ବିଷୟଟି ଏଭଳି ନୁହେଁ, ବୁର୍ଜୁଆ ଦଳଗୁଡିକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ନେଇ ପାର୍ଟି ବଡ଼ିରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ କରାଯାଏ । ଏହି କାରଣରୁ ବୁର୍ଜୁଆ ପାର୍ଟି ଗୁଡିକରେ ମଧ୍ୟ ଯୌଥ ନେତୃତ୍ୱ କାମକରେ । ଏକଥା ସାମାନ୍ୟ କାଣ୍ଡଜ୍ଞାନ ଥିଲେ କୌଣସି ବ୍ୟକ୍ତି କହି ପାରେନା । ଗୋଟିଏ ଶ୍ରମିକ ଶ୍ରେଣୀ ଦଳର ଅଭ୍ୟନ୍ତରରେ ଯଥାର୍ଥ ଗଣତାନ୍ତ୍ରିକ କେନ୍ଦ୍ରୀକତାର ପ୍ରକ୍ରିୟାଟି ନଷ୍ଟ ହୋଇଯାଇ ତାହା ଯେତେବେଳେ ନିୟମତାନ୍ତ୍ରିକ ଗଣତାନ୍ତ୍ରରେ ପର୍ଯ୍ୟବେସିତ ହୁଏ ସେତେବେଳେ ତାର ଅବସ୍ଥା ଓ ବୁର୍ଜୁଆ ପାର୍ଟି ଗୁଡିକର ଅବସ୍ଥା ମଧ୍ୟରେ କୌଣସି ପାର୍ଥକ୍ୟ ରହେନାହିଁ । ଏଭଳି ପରିସ୍ଥିତିରେ ଯଦି 'ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡିକୁ ନେଇ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ କରାଯାଏ ତେବେ ତାହା ଅତି ବେଶୀରେ କମିଟି ସିଦ୍ଧାନ୍ତ' ହୋଇପାରେ ତା' ଠାରୁ ଅଧିକ କିଛି ନୁହେଁ । **ଯୌଥ ନେତୃତ୍ୱ ଅର୍ଥ ନିଛକ କମିଟି ସିଦ୍ଧାନ୍ତ ନୁହେଁ । ଦଳର ସମସ୍ତ ସଭ୍ୟ ମାନଙ୍କର ସାମାଜିକ ସଚେତନତା ଯେତେବେଳେ ଯୌଥଜ୍ଞାନର ରୂପ ଗ୍ରହଣ କରେ- ସେତେବେଳେ ହିଁ ଯୌଥ ନେତୃତ୍ୱ ସୃଷ୍ଟି ହୋଇଥାଏ ।**

## ଉଗ୍ର ଗଣତନ୍ତ୍ରର ଧାରଣା କାମ କରୁଛି

ପୂର୍ବରୁ ଉଲ୍ଲେଖ କରାଯାଇଥିବା ବେଶକିଛି ଦାୟିତ୍ୱଶୀଳ କମ୍ରେଡମାନଙ୍କର ଆଲୋଚନା କ୍ଷେତ୍ରରେ ଅଧିକାଂଶ ସମୟରେ ଏକ ଭ୍ରାନ୍ତ ଝୁଙ୍କ୍ ଦେଖାଯାଏ । ଅତୀତରେ ଅଥରିଟି ପ୍ରତି ଯେଉଁ ଅନ୍ଧ ଆନୁଗତ୍ୟ ଥିଲା ତାହା ଯାଗାରେ ବର୍ତ୍ତମାନ ଠିକ୍ ଓଲଟା କାମ

ହେଉଛି- ତାହା ହେଲା ଅଥରିଟିକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବାର ଝୁଙ୍କ୍ । ଅର୍ଥାତ୍ ଗୋଟିଏ ଘଟଣାର ପ୍ରତିକ୍ରିୟା ଭାବେ ତା'ର ବିପରୀତ କାମଟି କରିବା – ଏହା ଏକ ନିଛକ ବୁର୍ଜୁଆ ନୀତି । ଏଇ ଝୁଙ୍କ୍‌ଟିକୁ ଯଦି ଏଇ ମୁହୂର୍ତ୍ତରୁ ସଂଗ୍ରାମ ମଧ୍ୟ ଦେଇ ପ୍ରତିହତ କରାନଯାଏ, ତାହାହେଲେ, ଏହାଫଳରେ ଯେଉଁ ସମସ୍ତ କମ୍ୟୁନିଷ୍ଟମାନଙ୍କର ଚେତନାର ମାନ ନିମ୍ନସ୍ତରରେ ରହିଛି, ତାଙ୍କ ଭିତରେ ଉଗ୍ର ଗଣତନ୍ତ୍ରର ନୈରାଜ୍ୟବାଦୀ ଧାରଣା ଜନ୍ମ ନେବାର ସମ୍ଭାବନା ପୁରା ମାତ୍ରାରେ ରହିଯିବ । ଏହି ଉଗ୍ର ଗଣତନ୍ତ୍ରର ନୈରାଜ୍ୟବାଦୀ ଧାରଣା ମୌଳିକଭାବେ ମାର୍କ୍ସବାଦ-ଲେନିନବାଦର ବିରୋଧି, କେବଳ ତା ନୁହେଁ ଏହା ସୂକ୍ଷ୍ମଭାବେ ମୁହଁରେ ଅଥରିଟି ବିରୋଧି ସ୍ଲୋଗାନ ଦେଇ ଦେଇ, ତାହାର ଅନ୍ତରାଳରେ ଦଳର ଅଭ୍ୟନ୍ତରରେ ସମ୍ପୂର୍ଣ୍ଣ ଘୃଣ୍ୟ ଧରଣର ଅଥରିଟି ତଥା ବ୍ୟକ୍ତି ଏକନାୟକତ୍ୱ ପ୍ରତିଷ୍ଠାର ପଥ ଉନ୍ମୁକ୍ତ କରିଦେବ । ଦଳର ନେତୃତ୍ୱ ଅର୍ଥ ବାସ୍ତବ ଓ ବିଶେଷ ନେତୃତ୍ୱ । ନେତୃତ୍ୱର ଏହି ବାସ୍ତବ ଏବଂ ମୂର୍ତ୍ତ ରୂପଟିକୁ ଅସ୍ୱୀକାର କରି ଯେଉଁମାନେ ସାଧାରଣ ଭାବେ ଯୌଥ ନେତୃତ୍ୱର କଥା କହନ୍ତି ଅସଲରେ ସେମାନେ ଦଳକୁ ଏକ ବିଶୃଙ୍ଖଳିତ ବାରଭାୟା ଆଖଡାରେ ପରିଣତ କରିବାକୁ ଚାହାଁନ୍ତି । **ଯୌଥ ନେତୃତ୍ୱ ସର୍ବଦା ହିଁ ନେତୃତ୍ୱର ମୂର୍ତ୍ତ ରୂପର ପ୍ରକାଶକୁ ହିଁ ବୁଝାଏ ।**

## ନେତାଙ୍କର ନେତୃତ୍ୱକାରୀ ଭୂମିକାକୁ ଅସ୍ୱୀକାର କରିବାର ଝୁଙ୍କ

ଅଥରିଟିକୁ ଅସ୍ୱୀକାର କରିବାର ପ୍ରବଳ ଝୁଙ୍କ ଦ୍ୱାରା ପରିଚାଳିତ ହୋଇ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ କେହି କେହି ଏପରିକି ନେତାଙ୍କର ନେତୃତ୍ୱକାରୀ ଭୂମିକାକୁ ମଧ୍ୟ ଅସ୍ୱୀକାର କରି ବସିଛନ୍ତି । ସି.ପି.ଏସ୍.ୟୁ.ର ଦ୍ୱାବିଂଶ କଂଗ୍ରେସର ରିପୋର୍ଟରେ କ୍ରୁଶ୍ଚେଭ କହିଛନ୍ତି, "ସୋଭିଏତ୍ ଜଣଗଣ ଦଳ ନେତୃତ୍ୱରେ ସେମାନଙ୍କର ଶ୍ରମ ଏବଂ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ମଧ୍ୟଦେଇ ସମାଜତନ୍ତ୍ର ଗଢ଼ି ତୋଳିବା କ୍ଷେତ୍ରରେ ବିରାଟ ସାଫଲ୍ୟ ଅର୍ଜନ କରିଛନ୍ତି । ଫାସିବାଦ ବିରୁଦ୍ଧରେ ପିତୃଭୂମିକୁ ରକ୍ଷା କରିବାର ମହାନ୍ ସଂଗ୍ରାମରେ (Great Patriotic War) ସେମାନେ ବିଜୟୀ ହୋଇଛନ୍ତି । କିନ୍ତୁ ଆପଣମାନଙ୍କର ନିଶ୍ଚିତଭାବେ ମନେଅଛି, ବ୍ୟକ୍ତିପୂଜା ଚର୍ଚ୍ଚାର ସେହି ଦିନ ଗୁଡିକରେ ଦଳ ଏବଂ ଜନଗଣଙ୍କ ସମସ୍ତ ବିଜୟ, ସମସ୍ତ ସାଫଲ୍ୟ ଜଣେ ମଣିଷର କୃତିତ୍ୱ ଭାବେ ଦର୍ଶାଯାଇଥିଲା ।" କହିବା ବାହୁଲ୍ୟ ଜଣେ ମଣିଷ କହିଲେ କ୍ରୁଶ୍ଚେଭ ଷ୍ଟାଲିନଙ୍କୁ ହିଁ ଇଙ୍ଗିତ କରିଛନ୍ତି, ଏକଥା ଠିକ୍ ଯେ ନେତାଙ୍କୁ ଅଯଥା ଗୌରବାନ୍ୱିତ କରିବା ନିଶ୍ଚିତ ଭାବେ ବନ୍ଦକରିବା ଦରକାର, ନେତାଙ୍କୁ ଦେବତା ବନେଇଦେବା ମଧ୍ୟ ସମସ୍ତ କମ୍ୟୁନିଷ୍ଟ ମାନଙ୍କର ଅଭ୍ୟାସ କ୍ଷେତ୍ରରୁ ଦୂରକରିବା ଦରକାର । କିନ୍ତୁ ଗୋଟିଏ ପଟେ ଦଳର ନେତା ଅନ୍ୟପଟରେ ଦଳ ଓ

ଜନଗଣ ଉଭୟଙ୍କୁ ସମତୁଲ (counterpoise) ଦର୍ଶାଇବା ଯେଭଳି ଭାବେ ଅତିରିକ୍ତ ଯୋର ଦିଆହେଉଛି, ଆମର ମନେହୁଏ ତା' ଭିତରେ ଗୋଟିଏ ବିପତ୍ତିର ଦିଗ ଲୁଚିରହିଛି । ତା ହେଉଛି ଦଳର ସଭ୍ୟମାନଙ୍କ ମଧ୍ୟରେ ଯେଉଁମାନଙ୍କର ଚେତନାର ମାନ ନିମ୍ନସ୍ତରରେ, ସେମାନଙ୍କ ମାନସିକତାରେ ନେତାଙ୍କ ନେତୃତ୍ୱକାରୀ ଭୂମିକାକୁ ନ୍ୟୁନକରି ଦେଖାଇବାର ପ୍ରବଣତା । ଅପ୍ରୟୋଜନରେ ଷ୍ଟାଲିନଙ୍କ ପ୍ରଶସ୍ତିର ଏତେଦିନର ପୁରୁଣା ବଦଭ୍ୟାସ ଯାହା ତାଙ୍କୁ ଦେବତା ବନାଇବାର ହିଁ ନାମାନ୍ତର, ଏହା ବିରୁଦ୍ଧରେ ବିରୁପ ପ୍ରତିକ୍ରିୟା ଆଜି ଯେମିତି କମ୍ୟୁନିଷ୍ଟ ମାନଙ୍କୁ ପୁରାପୁରି ବିପରୀତ ଦିଗକୁ ଠେଲି ନଦିଏ । ଷ୍ଟାଲିନ ପୂଜା ଦିନ ଗୁଡିକରେ ଅଯଥା ଜୟଧ୍ୱନୀ କରିବାର ଝୁଙ୍କ ପରିବର୍ତ୍ତେ ଆଜି ଅଥରିଟିର ଧାରଣାକୁ ଅସ୍ୱୀକାର କରିବା, ନେତାଙ୍କର ନେତୃତ୍ୱକାରୀ ଭୂମିକାକୁ ସ୍ୱୀକାର ନକରିବାର ଭ୍ରାନ୍ତ ପ୍ରବଣତାକୁ ଯେମିତି ପ୍ରଶୟ ଦିଆନଯାଏ । ଏକଥା ସର୍ବଦା ମନେ ରଖିବାକୁ ହେବ ସମାଜରେ ବ୍ୟକ୍ତିର ଭୂମିକା ଆଜିବି ନିଃଶେଷିତ ହୋଇନାହିଁ । ସମାଜ ଅଭ୍ୟନ୍ତରରେ ଏବଂ ଦଳଭିତରେ ବି ବ୍ୟକ୍ତି ଆଜି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରେ । ଗୋଟିଏ କମ୍ୟୁନିଷ୍ଟ ପାର୍ଟିରେ ସମସ୍ତ ସଭ୍ୟଙ୍କର ମାନ ଓ କ୍ଷମତା ସମାନ – ଏଭଳି ଧରିନେବା ସମ୍ପୂର୍ଣ୍ଣ ଭୁଲ । ଯେତେଦିନ ଦଳର ସଭ୍ୟମାନଙ୍କ ମଧ୍ୟରେ ମାନ (standard) କ୍ଷେତ୍ରରେ ଏଇ ସ୍ତର ଭେଦ ରହିବ, ସେତେଦିନଯାଏ ନେତାମାନଙ୍କ ସହିତ ସମଗ୍ର ଦଳର ବାକି ଅଂଶର ମାନରେ (standard) ଗୋଟାଏ ପାର୍ଥକ୍ୟ ରହିବାକୁ ବାଧ୍ୟ । ନେତା ଓ କର୍ମୀମାନଙ୍କର ଏଇ ପାର୍ଥକ୍ୟ ଭିତରେ ହିଁ ନେତାଙ୍କର ନେତୃତ୍ୱକାରୀ ଭୂମିକାର ପ୍ରଶ୍ନଟି ମଧ୍ୟ ନିହିତ । ଦଳର ଅନ୍ୟ ସମସ୍ତ ସଭ୍ୟଙ୍କ ସହିତ ନେତାଙ୍କର ଏହି ବିଶେଷ ପାର୍ଥକ୍ୟ, ଏହାକୁ ଭୁଲିଯିବା ଆତ୍ମ ପ୍ରବଞ୍ଚନାର ନାମାନ୍ତର । ଏହାର ଅର୍ଥ ହେଉଛି ନେତୃତ୍ୱର ଯେଉଁ ଉଚ୍ଚମାନ ସାଧାରଣ କର୍ମୀମାନଙ୍କୁ ସେହି ସ୍ତରକୁ ଉନ୍ନୀତ କରିବାର ଯେଉଁ ବିରାଟ ଓ କଠିନ ଦାୟିତ୍ୱ, ସେହି ଦାୟିତ୍ୱକୁ ହିଁ ଆଖିବୁଜି ଅସ୍ୱୀକାର କରିବା । ଏହାର ଅର୍ଥ ନୈରାଜ୍ୟବାଦୀ ଉଗ୍ରଗଣତନ୍ତ୍ର ସପକ୍ଷରେ ଓକିଲାତି କରିବା, ଦଳଭିତରେ ନେତାଭାବେ ନିଜର ସ୍ଥାନଟିକୁ ଜାବୁଡି ଧରି ରଖିବାର ଏକ ସୂକ୍ଷ୍ମ କୌଶଳମାତ୍ର । ତାହାଛଡା ପାର୍ଟି ଅର୍ଥ ନିଛକ ଦଳେ ସଭ୍ୟଙ୍କର ସମାବେଶ ନୁହେଁ, ପାର୍ଟି କହିଲେ ପାର୍ଟି ସଂଗଠନଗୁଡିକର ନିଛକ ଯୋଗଫଳକୁ ବୁଝାଏନା । ପାର୍ଟି ହେଉଛି ଏହି ସମସ୍ତ ସଂଗଠନ ଗୁଡିକ ମଧ୍ୟରେ ଦ୍ୱନ୍ଦ୍ୱ ସମନ୍ୱୟର ବିଶେଷ ପ୍ରକ୍ରିୟାରେ ଗଢ଼ିଉଠିଥିବା ଏକୀଭୂତ, ଅଖଣ୍ଡ ଏକ ସଜୀବ ନେତୃତ୍ୱକାରୀ ସଂଗଠନ । ଏକ ମାନବଦେହର ମୂଳ ସ୍ନାୟୁକେନ୍ଦ୍ର (centre of nerves) ତଥା ମସ୍ତିଷ୍କର ଯେଉଁଭଳି ଭୂମିକା, ଦଳ ଭିତରେ ନେତାଙ୍କର ସ୍ଥାନ ଏବଂ ଭୂମିକା ମଧ୍ୟ ଠିକ୍ ସେହିଭଳି । ତେଣୁ ନେତାଙ୍କର ନେତୃତ୍ୱକାରୀ ଭୂମିକାକୁ ଅସ୍ୱୀକାର କରିବାର ଅର୍ଥ

ହେଉଛି, ଜୀବଦେହର ବାକି ଅଂଶ ସହିତ ମୂଳ ସ୍ନାୟୁକେନ୍ଦ୍ରର ତଥା ମସ୍ତିଷ୍କର ଭୂମିକାକୁ ସମାନ କରିଦେବା । ଏକଥା କହିବା ନିଷ୍ପ୍ରୟୋଜନ ଯେ, ଏଭଳିକି ସର୍ବନିମ୍ନ ଯେଉଁ ପାର୍ଟି ୟୁନିଟ ଅର୍ଥାତ୍ ତିନିଜଣ ସଭ୍ୟଙ୍କୁ ନେଇ ଯେଉଁ ସେଲ୍ (cell), ସେଠି ମଧ୍ୟ ସମସ୍ତ ସଭ୍ୟଙ୍କର ସ୍ତରଟି ଏକ ପ୍ରକାର ହୁଏ ନା । ଗୋଟିଏ ସେଲରେ ତିନିଜଣ ସଭ୍ୟ ଅଛନ୍ତି ବୋଲି, ତାଦ୍ୱାରା ତାହା ଏକ ପାର୍ଟି ବଡି ହୋଇଯାଏନା । ସେଲର ତିନିଜଣ ସଭ୍ୟଙ୍କ ମଧ୍ୟରେ ଯେତେବେଳେ ଯେ କେହି ଜଣେ ନେତୃତ୍ୱକାରୀ ଭୂମିକା ଗ୍ରହଣ କରେ ଏବଂ ଅନ୍ୟ ଦୁଇଜଣ ତାର ନେତୃତ୍ୱରେ କାମ କରନ୍ତି, ଏକମାତ୍ର ସେତେବେଳେ ସେହି ସେଲ ଏକ ପାର୍ଟି ବଡିରେ ପରିଣତ ହୋଇଛି ବୋଲି କୁହାଯାଇପାରେ । ସେଲର ସଭ୍ୟମାନଙ୍କର ଯେଉଁ ସାମାଜିକ ଚେତନା ତାହା ଏକ ଯୌଥଜ୍ଞାନ ରୂପରେ ସେଲର ଯିଏ ନେତା ତାଙ୍କ ମଧ୍ୟ ଦେଇ ପ୍ରକାଶିତ ହୁଏ । ନେତୃତ୍ୱର ଏହି ଯେଉଁ ମୂର୍ତ୍ତ ରୂପ, ଏହା ନହେଲେ କୌଣସି ବଡି ହିଁ ଯଥାର୍ଥରେ ପାର୍ଟି ବଡିରେ ପରିଣତ ହୋଇପାରେନା । ପାର୍ଟି ସଂଗଠନର ଏହି ନୀତି, ଦଳର ସର୍ବନିମ୍ନ ୟୁନିଟ 'ସେଲ୍'ରୁ ଆରମ୍ଭ କରି ସର୍ବୋଚ୍ଚ ପାର୍ଟି ବଡି ଅର୍ଥାତ୍ କେନ୍ଦ୍ରୀୟ କମିଟି ପର୍ଯ୍ୟନ୍ତ ସର୍ବତ୍ର କାମକରେ । ନେତାଙ୍କର ନେତୃତ୍ୱକାରୀ ଭୂମିକାକୁ ଅସ୍ୱୀକାର କରିବା ଏବଂ ଅଥରିଟିର ଧାରଣା– ଯାହା ଗୁରୁବାଦଠାରୁ ସମ୍ପୂର୍ଣ୍ଣ ଭିନ୍ନ, ସେହି ଅଥରିଟିର ଧାରଣାକୁ ପରିହାର କରିବା ପାଇଁ ଚେଷ୍ଟା କରିବା ଅର୍ଥ ହେଉଛି, ସାଂଗଠନିକ ଦିଗରୁ କମ୍ୟୁନିଷ୍ଟ ପାର୍ଟିକୁ ସୋସାଲ ଡେମୋକ୍ରାଟିକ ପାର୍ଟିର ସ୍ତରକୁ ଅଧଃପତିତ କରିବା, ଯେଉଁ ପାର୍ଟି ସର୍ବହରାଶ୍ରେଣୀର ବିପ୍ଳବୀ ଲଢ଼େଇ ପରିଚାଳନା କରିବାକୁ ଏବଂ କ୍ଷମତା ଦଖଲର ଲଢ଼େଇରେ ସଂଗ୍ରାମୀ ଜନତାକୁ ନେତୃତ୍ୱ ଦେବାକୁ ଅକ୍ଷମ ।

## ଗୁଣାବଳୀକୁ ସ୍ୱୀକୃତି ଦେବାର ପଦ୍ଧତି

ଏ ପ୍ରସଙ୍ଗରେ ଆଉ ଏକ ବିଷୟ ସ୍ପଷ୍ଟଭାବେ କହିବା ପ୍ରୟୋଜନ । ପାର୍ଟି ଏବଂ ଜନଗଣଙ୍କର ସାଫଲ୍ୟ ଓ ବିଜୟର କୃତିତ୍ୱ ଷ୍ଟାଲିନଙ୍କର, ଏକଥାର ଅର୍ଥ କଣ ଋଷ କମ୍ୟୁନିଷ୍ଟ ପାର୍ଟି, ଲାଲଫୌଜ ଏବଂ ଜନଗଣଙ୍କର ଭୂମିକାକୁ ଅସ୍ୱୀକାର କରିବା ବା ଦଳ ଓ ଜନଗଣଙ୍କର କୃତିତ୍ୱକୁ ଷ୍ଟାଲିନ ଆତ୍ମସାତ କରିବାକୁ ଚାହିଁଛନ୍ତି ବୋଲି କୃଶ୍ଚେଭଙ୍କର ଉଦ୍ଧୃତିରେ ଯେଉଁ କଟାକ୍ଷ ରହିଛି – ସେହି କଥାକୁ ବୁଝାଏ ? କୌଣସି କମ୍ୟୁନିଷ୍ଟ ବିଷୟଟିକୁ କେବେହେଲେ ଏଭଳିଭାବେ ଦେଖି ପାରେନା, କାରଣ ସେମାନେ ଜାଣନ୍ତି, ଦଳ, ଶ୍ରେଣୀ ଏବଂ ଜନଗଣଙ୍କର ବାସ୍ତବ ସଂଗ୍ରାମ ସହିତ ନେତାର ନେତୃତ୍ୱକାରୀ ଭୂମିକାର ପ୍ରଶ୍ନଟି ଓତଃପ୍ରୋତ ଭାବେ ଜଡିତ । ଫଳରେ ଉଭୟଙ୍କ ଭୂମିକାକୁ ସମାନ ଭାବେ ଦର୍ଶାଇବା ଠିକ୍ ନୁହେଁ । ଦୁନିଆର ପ୍ରଥମ ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା କରିଛନ୍ତି ଲେନିନ୍ – ଏକଥା

ଯେତେବେଳେ କୁହାଯାଏ, ଯାହା ସି.ପି.ଏସ୍.ୟୁ.ର ନେତାମାନେ ମଧ୍ୟ ବର୍ତ୍ତମାନ କହୁଛନ୍ତି, ତାର ଅର୍ଥ କଣ ଏଇୟା ଯେ, ଲେନିନ ଏକା ହିଁ ସେହି କାମଟି କରିଛନ୍ତି ? ଦଳ ଏବଂ ଜନଗଣଙ୍କର ଏହି ସାଫଲ୍ୟ ବିଜୟର କୃତିତ୍ୱ ଲେନିନ୍‌ଙ୍କର– ଏକଥାର ଅର୍ଥ କଣ ବଲସେଭିକ୍ ପାର୍ଟିର ମହାନ ଭୂମିକାକୁ ଅସ୍ୱୀକାର କରିବା ? ଏହାର ଅର୍ଥ କଣ ଲେନିନ୍, ପାର୍ଟି ଏବଂ ଜନଗଣଙ୍କର କୃତିତ୍ୱକୁ ନିଜେ ହିଁ ଆତ୍ମସାତ୍ କରିଛନ୍ତି ? ଜଣେ କମ୍ୟୁନିଷ୍ଟ କେବେହେଲେ ଏଭଳି ଭାବି ପାରେନା । ଏଭଳି ଭାବେ କହିବାର ପ୍ରକୃତ ଅର୍ଥ ବଲସେଭିକ୍ ପାର୍ଟିର ନେତାଭାବେ, ଅକ୍ଟୋବର ବିପ୍ଳବର ରୂପକାର ଭାବେ ଲେନିନଙ୍କର ନେତୃତ୍ୱକାରୀ ଭୂମିକାକୁ ସ୍ୱୀକୃତି ଦେବା । ଜଣେ ନେତୃସ୍ଥାନୀୟ କମ୍ରେଡଙ୍କର ଗୁଣାବଳୀକୁ ଯଥାଯୋଗ୍ୟ ମୂଲ୍ୟଦେବା ପାଇଁ ଏହାହିଁ ସଠିକ୍ ପଦ୍ଧତି । ଏହା ନହେଲେ ଜଣେ କମ୍ୟୁନିଷ୍ଟ କେବେହେଲେ ତାଙ୍କ ନିଜର ଆଦର୍ଶଗତମାନକୁ ଉନ୍ନତ ସ୍ତରକୁ ନେଇଯାଇପାରେନା, ମୁକ୍ତି ସଂଗ୍ରାମରେ ନେତୃତ୍ୱ ବି ଦେଇପାରେନା । ସମାଜତନ୍ତ୍ର ଗଢ଼ି ତୋଳିବା ପଥରେ ଯେଉଁ ବିରାଟ ଅଗ୍ରଗତି, ପିତୃଭୂମିକୁ ରକ୍ଷା କରିବାର ମହାନ୍ ସଂଗ୍ରାମରେ ସି.ପି.ଏସ୍.ୟୁ, ଲାଲଫୌଜ ଓ ସୋଭିଏତ୍ ଜନଗଣଙ୍କର ଯେଉଁ ସାଫଲ୍ୟ ଏବଂ ବିଜୟ, ତାର କୃତିତ୍ୱ ଷ୍ଟାଲିନ୍‌ଙ୍କର – ଉକ୍ତ ଅଭିବ୍ୟକ୍ତିକୁ ଏହି ଆଲୋକରେ ହିଁ ବୁଝିବାକୁ ହେବ ।

## ବ୍ୟକ୍ତି ପୂଜା ନିର୍ମୂଳ କରିବାର ଯଥାର୍ଥ ପଥ

ସୁତରାଂ ନେତାଙ୍କୁ ପ୍ରଶଂସା କରିବା ବା ନେତାଙ୍କୁ କେତେ ବେଶୀ ପ୍ରଶଂସା କରାହେଉଛି ତା ଭିତରେ ବ୍ୟକ୍ତି ପୂଜାର ବିପଦ ନିହିତ ନାହିଁ । ଅଥରିଟିର ଧାରଣା ମଧ୍ୟ ବ୍ୟକ୍ତିପୂଜା ମୁଣ୍ଡ ଟେକିବାର କାରଣ ନୁହେଁ । **ବାସ୍ତବରେ ଅଥରିଟି ପ୍ରତି ଅନ୍ଧ ଆନୁଗତ୍ୟ ଅର୍ଥାତ୍ ଗୁରୁବାଦ ଦଳର ସର୍ବୋଚ୍ଚ ନେତାଙ୍କର (leader of the collective whole) ସହିତ ସାମଗ୍ରିକ ଭାବେ ଦଳର ବାକି ଅଂଶର (rest of the collective whole) ସ୍ତରେ ସ୍ତରେ ନେତୃତ୍ୱ ସହିତ ଦଳର କର୍ମୀମାନଙ୍କର ଦ୍ୱାନ୍ଦ୍ୱିକ ସମ୍ପର୍କର ଅନୁପସ୍ଥିତି ଏବଂ ଗଣତାନ୍ତ୍ରିକ କେନ୍ଦ୍ରୀକତା ନଷ୍ଟ ହୋଇଯାଇ ଶେଷ ପର୍ଯ୍ୟନ୍ତ ଆନୁଷ୍ଠାନିକ ଗଣତନ୍ତ୍ର ଭିତ୍ତିରେ କେନ୍ଦ୍ରୀକତାର ଚର୍ଚ୍ଚା – ଏହିସବୁ ବିଷୟଗୁଡ଼ିକ ହିଁ ବ୍ୟକ୍ତିପୂଜା ମୁଣ୍ଡଟେକିବା ଓ ତାହା ବୃଦ୍ଧି ପାଇବାର ଅନୁକୂଳ ପରିବେଶ ସୃଷ୍ଟିକରେ ।** ଯଦି ଅଥରିଟି ସମ୍ପର୍କରେ ଅନ୍ଧ ଧାରଣା ଥାଏ, ଯଦି ପାର୍ଟି ବଡି ଗୁଡିକର ବାକି ସଭ୍ୟମାନଙ୍କ ସହିତ ନେତୃତ୍ୱର ଦ୍ୱାନ୍ଦ୍ୱିକ ସମ୍ପର୍କ ନଥାଏ, ଯଦି ଗଣତାନ୍ତ୍ରିକ କେନ୍ଦ୍ରୀକରଣ ପରିବର୍ତ୍ତେ ଆନୁଷ୍ଠାନିକ ଗଣତନ୍ତ୍ର ଭିତ୍ତିରେ କେନ୍ଦ୍ରିକତାର ଚର୍ଚ୍ଚା ଚାଲୁ ରହେ, ଯଦି ବ୍ୟକ୍ତିପୂଜା ଗଢ଼ି ଉଠିବାର ଅନୁକୂଳ ପିରେବଶ ଦଳର ଅଭ୍ୟନ୍ତରରେ ରହିଯାଏ, ତାହା ହେଲେ ଯେତେ

ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡିକୁ ନେଇ ପାର୍ଟି ବଡିରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ କରାଯାଉନା କାହିଁକି, ବ୍ୟକ୍ତିପୂଜା ଗଢ଼ି ଉଠିବାର ଏହି ଅନୁକୂଳ ପରିବେଶ ରହୁଛି ବୋଲି ବ୍ୟକ୍ତିପୂଜା ମଧ୍ୟ ଜଘନ୍ୟ ରୂପେ ତିଷ୍ଠି ରହିବ । ଠିକ୍ ପୂର୍ବଭଳି ତାହା ରହିବ କି ନାହିଁ ସେକଥା ସ୍ୱତନ୍ତ୍ର, କିନ୍ତୁ କୌଣସି ନା କୌଣସି ରୂପରେ ତାହା ରହିଯିବ । ଏକଥା ବି ବୁଝିବାକୁ ହେବ ଯେ ବ୍ୟକ୍ତିପୂଜାର ସମସ୍ୟା ନିଛକ କୌଣସି ବ୍ୟକ୍ତିକୁ କେନ୍ଦ୍ରକରି ଏକ ସମସ୍ୟା ନୁହେଁ । ଗୁରୁବାଦ (Authoritarianism) ଗଢ଼ି ଉଠିବାର ଅନୁକୂଳ ପରିବେଶ ଯଦି ଥାଏ ତେବେ ଜଣେ ବ୍ୟକ୍ତିକୁ କେନ୍ଦ୍ରକରି ଏପରିକି ଏକ କମିଟିକୁ କେନ୍ଦ୍ରକରି ମଧ୍ୟ ଆହୁରି ଅନେକ ସୂକ୍ଷ୍ମ ରୂପରେ ବ୍ୟକ୍ତିପୂଜାର ଚର୍ଚ୍ଚା ଚାଲିପାରେ । **ସୁତରାଂ ଯଦି ବ୍ୟକ୍ତି ପୂଜାକୁ ନିର୍ମୂଳ କରିବାକୁ ହୁଏ ଏବଂ ଏହାର ବିଷମୟ ପ୍ରଭାବ ସମ୍ପୂର୍ଣ୍ଣ ରୂପେ ଦୂର କରିବାକୁ ହୁଏ, ତାହାର ଏକମାତ୍ର ପଥ ହେଉଛି, ଅଥରିଟି ସମ୍ପର୍କରେ, ଯାନ୍ତ୍ରିକ ଧାରଣାକୁ ଚିର ଦିନ ପାଇଁ ଦୂରକରିବା ଏବଂ ତାହା ପରିବର୍ତ୍ତେ ଅଥରିଟି ସମ୍ପର୍କରେ ଦ୍ୱାନ୍ଦ୍ୱିକ ଉପଲବ୍ଧି ଗଢ଼ି ତୋଳିବା; ଆନୁଷ୍ଠାନିକ ଗଣତନ୍ତ୍ର ଭିତ୍ତି ଉପରେ ଯେଉଁ କେନ୍ଦ୍ରୀକତା ତାହାର ଚର୍ଚ୍ଚା ପରିତ୍ୟାଗ କରି ଯଥାର୍ଥରେ ଗଣତାନ୍ତ୍ରିକ କେନ୍ଦ୍ରୀକତାର ନୀତିକୁ ବାସ୍ତବରେ ରୂପାୟିତ କରିବା ଏବଂ ଏଥିପାଇଁ କମ୍ରେଡ ମାନଙ୍କର ଆଦର୍ଶଗତ ଚେତନାର ମାନକୁ ଏଭଳି ସ୍ତରକୁ ଉନ୍ନୀତ କରିବା ଯଦ୍ୱାରାକି "ତର୍କ ବିତର୍କ ମଧ୍ୟଦେଇ ଆଲୋଚନା" (discussion in dialogue) କରିବାକୁ ସେମାନେ ସକ୍ଷମ ହେବେ ।** ଦୁଃଖର ବିଷୟ, ଯେଉଁ ପରିବେଶ ବ୍ୟକ୍ତିପୂଜା ଗଢ଼ି ଉଠିବାର ଓ ତାହା ବୃଦ୍ଧି ପାଇବାର ଅନୁକୂଳରେ କାମ କରୁଛି ସେହି ପରିବେଶଟିକୁ ଦୂର କରିବା ପରିବର୍ତ୍ତେ କୃଶ୍ଚେଭ ନିଜେ ଏବଂ ସି.ପି.ଏସ୍.ୟୁ.ର ଅନ୍ୟାନ୍ୟ ନେତାମାନେ, ବ୍ୟକ୍ତି ଷ୍ଟାଲିନଙ୍କ ବିରୁଦ୍ଧରେ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି । ଜଣେ ଜୀବିତ ବ୍ୟକ୍ତି କ୍ଷେତ୍ରରେ, ସେ ସେଭଳି ନୂତନ ଭାବେ ଆହୁରି ଜଟିଳତା ସୃଷ୍ଟି କରିନପାରନ୍ତି ସେଥିପାଇଁ ବ୍ୟକ୍ତିଭାବେ ତାଙ୍କ ବିରୁଦ୍ଧରେ ଲଢ଼ିବାକୁ ପଡିପାରେ । କିନ୍ତୁ ଏ କ୍ଷେତ୍ରରେ ସେ ପ୍ରଶ୍ନ ଉଠିପାରେନା, କାରଣ ବ୍ୟକ୍ତିପୂଜାବାଦର ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତିଙ୍କର ବହୁ ପୂର୍ବରୁ ମୃତ୍ୟୁ ଘଟିଛି, କେବଳ ଯାହା ରହିଯାଇଛି ତାହା ହେଉଛି ବ୍ୟକ୍ତି ପୂଜାର ଚର୍ଚ୍ଚା ଏବଂ ତାହା ଗଢ଼ି ଉଠିବାର ଅନୁକୂଳ ପରିବେଶ । ଷ୍ଟାଲିନ୍ ଜଣେ ମହାନ୍ ବିପ୍ଳବୀ, ପାର୍ଟି ଏବଂ ପ୍ରଶାସନ କ୍ଷେତ୍ରରୁ ଲାଲଫିତାର ଜାଲ ଓ ଅମଲାତନ୍ତ୍ର ଦୂରକରିବା ପାଇଁ ତାଙ୍କର ଉଦାତ୍ତ ଆହ୍ୱାନ ଦଳପ୍ରତି ଏବଂ ଷ୍ଟାଲିନ୍‌ଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନରେ ଦକ୍ଷ ଅନ୍ତଃସାରଶୂନ୍ୟ ଚାଟୁକାରମାନଙ୍କ ବିରୁଦ୍ଧରେ ତାଙ୍କର ତୀବ୍ର ବ୍ୟଙ୍ଗ, ନିଷ୍କର୍ମା କୁହାଳିଆମାନଙ୍କୁ ପାର୍ଟିରୁ ଦୂର କରିବା କ୍ଷେତ୍ରରେ ତାଙ୍କର ଅନମନୀୟ ଦୃଢ଼ତା– ଏ ସମସ୍ତ ହିଁ ସି.ପି.ଏସ୍.ୟୁ.ର ସପ୍ତଦଶ କଂଗ୍ରେସରେ ତାଙ୍କ ରିପୋର୍ଟରେ

ରହିଛି, ଯାହା ଆଜି ବି ଆମ କାନରେ ପ୍ରତିଧ୍ୱନିତ ହେଉଛି । ଅଥଚ ଏତେବଡ ଜଣେ ପରୀକ୍ଷିତ ମହାନ୍ ବିପ୍ଳବୀଙ୍କର କି କରୁଣ ପରିଣତି ଯେ ତାଙ୍କ ଭଳି ବଡ ବିପ୍ଳବୀ ମଧ୍ୟ ମୁଣ୍ଡ ଠିକ୍ ରଖିପାରିଲେ ନାହିଁ । ଘଟଣାର ଗତି କେଉଁ ଆଡକୁ ଯିବ, ଶେଷ ପର୍ଯ୍ୟନ୍ତ ପରିଣତି କଣ ହେବ, ତାହା କେବଳ ମାତ୍ର ସତ୍ୟତା ଏବଂ ନିଷ୍ଠା ଉପରେ ନିର୍ଭର କରେନାହିଁ, ତାହା ନିର୍ଭର କରେ ସଂଗ୍ରାମର କେଉଁ ପଦ୍ଧତି ଅବଲମ୍ବନ କରାହେଉଛି ତା ଉପରେ– ମାର୍କ୍ସବାଦର ଏହି ଶିକ୍ଷା କେତେଦୂର ଅଭ୍ରାନ୍ତ ଷ୍ଟାଲିନ୍ଙ୍କର ଜୀବନ ତାହା ଆମକୁ ପୁଣିଥରେ ଦର୍ଶାଇ ଦେଇଛି । ସତତା ଆନ୍ତରିକତା ଯେତେ ଥାଉନା କାହିଁକି, ପଦ୍ଧତି ଯଦି ଭୁଲ ହୁଏ ତାହେଲେ ତାହା ଆମକୁ ନିଶ୍ଚିତ ଭାବେ ବ୍ୟର୍ଥତାରେ ନିମଜ୍ଜିତ କରିବ, ଷ୍ଟାଲିନ୍ଙ୍କର ଜୀବନ ପୁଣି ଆମମାନଙ୍କ ନିକଟରେ ଏହି ସତ୍ୟହିଁ ତୋଳି ଧରିଛି ଯେ ନେତାଙ୍କ ପ୍ରତି ଅନ୍ଧ ଆନୁଗତ୍ୟ ଦ୍ୱାରା ନେତାଙ୍କୁ ଅନ୍ଧ ସମର୍ଥନ ଦ୍ୱାରା ଆମେମାନେ ନିଜର ଅଧଃପତନ ହିଁ ଡାକିଆଣୁ, କେବଳ ତାହାହିଁ ନୁହେଁ ଯେଉଁ ନେତାଙ୍କୁ ଏକଦା ଦେବତା କରି ପକାଇଥିଲୁ ତାଙ୍କୁ ମଧ୍ୟ ତଳକୁ ଖସାଇ ଆଣୁ ।

## ନେତୃତ୍ୱକାରୀ କମ୍ୟୁନିଷ୍ଟ ପାର୍ଟି ସମ୍ପର୍କରେ ବିଭ୍ରାନ୍ତି

ଅଥରିଟି ପ୍ରତି ଅନ୍ଧ ଆନୁଗତ୍ୟ ଧାରଣା ଏପରିକି ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନରେ ମଧ୍ୟ ମାରାତ୍ମକ କ୍ଷତି କରିଛି । ଷ୍ଟାଲିନ୍ଙ୍କ ସମୟରେ ନେତୃତ୍ୱକାରୀ କମ୍ୟୁନିଷ୍ଟ ପାର୍ଟିର ଭୂମିକା ଉପରେ ଗୁରୁତ୍ୱ ଆରୋପ ପ୍ରଶ୍ନରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନ ପରିଚାଳନା ପାଇଁ ପ୍ରୟୋଜନ ଥିବା ଦ୍ୱାନ୍ଦିକ ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ରୂପେ ଅବହେଳିତ ହୋଇଥିଲା । ଷ୍ଟାଲିନ୍ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ଯେଉଁ ସ୍ଥାନ ଅଧିକାର କରିଥିଲେ, ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହିତ ଅନ୍ୟ ଦେଶର କମ୍ୟୁନିଷ୍ଟ ପାର୍ଟିମାନଙ୍କର ସମ୍ପର୍କ ମଧ୍ୟ ସେହି ଢ଼ାଞ୍ଚାରେ ହିଁ ଗଢ଼ି ଉଠିଥିଲା । ଅର୍ଥାତ୍ ଅଥରିଟି ସମ୍ପର୍କରେ ଦ୍ୱାନ୍ଦିକ ଧାରଣା ପରିବର୍ତ୍ତେ ଯାନ୍ତ୍ରିକ ଓ ଅନ୍ଧ ଧାରଣା ସେଠାରେ ମଧ୍ୟ କାମ କରିଛି । **ଫଳରେ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟିଗୁଡିକ ନିଜ ଭିତରେ ପାରସ୍ପରିକ ସମ୍ପର୍କ କ୍ଷେତ୍ରରେ (Primemover) ପ୍ରାଇମମୁଭର ଅନୁରୂପ ଯାନ୍ତ୍ରିକ ଧାରଣା କାମ କରୁଥିଲା ।** ଘଟଣାଟି ଥିଲା ଏଭଳି ଯେ ସମସ୍ତ ପ୍ରଶ୍ନର ହିଁ ସିଦ୍ଧାନ୍ତ ନେବ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି, ଆଉ ବାକି ଅନ୍ୟ ସମସ୍ତ ଦଳଗୁଡିକ ସେହି ସିଦ୍ଧାନ୍ତ ଗୁଡିକୁ ହିଁ ଅନ୍ଧଭାବେ ସମର୍ଥନ କରିଚାଲିବେ । ନେତୃତ୍ୱକାରୀ କମ୍ୟୁନିଷ୍ଟ ପାର୍ଟି ସମ୍ପର୍କରେ ଏଭଳି ଧାରଣାର କୌଣସି ସ୍ଥାନ ମାର୍କ୍ସବାଦ-ଲେନିନବାଦରେ ନାହିଁ । **ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନରେ ନେତୃତ୍ୱକାରୀ ଗୋଟିଏ ପାର୍ଟି ରହିବ – ଏହି ଧାରଣାର ଅର୍ଥ ଏହା ନୁହେଁ ଯେ**

**ପ୍ରତ୍ୟେକ ପ୍ରଶ୍ନରେ ସଦାସର୍ବଦା ସେହି ପାର୍ଟିର ନେତୃତ୍ୱ ହିଁ ଚିରସ୍ଥାୟୀ ଏବଂ ଅପରିବର୍ତ୍ତନୀୟ । ଏହାଦ୍ୱାରା ନେତୃତ୍ୱକାରୀ ପାର୍ଟି ପ୍ରତି ଅନ୍ଧ ଆନୁଗତ୍ୟ ବା ନେତୃତ୍ୱକାରୀ ପାର୍ଟି ଯାହା ସିଦ୍ଧାନ୍ତ କରିବ ତାହାକୁ ହିଁ ଅନ୍ଧଭାବେ ମାନି ଚଳିବାକୁ ହେବ, ତାହା ବୁଝାଏ ନାହିଁ ।** ଅପରପକ୍ଷରେ ଏହି ଦୁଇଟି ମଧ୍ୟରେ ଯେଉଁ ସଂଗ୍ରାମ- ସେହି ଦ୍ୱନ୍ଦ୍ୱର ଚରିତ୍ର ବିରୋଧାତ୍ମକ ହୋଇପାରେନା । ନେତୃତ୍ୱକାରୀ ପାର୍ଟି ସହିତ ଚିନ୍ତାର ଘାତ ପ୍ରତିଘାତ ଏଭଳି ଭାବେ ପରିଚାଳିତ କରିବାକୁ ହେବ, ଯାହା ଯୌଥ ନେତୃତ୍ୱ ଗଢ଼ି ତୋଳିବାର ଆବଶ୍ୟକତା ଦ୍ୱାନ୍ଦ୍ୱିକ ପ୍ରକ୍ରିୟାକୁ ସୁନିଶ୍ଚିତ କରିବ । ଏଭଳିକି ଏକଥା ମଧ୍ୟ ବୁଝିବାକୁ ହେବଯେ, କୌଣସି ଗୋଟିଏ ବିଶେଷ ପ୍ରଶ୍ନରେ ନେତୃତ୍ୱକାରୀ ପାର୍ଟି ପରିବର୍ତ୍ତେ ଅନ୍ୟକୌଣସି ପାର୍ଟି ସଠିକ୍ ଲାଇନ୍‌ଟିକୁ ତୋଳିଧରିପାରେ । ଏଭଳି ଘଟିଲେ ଅନ୍ୟକୌଣସି ପାର୍ଟି ତୋଳି ଧରିଥିବା ସଠିକ୍ ଲାଇନ୍‌ଟି ଯେହେତୁ ଏହି ବିଶେଷ ପ୍ରଶ୍ନରେ ଯୌଥ ନେତୃତ୍ୱକୁ ହିଁ ପ୍ରତିଫଳିତ କରୁଛି, ତେଣୁ ସମସ୍ତଙ୍କୁ ହିଁ ତାହା ଗ୍ରହଣ କରିବାକୁ ହେବ । ପୁଣି ଏହି କାରଣରୁ ହିଁ ଅପର ପାର୍ଟିଟି ନେତୃତ୍ୱକାରୀ ପାର୍ଟି ହୋଇଯିବ ଏବଂ ଯେଉଁ ପାର୍ଟିଟି ନେତୃତ୍ୱକାରୀ ଭୂମିକା ପାଳନ କରୁଛି, ସେହି ନେତୃତ୍ୱକାରୀ ପାର୍ଟିର ନେତୃତ୍ୱକାରୀ ଭୂମିକାଟି ଆଉ ରହିବନାହିଁ- ଏଭଳି କେବେହେଲେ ହୋଇପାରେନା । କାରଣ ନେତୃତ୍ୱକାରୀ ପାର୍ଟିର ଏହି ନେତୃତ୍ୱକାରୀ ଭୂମିକାଟି ଆହୁରି ବହୁ ବିଷୟ ଉପରେ ନିର୍ଭରଶୀଳ । ଏକଥା ନିଃସନ୍ଦେହରେ କୁହାଯାଇପାରେଯେ, ବିଶ୍ୱର ପ୍ରଥମ ସମାଜତାନ୍ତ୍ରିକ ରାଷ୍ଟ୍ରର ପ୍ରତିଷ୍ଠାତା ଭାବେ, ଦେଶର ଆଭ୍ୟନ୍ତରରେ ସମାଜତାନ୍ତ୍ରିକ ଗଠନ କାର୍ଯ୍ୟର ଅମୂଲ୍ୟ ଅଭିଜ୍ଞତାରେ ସମୃଦ୍ଧ ଗୋଟିଏ ଦଳଭାବେ ବିଜ୍ଞାନ ଓ ପ୍ରଯୁକ୍ତି ଦିଗ କ୍ଷେତ୍ରରେ ବିରାଟ ଅଗ୍ରଗତି ଏବଂ ବହୁ ସମ୍ପଦର ଅଧିକାରୀ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସମାଜତାନ୍ତ୍ରିକ ଶିବିରର ପୁରୋଧାଭାବେ ବିଶ୍ୱ ସାମ୍ୟାବଦୀ ଆନ୍ଦୋଳନର ନେତୃତ୍ୱକାରୀ ଭୂମିକାରେ ପ୍ରତିଷ୍ଠିତ ହୋଇଛି ଏବଂ ଆଗାମୀ ବହୁ ଦିନ ପର୍ଯ୍ୟନ୍ତ ଏହି ଭୂମିକାରେ ସେମାନେ ପ୍ରତିଷ୍ଠିତ ରହିବେ । (ପୂର୍ବରୁ କୁହାଯାଇଛି ଯେ, ପରବର୍ତ୍ତୀକାଳରେ ସି.ପି.ଏସ୍.ୟୁର କର୍ତ୍ତୃତ୍ୱ ସଂଶୋଧନବାଦୀମାନେ ଦଖଲ କରି ନେଇଥିଲେ) । କିନ୍ତୁ ତାର ଅର୍ଥ ଏହା ନୁହେଁ ଯେ, ସର୍ବଦା ସମସ୍ତ ପ୍ରଶ୍ନରେ ଏକମାତ୍ର ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ହିଁ ସିଦ୍ଧାନ୍ତ ଗ୍ରହଣ କରିବ, ସେମାନେ ହିଁ ଲାଇନ୍ ଠିକ୍ କରିଦେବେ, ଆଉ ଅନ୍ୟାନ୍ୟ କମ୍ୟୁନିଷ୍ଟ ପାର୍ଟି ଗୁଡ଼ିକର କାମ ହେବ ଅନ୍ଧଭାବେ ତାହାକୁ ସମର୍ଥନ କରିବା । ଅତ୍ୟନ୍ତ ବେଦନାର କଥା, ଷ୍ଟାଲିନଙ୍କ ନେତୃତ୍ୱ କାଳରେ ଠିକ୍ ଏହି ବିଷୟଟି ଘଟିଥିଲା, ଅନ୍ୟାନ୍ୟ ଅଧିକାଂଶ କମ୍ୟୁନିଷ୍ଟ ପାର୍ଟି ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ଅନ୍ଧ ଅନୁଗାମୀରେ ପର୍ଯ୍ୟବେଶୀତ ହୋଇପଡିଥିଲେ । ଯୌଥ ନେତୃତ୍ୱର ବିକାଶ ପାଇଁ ପ୍ରୟୋଜନୀୟ ଦ୍ୱାନ୍ଦ୍ୱିକ ଚିନ୍ତା ପଦ୍ଧତିକୁ

ହିଁ ଏହା କେବଳ ବିପର୍ଯ୍ୟସ୍ତ କରିଦେଇଥିଲା ତାହାନୁହେଁ, ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହିତ ଯେକୌଣସି ମତ ପାର୍ଥକ୍ୟକୁ ସୋଭିଏତ୍ ବିରୋଧିତା ଏବଂ ସର୍ବହରା ଆନ୍ତର୍ଜାତିକତାବାଦ୍‌କୁ ଅସ୍ୱୀକାର କରିବା ବୋଲି ଚିହ୍ନତି କରିବାର ଏକ ଅସ୍ୱାସ୍ଥ୍ୟକର ପ୍ରବଣତା ମଧ୍ୟ ଗଢ଼ି ଉଠିଥିଲା । ଏହାଠାରୁ ବଡ ଭୁଲ ଆଉ କିଛି ହୋଇପାରେନା । ମାର୍କ୍ସବାଦ-ଲେନିନ୍‌ବାଦର ମୂଳ ନୀତି ଗୁଡିକ ଏବଂ ସର୍ବହରା ଆନ୍ତର୍ଜାତିକତାବୋଧ ଦ୍ୱାରା ପରିଚାଳିତ ଯେ କୌଣସି କମ୍ୟୁନିଷ୍ଟ ପାର୍ଟି ଅନ୍ୟ ଏକ କମ୍ୟୁନିଷ୍ଟ ପାର୍ଟି ସହିତ କୌଣସି ବିଷୟରେ ଭିନ୍ନ ମତ ପୋଷଣ କରିପାରେ ଏବଂ ସେହି ଅର୍ଥରେ ଏପରିକି ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହିତ ମଧ୍ୟ ଏକମତ ନହୋଇପାରେ । ଆଉ ତାହା ଯଦି ନହୁଏ ତାହାହେଲେ ତାହା ସୋଭିଏତ୍ ବିରୋଧୀତା ଏବଂ ସର୍ବହରା ଆନ୍ତର୍ଜାତିକତାବାଦର ବିରୋଧୀତା - ଏକଥା କୌଣସି ପ୍ରକାରେ କୁହାଯାଇ ପାରେନା । କିନ୍ତୁ ଦୁଃଖର କଥା ଅତୀତର ଏହି ପ୍ରବଣତାଟି ସାମ୍ୟବାଦୀ ଦୁନିଆରେ ଆଜି ବି ରହିଛି, ନହେଲେ ଦ୍ୱାବିଂଶ କଂଗ୍ରେସରେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଷ୍ଟାଲିନଙ୍କ ସମ୍ପର୍କରେ ଯେଉଁସବୁ ସିଦ୍ଧାନ୍ତ ଓ ପଦକ୍ଷେପ ଗୁଡିକ ନେଇଛି, ଯାହା କୌଣସି ବିଶ୍ୱ କମ୍ୟୁନିଷ୍ଟ ଫୋରମରେ ଗୃହୀତ ସିଦ୍ଧାନ୍ତ ବା ପଦକ୍ଷେପ ନୁହେଁ, ସେଗୁଡିକ ସହିତ ଆଲବାନିଆନ ପାର୍ଟି ଅଫ୍ ଲେବର ଏକମତ ହୋଇନପାରିବା ଘଟଣାକୁ ସୋଭିଏତ୍ ବିରୋଧୀତା, ସର୍ବହରା ଆନ୍ତର୍ଜାତିକତାବାଦର ବିରୋଧୀତା ବୋଲି ଚିହ୍ନିତ କରିଦିଆଗଲା କିଭଳି ଭାବେ ? ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହିତ କୌଣସି ବିଷୟରେ ଏକମତ ହୋଇନପାରିବା ଅର୍ଥ ଏହା ସୋଭିଏତ୍ ବିରୋଧୀତା, ସର୍ବହରା ଆନ୍ତର୍ଜାତିକତାବାଦର ବିରୋଧୀତା- ଏଭଳିଭାବେ କେବଳ ସେହିମାନେ ହିଁ କହିପାରନ୍ତି, ଯେଉଁମାନେ ଐକ୍ୟ କହିଲେ କେବଳ ଆନୁଷ୍ଠାନିକ ଐକ୍ୟକୁ ବୁଝନ୍ତି, ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକର ଐକ୍ୟ ବଜାୟ ରଖିବା ଭିତରେ ଯେଉଁ ଜଟିଳ ଦ୍ୱନ୍ଦ୍ୱ ସମନ୍ୱୟର ପ୍ରକ୍ରିୟା କାମକରେ - ଏ ସମ୍ପର୍କରେ ଯେଉଁମାନଙ୍କର କୌଣସି ସଠିକ୍ ଉପଲବ୍ଧି ନାହିଁ । ମତପାର୍ଥକ୍ୟ ଅର୍ଥ ହିଁ ବିରୋଧୀତା ନୁହେଁ - ତାହା ବୁଝିବା କ୍ଷେତ୍ରରେ ସେମାନେ ଭୁଲ୍ କରନ୍ତି । ସେମାନେ ଭୁଲିଯାଆନ୍ତି, ମତାମତର ଦ୍ୱନ୍ଦ୍ୱ ସମନ୍ୱୟ ଏବଂ ଦ୍ୱାନ୍ଦିକ ପ୍ରକ୍ରିୟାରେ ସଂଗ୍ରାମ ମଧ୍ୟଦେଇ ଯୌଥ ନେତୃତ୍ୱ ଗଢ଼ିଉଠେ ଏବଂ କାମକରେ । ସଂଗ୍ରାମକୁ ଅସ୍ୱୀକାର କରି ତାହା ଗଢ଼ିଉଠିପାରେନା । ବିଭିନ୍ନ କମ୍ୟୁନିଷ୍ଟ ପାର୍ଟିଗୁଡିକ ମଧ୍ୟରେ ଐକ୍ୟ ଯେମିତି ପାରସ୍ପରିକ ଯାନ୍ତ୍ରିକ, ଆନୁଷ୍ଠାନିକ ସମ୍ପର୍କ ଭିତ୍ତିରେ ପ୍ରତିଷ୍ଠିତ ନୁହେଁ, ସେହିଭଳି ସେମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେବା ଅର୍ଥ ତାହା ବିରୋଧାତ୍ମକ ନୁହେଁ - ଏହା ଆମକୁ ଭଲଭାବେ ବୁଝିବାକୁ ହେବ । **ବୁର୍ଜୁଆ ମାନବତାବାଦୀ ମୂଲ୍ୟବୋଧଠାରୁ ମୌଳିକଭାବେ ପୃଥକ, ମାନବଜୀବନର ନୂତନ ଏକ ମୂଲ୍ୟବୋଧ ଉପରେ ଗଢ଼ି**

**ଉଠିଥିବା 'ଐକ୍ୟ ସଂଗ୍ରାମ ଐକ୍ୟ' ଏହି ଦ୍ୱାନ୍ଦ୍ୱିକ ନୀତି ଭିତ୍ତିରେ ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକର ପାରସ୍ପରିକ ସମ୍ପର୍କ ପରିଚାଳିତ ହୁଏ; ବିଶ୍ୱ ସର୍ବହରା ବିପ୍ଳବ ସଫଳ କରିବା ଏବଂ ବିଶ୍ୱ ସାମ୍ୟବାଦୀ ସମାଜ ପ୍ରତିଷ୍ଠାର ଅଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ ଓ ସୁସଂହତ କରେ ।** ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନ ସମ୍ମୁଖରେ ସେଦିନ ଯେତେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଦେଖାଦେଇଥିଲା, ତାହାର ପ୍ରାୟ ସମସ୍ତ କ୍ଷେତ୍ରରେ ଷ୍ଟାଲିନ୍ ପରିଚାଳିତ ଆନ୍ତର୍ଜାତିକ ସାମ୍ୟବାଦୀ ନେତୃତ୍ୱ ସାଧାରଣଭାବେ ସଠିକ୍ ପଥପ୍ରଦର୍ଶକ କରିବାକୁ ସକ୍ଷମ ହେଲେ ବି, ଏହା ଅତ୍ୟନ୍ତ ଦୁଃଖଜନକ ଯେ, ତାହା ଯାନ୍ତ୍ରିକ ଚିନ୍ତାପଦ୍ଧତିରୁ ମୁକ୍ତି ନଥିଲା । ଆମେ ଦେଖୁଛୁ ସେହି ଏକା ନନ୍‌ଡାୟଲେକ୍ଟିକାଲ୍ ଯାନ୍ତ୍ରିକ ଚିନ୍ତା ପଦ୍ଧତି, ସେହି ମେଥଡୋଲଜି (methodology) ଆଜି ବି ଅନୁସରଣ କରାଯାଉଛି । ସୁତରାଂ ମାର୍କ୍ସବାଦ-ଲେନିନ୍‌ବାଦର ପଥରୁ ମୌଳିକ ବିଚ୍ୟୁତି ଘଟିଯିବାର ବିପଦ ଆଜି ବି ପୁରାପୁରି ବିଦ୍ୟମାନ ।

## ସୋଭିଏତ୍ ୟୁନିୟନର ବିଦେଶନୀତି ଏବଂ ବିଶ୍ୱ ସର୍ବହରା ବିପ୍ଳବର କର୍ମସୂଚୀ

ରାଷ୍ଟ୍ରୀୟ ସ୍ତରରୁ ଘୋଷିତ ସୋଭିଏତ୍ ଋଷିଆର ବୈଦେଶିକ ନୀତି ସହ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନରେ କର୍ମସୂଚୀର ପାରସ୍ପରିକ ସମ୍ପର୍କ କଣ, ଏହି ପ୍ରଶ୍ନକୁ ନେଇ ରହିଥିବା ଯାନ୍ତ୍ରିକ ଚିନ୍ତା ପଦ୍ଧତି ଯୋଗୁ ଏହାକୁ ଉପଲବ୍ଧ କରିବା କ୍ଷେତ୍ରରେ ବି ବିଭ୍ରାନ୍ତି ରହିଛି । ଅଧିକାଂଶ ଦେଶର କମ୍ୟୁନିଷ୍ଟ ପାର୍ଟି ଏ ଦୁଇଟିକୁ ଏକ ଏବଂ ଅଭିନ୍ନ ବୋଲି ମନେକରନ୍ତି । ଏ ଧାରଣା ସମ୍ପୂର୍ଣ୍ଣ ଭୁଲ । ସୋଭିଏତ୍ ଋଷିଆର ବିଦେଶୀ ନୀତି ଏବଂ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର କର୍ମସୂଚୀ ଯେ ଗୋଟିଏ ଅନ୍ୟଟିର ପରିପୂରକ, ବିଶ୍ୱ ସମାଜତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା ଯେ ଉଭୟର ମୂଳ ଲକ୍ଷ୍ୟ ଏହାକୁ ନେଇ କୌଣସି ଦ୍ୱିମତ ନାହିଁ, କିନ୍ତୁ ତାସତ୍ତ୍ୱେ ବି ଉଭୟ ମଧ୍ୟରେ ଏକ ଦ୍ୱନ୍ଦ୍ୱ ବି ରହିଛି । ସୋଭିଏତ୍ ବିଦେଶ ନୀତିର ଲକ୍ଷ୍ୟ ହେଉଛି, ସମାଜତାନ୍ତ୍ରିକ ଶକ୍ତିଗୁଡିକୁ ସଂହତ କରିବା, ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଶକ୍ତିଗୁଡିକ ମଧ୍ୟରେ ଦ୍ୱନ୍ଦ୍ୱକୁ ଆହୁରି ବ୍ୟାପକ ଓ ତୀବ୍ରତର କରିବା, ଯୁଦ୍ଧଖୋର ସାମ୍ରାଜ୍ୟବାଦୀ ଶିବିର ମଧ୍ୟରେ ତୁଳନାମୂଳକଭାବେ କମ୍ ବିପଜ୍ଜନକ ଶକ୍ତିଗୁଡିକୁ ଅଧିକତର ବିପଜ୍ଜନକ ଶକ୍ତିଗୁଡିକ ଠାରୁ ବିଚ୍ଛିନ୍ନ କରିବା, ବିଶ୍ୱଶାନ୍ତି ସପକ୍ଷରେ ଠିଆହେବା ଓ ବିଶ୍ୱଶାନ୍ତି ରକ୍ଷା କରିବା ଏବଂ ଏ ସମସ୍ତ ମଧ୍ୟଦେଇ ବିଶ୍ୱ ସର୍ବହରା ବିପ୍ଳବର ଅଗ୍ରଗତି, ବିକାଶ ଓ ସାଫଲ୍ୟର ବାସ୍ତବ ଜମି ପ୍ରସ୍ତୁତ କରିବା । ବିଶ୍ୱ ସର୍ବହରା ବିପ୍ଳବର କର୍ମସୂଚୀର ଉଦ୍ଦେଶ୍ୟ ହେଉଛି, ଦେଶେ ଦେଶେ ବିପ୍ଳବ ସଫଳ କରିବାର ସାଧାରଣ ପଥନିର୍ଦ୍ଦେଶଗୁଡିକୁ

ତୋଳିଧରିବା । ଔପନିବେଶିକ, ଅର୍ଦ୍ଧଔପନିବେଶିକ ଓ ପୁଞ୍ଜିବାଦୀ ଦେଶଗୁଡ଼ିକର କମ୍ୟୁନିଷ୍ଟପାର୍ଟି ଗୁଡ଼ିକର କାମ ହେଉଛି, ନିଜ ନିଜ ଦେଶର ମାଟିରେ ଏ ସାଧାରଣ ପଥନିର୍ଦ୍ଦେଶକୁ ସୃଜନଶୀଳ ଭାବେ ପ୍ରୟୋଗ କରିବା । ସୋଭିଏତ୍ ଋଷିଆର ବିଦେଶ ନୀତିର ବିଭିନ୍ନ ପଦକ୍ଷେପ ଗୁଡ଼ିକୁ ଅଥବା ଆନ୍ତର୍ଜାତିକ କମ୍ୟୁନିଷ୍ଟ ଫୋରମ୍ ଦେଇଥିବା ସାଧାରଣ ପଥ ନିର୍ଦ୍ଦେଶକୁ ଶୁଆପକ୍ଷୀ ଭଳି ଜପି ଚାଲିବା ସେମାନଙ୍କର କାମ ନୁହେଁ । ସାଧାରଣ (general) ସହ ବିଶେଷ (particular)ର ଯେଉଁ ଦ୍ୱନ୍ଦ୍ୱ ଥାଏ, ତାର ଭିତ୍ତିରେ ହିଁ ଦ୍ୱନ୍ଦ୍ୱକୁ ବିଚାର କରିବା ପାଇଁ ଦ୍ୱନ୍ଦ୍ୱତତ୍ତ୍ୱ ଆମକୁ ଶିଖାଇଛି । ସମସ୍ତ ଦାୟିତ୍ୱବାନ୍ କମ୍ୟୁନିଷ୍ଟ ଏକଥା ଜାଣନ୍ତିଯେ, ବିଶ୍ୱ ସାମ୍ୟବାଦୀ ଫୋରମ୍ ସାଧାରଣ ନୀତି, ସାଧାରଣ ପଥ ନିର୍ଦ୍ଦେଶଟି ତୋଳି ଧରେ । ଯାହାକୁ ଦେଶେ ଦେଶେ ଭିନ୍ନ ଭିନ୍ନ ପରିସ୍ଥିତି ଅନୁଯାୟୀ ଭିନ୍ନ ଓ ବିଶେଷଭାବେ ପ୍ରୟୋଗ କରିବାକୁ ପଡେ । ବିଭିନ୍ନ ଦେଶରେ ବିଶେଷ ବାସ୍ତବ ପରିସ୍ଥିତିର ବିଶେଷ ଓ ସୁନିର୍ଦ୍ଦିଷ୍ଟ ବିଶ୍ଳେଷଣ, ବିଭିନ୍ନ ଦେଶର ବିଶେଷ ବିଶେଷ ବାସ୍ତବ ପରିସ୍ଥିତି ଅନୁଯାୟୀ ମାର୍କ୍ସବାଦର ସାଧାରଣ ନୀତି ଗୁଡ଼ିକର ବିଶେଷୀକୃତ ପ୍ରୟୋଗ - ଏହାହିଁ ହେଉଚି ମାର୍କ୍ସବାଦର ପ୍ରାଣସତ୍ତା । ତା'ନହେଲେ, ମାର୍କ୍ସବାଦ dogma (ସୂତ୍ରବାଦ) ହୋଇଯାଏ । ଭିନ୍ନ ଭିନ୍ନ ଦେଶର ପରିସ୍ଥିତି ଭିନ୍ନ ବୋଲି, ବିଶ୍ୱ ସର୍ବହରା ବିପ୍ଳବର ସାଧାରଣ କର୍ମସୂଚୀ ସହିତ ଏକ ବିଶେଷ ଦେଶର ବିଶେଷ ବିପ୍ଳବର କର୍ମସୂଚୀର ଏକ ଦ୍ୱନ୍ଦ୍ୱ ମଧ୍ୟ ରହିଛି । ସାଧାରଣ (general) ସହିତ ବିଶେଷର (particular) ଏହି ଯେଉଁ ଦ୍ୱାନ୍ଦ୍ୱିକ ସମ୍ପର୍କ ଏହା ବୁଝି ନପାରିବାର ଅର୍ଥ ହେଉଛି ଯାନ୍ତ୍ରିକତାର ଶୀକାର ହେବା । ଆନ୍ତର୍ଜାତିକ କମ୍ୟୁନିଷ୍ଟ ଫୋରମ୍‌ରେ ଗୃହୀତ ବିଶ୍ୱ ସର୍ବହରା ବିପ୍ଳବର ସାଧାରଣ କର୍ମସୂଚୀ ସହିତ ଏକ ବିଶେଷ ଦେଶର କମ୍ୟୁନିଷ୍ଟ ପାର୍ଟିର ବିପ୍ଳବର କର୍ମସୂଚୀର ସମ୍ପର୍କଟି ଯେହେତୁ ଦ୍ୱାନ୍ଦ୍ୱିକ, ତେଣୁ ସୋଭିଏତ୍ ଋଷିଆର ବିଦେଶନୀତି ସହିତ ଏକ ବିଶେଷ ଦେଶର କମ୍ୟୁନିଷ୍ଟ ପାର୍ଟିର ବିପ୍ଳବ କର୍ମସୂଚୀର ଏକ ଦ୍ୱନ୍ଦ୍ୱ ରହିଛି, ଯାହାର ଚରିତ୍ର ମିଳନାତ୍ମକ- ଏକମାତ୍ର ଏହି ଧାରଣାଟି ହିଁ ବିଜ୍ଞାନସମ୍ମତ । ସାଧାରଣ ସତ୍ୟ ସହିତ ବିଶେଷ ସତ୍ୟର ଏବଂ ସୋଭିଏତ୍ ଋଷିଆର ବିଦେଶନୀତି ସହିତ ବିଶେଷ ଏକ ଦେଶର କମ୍ୟୁନିଷ୍ଟ ପାର୍ଟିର ବିପ୍ଳବ କର୍ମସୂଚୀର ଯେଉଁ ଦ୍ୱାନ୍ଦ୍ୱିକ ସମ୍ପର୍କ, ତାହାର ଯଥାର୍ଥ ଉପଲବ୍ଧିର ଅଭାବ ଯୋଗୁ ଷ୍ଟାଲିନ୍‌ଙ୍କ ଅମଳରେ ଅଧିକାଂଶ କମ୍ୟୁନିଷ୍ଟ ପାର୍ଟିକୁ ରୋବର୍ଟରେ ପର୍ଯ୍ୟବେଶିତ କରିଥିଲା । ତା' ପରଠାରୁ ଆଜି ପର୍ଯ୍ୟନ୍ତ ପରିସ୍ଥିତିର ସେଭଳି କୌଣସି ଉନ୍ନତି ଘଟିନାହିଁ । ଗୋଟିଏ ରୋବର୍ଟର ଶକ୍ତି ଯେତେ ଥାଉନା କାହିଁକି, ବିଶ୍ୱବିପ୍ଳବର ସାଧାରଣ ନୀତିକୁ (policy) ଦେଶର ମାଟିରେ ସୃଜନଶୀଳଭାବେ ପ୍ରୟୋଗକରି ବିପ୍ଳବ ମଧ୍ୟଦେଇ କ୍ଷମତା ଦଖଲର ଲଢ଼େଇରେ ଜନଗଣଙ୍କୁ ନେତୃତ୍ୱ ଦେବା ତା ପକ୍ଷରେ ଅସମ୍ଭବ । ଭାରତର କମ୍ୟୁନିଷ୍ଟ

ପାର୍ଟିର ଇତିହାସ ହେଉଛି ଏହି ରୋବର୍ଟ ଭଳି କାମ କରିବାର ଇତିହାସ । ଏହି ପରିସ୍ଥିତି ପାଇଁ ଆନ୍ତର୍ଜାତିକ ସାମ୍ୟବାଦୀ ନେତୃତ୍ୱ ସେମାନଙ୍କର ଦାୟିତ୍ୱ ଅସ୍ୱୀକାର କରିପାରିବେନାହିଁ । ଆନେ ଦେଖିଛୁ, ସାମ୍ୟବାଦୀ ଆନ୍ଦୋଳନର ଏହିସବୁ ତ୍ରୁଟିର ଦିଗଗୁଡ଼ିକୁ ଯେତେବେଳେ ଆମେ ବିଶ୍ୱର ବିଭିନ୍ନ କମ୍ୟୁନିଷ୍ଟ ପାର୍ଟିଗୁଡ଼ିକ ସମ୍ମୁଖରେ ତୋଳି ଧରିବାକୁ ଚେଷ୍ଟା କରିଛୁ, ସେତେବେଳେ ଆମ କଥାକୁ କର୍ଣ୍ଣପାତ କରାଯାଇନାହିଁ, ଏକମାତ୍ର ଏହିକାରଣରୁ ଯେ, ଭାରତର କମ୍ୟୁନିଷ୍ଟ ପାର୍ଟିକୁ ଆମେ ସମାଲୋଚନା କରିଛୁ, ଯେଉଁ ପାର୍ଟିଟିର ଇତିହାସ ହେଉଛି ଧାରାବାହିକ ଭାବେ ମାର୍କ୍ସବାଦ-ଲେନିନ୍‌ବାଦରୁ ଅନ୍ତହୀନ ମୌଳିକ ବିଚ୍ୟୁତର ଇତିହାସ; ଯାହାର ଅତି ସାମ୍ପ୍ରତିକ ନଜିର ହେଉଛି, ଚୀନ ଭାରତର ସୀମାନ୍ତ ବିବାଦ ପ୍ରଶ୍ନରେ ଉଗ୍ର ଜାତୀୟତାବାଦୀ ଭୂମିକା ନେଇ ଭାରତୀୟ ପୁଞ୍ଜିବାଦୀ ରାଷ୍ଟ୍ରମୁଖ୍ୟ ପଣ୍ଡିତ ନେହେରୁଙ୍କ ସମର୍ଥନରେ ତାଙ୍କ ପାଖରେ ଠିଆହେବା । ଏପରିକି ଯଦି ଏକଥା ଧରି ନିଆଯାଏ ଯେ, ଆମେ କମ୍ୟୁନିଷ୍ଟ ନୋହୁଁ (ଯଦିଓ ଏହା ଏକ ସମ୍ପୂର୍ଣ୍ଣ ଭୁଲ ଧାରଣା; ଯାହା ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟିଗୁଡ଼ିକ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ଯାନ୍ତ୍ରିକ ଧାରଣାରୁ ଉଦ୍‌ଭୁତ ଏବଂ ଭାରତର କମ୍ୟୁନିଷ୍ଟ ପାର୍ଟିର ହୀନ ବିଦ୍ୱେଷମୂଳକ ପ୍ରଚାର ଯେଉଁ ଭୁଲ୍‌କୁ ବଢ଼ାଇବାରେ ସାହାଯ୍ୟ କରିଛି) ତଥାପି ଆମର ବକ୍ତବ୍ୟ ବିଚାର କରି ଦେଖିବାରେ କ୍ଷତି କଣ ? ଏକଥା କଣ ସତ୍ୟ ନୁହେଁଯେ, ଲେନିନ୍ ଏପରିକି ତାଙ୍କ ଶ୍ରେଣୀ ଶତ୍ରୁମାନଙ୍କର ବକ୍ତବ୍ୟକୁ ଗୁରୁତ୍ୱ ଦେଇ ଶୁଣିଛନ୍ତି । ଆମେ ଦୁଃଖରସହ ଲକ୍ଷ୍ୟ କରୁଛୁ ଯେ, କୌଣସି ବିଷୟ ସମ୍ପର୍କରେ ଜାଣିବା ଓ ଶିଖିବା କ୍ଷେତ୍ରରେ ଲେନିନୀୟ ଦୃଷ୍ଟିଭଙ୍ଗୀରେ ଆଜି ଏକାନ୍ତ ଅଭାବ ପରିଲକ୍ଷିତ ହେଉଛି । **ଆମେ ଆହୁରି କହିବାକୁ ଚାହୁଁ କୌଣସି ବିଷୟକୁ ବିଚାର କରିବା କ୍ଷେତ୍ରରେ ତାହା ସଠିକ ନା ବେଠିକ୍ ବା ତାହା କେତେଦୂର ଯୁକ୍ତିସଂଗତ ସେହି ଭିତ୍ତିରେ ବିଚାର ନକରି ସେହି ପାର୍ଟି ପଛରେ କେତେ ସାଂଗଠନିକ ଶକ୍ତି ରହିଛି ସେହି ଭିତ୍ତିରେ ବିଚାର କରିବାର ନିହାତି ଏକ ବୁର୍ଜୁଆ ଅଭ୍ୟାସ ଆଜି କମ୍ୟୁନିଷ୍ଟମାନେ ମଧ ଆୟତ୍ତ କରିପକାଇଛନ୍ତି - ଯାହା ମାର୍କ୍ସବାଦ-ଲେନିନ୍‌ବାଦର ମୌଳିକ ଶିକ୍ଷାର ସମ୍ପୂର୍ଣ୍ଣ ପରିପନ୍ଥୀ ।** ଏ ଧରଣର ବିଚାର ପଦ୍ଧତି ଯଦି ଲେନିନ୍ ଅନୁସରଣ କରିଥାନ୍ତେ, ତେବେ ଜର୍ମାନୀର ଶକ୍ତିଶାଳୀ ସୋସାଲ ଡେମୋକ୍ରାଟିକ ପାର୍ଟି ବିରୁଦ୍ଧରେ ସ୍ପାର୍ଟାକସ ଗ୍ରୁପ ତାଙ୍କର ଦ୍ୱିଧାହୀନ ସମର୍ଥନ ପାଇ ନଥାନ୍ତେ । ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନରୁ ବ୍ୟକ୍ତି ପୂଜା (Cult of the individual) ଯଦି ଦୂର କରିବାକୁ ହୁଏ, ତେବେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱକାରୀ ଭୂମିକାଟିକୁ ଏଭଳି ବୁଝିଲେ ଚଳିବ ନହିଁ ଯେ, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ପ୍ରତ୍ୟେକ ପ୍ରଶ୍ନରେ ନେତୃତ୍ୱ ଅନିବାର୍ଯ୍ୟରୂପେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଉପରେ ନ୍ୟସ୍ତରହିବ । ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହିତ

ସବୁବିଷୟରେ ଐକ୍ୟମତ ହୋଇ ନପାରିବାର ଅର୍ଥ ହିଁ ହେଉଛି ସର୍ବହରା ଆନ୍ତର୍ଜାତିକତାକୁ ଅସ୍ୱୀକାର କରିବା – ଏ ଧରଣର ଯାନ୍ତ୍ରିକ ସିଦ୍ଧାନ୍ତ ପରିହାର କରି ତା ପରିବର୍ତ୍ତେ 'ଐକ୍ୟ-ସଂଗ୍ରାମ-ଐକ୍ୟର'ର ଦ୍ୱାନ୍ଦ୍ୱିକ ନୀତିର ଭିତ୍ତିରେ କମ୍ୟୁନିଷ୍ଟ ପାର୍ଟି ଗୁଡିକ ମଧ୍ୟରେ ଦ୍ୱାନ୍ଦ୍ୱିକ ସମ୍ପର୍କର ଉପଲବ୍ଧି ଗଢ଼ିତୋଳିବାକୁ ହେବ। ଯେଉଁ ଉପଲବ୍ଧି ମଧ୍ୟରେ ନିହିତ ରହିଛି ଆନ୍ତର୍ଜାତିକ ସାମ୍ୟବାଦୀ ଫୋରମର ଯୌଥ ନେତୃତ୍ୱକୁ ଆହୁରି ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହ ମତାଦର୍ଶଗତ ସଂଗ୍ରାମ ଓ ଦ୍ୱନ୍ଦ୍ୱ ସମନ୍ୱୟ ପ୍ରକ୍ରିୟାର ଗୁରୁତ୍ୱ। ଖୋଲା ଖୋଲି ଭାବେ କରିବାକୁ ଗଲେ ଏ ଧରଣର ଦ୍ୱାନ୍ଦ୍ୱିକ ବିଚାର ପଦ୍ଧତିର କୌଣସି ଲକ୍ଷଣ ଆଜି ଆମେ ଦେଖିବାକୁ ପାଉନାହୁଁ।

## ଏକା ଭ୍ରାନ୍ତ ପଦ୍ଧତି, ଏକାପ୍ରକାରର ଅନ୍ଧତା ଆଜିବି ରହିଛି

ଅତୀତରେ ଯେଉଁଭଳି ଷ୍ଟାଲିନ୍‌ଙ୍କୁ ଅନ୍ଧଭାବେ 'ପାୟ ଦେବତା'ବନେଇ ଦିଆଯାଇଥିଲା, ଠିକ୍ ସେହିଭଳି ବର୍ତ୍ତମାନ ଅନ୍ଧଭାବରେ ତାଙ୍କୁ ସମ୍ପୂର୍ଣ୍ଣ 'ଶୟତାନ' ବୋଲି ଚିହ୍ନିତ କରାଯାଉଛି; କୁହାଯାଉଛି ତାଙ୍କ ସମୟରେ ସାମ୍ୟବାଦୀ ଆନ୍ଦୋଳର ଯାହା ଯାହା କ୍ଷତି ଘଟିଛି, ସେଥିପାଇଁ ସେ ହିଁ ବ୍ୟକ୍ତିଗତଭାବେ ଦାୟୀ। ଅତୀତରେ ଯେଉଭଳି ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ଏବଂ ଷ୍ଟାଲିନ୍ ପରିଚାଳିତ ଆନ୍ତର୍ଜାତିକ କମ୍ୟୁନିଷ୍ଟ ନେତୃତ୍ୱ ସମସ୍ତ ଭୁଲର ଉର୍ଦ୍ଧ୍ୱରେ, ସମାଲୋଚନା ଉର୍ଦ୍ଧ୍ୱରେ ବୋଲି ମନେ କରାଯାଉଥିଲା, ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ସହ କୌଣସି ବିଷୟରେ ଏକମତ ହୋଇ ନପାରିବା ବିଷୟକୁ କମ୍ୟୁନିଜିମ୍ ବିରୋଧୀତା, ସର୍ବହରା ଆନ୍ତର୍ଜାତିକତାବାଦର ବିରୋଧୀତା ବୋଲି ନିନ୍ଦା କରାଯାଉଥିଲା; ଆଜି ପୁଣି ଠିକ୍ ସେହିଭଳି କୃଶ୍ଚେଭ ନେତୃତ୍ୱକୁ ସମସ୍ତ ଭୁଲର ଉର୍ଦ୍ଧ୍ୱରେ, ସମାଲୋଚନା ଉର୍ଦ୍ଧ୍ୱରେ ବୋଲି ମନେ କରାଯାଉଛି, କୃଶ୍ଚେଭ ନେତୃତ୍ୱାଧୀନ ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ସିଦ୍ଧାନ୍ତ ସହିତ ଏକମତ ହୋଇନପାରିବା ବିଷୟକୁ ସୋଭିଏତ ବିରୋଧୀତା, ସର୍ବହରା ଆନ୍ତର୍ଜାତିକତାବାଦର ବିରୋଧୀତା ବୋଲି ଚିହ୍ନିତ କରାଯାଉଛି। ତାହାହେଲେ ବିଚାର ଓ ଚିନ୍ତାପଦ୍ଧତି କ୍ଷେତ୍ରରେ ବା ଦୃଷ୍ଟିଭଙ୍ଗୀ କ୍ଷେତ୍ରରେ ପାର୍ଥକ୍ୟ କେଉଁଠି ରହିଲା ? ଅତୀତ ଭଳି ଅଥରିଟି ସମ୍ପର୍କରେ ସେହି ଅନ୍ଧ ଧାରଣା, ସେହି ଏକା (Non dialectical) ଚିନ୍ତା ଓ କର୍ମ ପଦ୍ଧତି, ବିଭିନ୍ନ କମ୍ୟୁନିଷ୍ଟ ପାର୍ଟିଗୁଡିକ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ସେହି ଏକାପ୍ରକାର ଯାନ୍ତ୍ରିକ ଧାରଣା, ଯାହା ଷ୍ଟାଲିନଙ୍କ ନେତୃତ୍ୱ ସମୟରେ ସାଧାରଣଭାବେ ବ୍ୟକ୍ତିପୂଜା ଓ ବିଶେଷଭାବେ ଷ୍ଟାଲିନପୂଜା ଗଢ଼ି ଉଠିବା ଏବଂ ବଢ଼ି ଚାଲିବା ପାଇଁ ଦାୟୀ – ସେ ସବୁଏକାଭଳି କାମ କରିଚାଲିଛି। ବର୍ତ୍ତମାନ ଆନ୍ତର୍ଜାତିକ ସାମ୍ୟବାଦୀ

ନେତୃତ୍ୱ ପାଖରେ ଆମର ଆବେଦନ, ଷ୍ଟାଲିନଙ୍କ ସମୟରେ ସେହି ସମସ୍ତ ତ୍ରୁଟି ଓ ସୀମାବଦ୍ଧତା ଅତିକ୍ରମ କରିବାକୁ ହେବ ଏବଂ ଏଥିପାଇଁ ଏକ ସଠିକ ପଦ୍ଧତି ଗ୍ରହଣ କରିବାକୁ ହେବ । ଏହି ସଠିକ୍ ପଦ୍ଧତି ଯଦି ନଥାଏ ଏବଂ ବ୍ୟକ୍ତିପୂଜା ଗଢ଼ିଉଠିବାର ମୂଳ କାରଣଟିକୁ ଯଦି ଦୂରକରାନଯାଏ ତେବେ ଯୌଥନେତୃତ୍ୱ ସମ୍ପର୍କିତ ଲେଲିନୀୟ ନୀତି ଓ କର୍ମପଦ୍ଧତି ପୁନଃପ୍ରତିଷ୍ଠା କରିବା ଆଶାଟି ବାତୁଳତା ମାତ୍ର । ଅନ୍ୟ ସମସ୍ତ ପଥ ହିଁ ଶେଷ ପର୍ଯ୍ୟନ୍ତ ଷ୍ଟାଲିନ୍ ପୂଜା ପରିବର୍ତ୍ତେ ଏକା ପ୍ରକାରର ଅନ୍ୟ କୌଣସି ଜଘନ୍ୟ ପୂଜା ଚଳୁ କରିବ– ତାହା କେନ୍ଦ୍ରୀୟ କମିଟି ନାଁରେ ହେଉ, ନେତୃତ୍ୱକାରୀ କମ୍ୟୁନିଷ୍ଟ ପାର୍ଟି ନାଁରେ ହେଉ, ଏପରିକି କୃଶ୍ଚେଭ ନାଁରେ ହେଉ । ଏହି ସମ୍ଭାବ୍ୟ ବିପଦ–ସମ୍ପର୍କରେ କୌଣସି ଦାୟିତ୍ୱଶୀଳ କମ୍ୟୁନିଷ୍ଟ ଉଦାସୀନ ରହିପାରେନା ।

## ଆଦର୍ଶଗତ ନିମ୍ନ ମାନ ହିଁ ଭୁଲ ପାଇଁ ଦାୟୀ

କିନ୍ତୁ ପ୍ରଶ୍ନ ହେଉଛି, ଏହିସବୁ ଭୁଲ ହେଲା କାହିଁକି, କେଉଁ କାରଣରୁ ବିଭିନ୍ନ କମ୍ୟୁନିଷ୍ଟ ପାର୍ଟିଗୁଡିକ ଅଥରିଟି ସମ୍ପର୍କରେ ଦ୍ୱାନ୍ଦ୍ୱିକ ଧାରଣା ସହ ଗୁରୁବାଦକୁ ଗୋଳମାଳିଆ କରି ପକାଇଲେ ? କାହିଁକି ସେମାନେ ଧରି ପାରିଲେ ନାହିଁ ଯେ, ଗଣତାନ୍ତ୍ରିକ କେନ୍ଦ୍ରିକତା ପରିବର୍ତ୍ତେ ଆନୁଷ୍ଠାନିକ ଗଣତନ୍ତ୍ର ଉପରେ ଭିତ୍ତି କରି ଗଢ଼ି ଉଠିଥିବା କେନ୍ଦ୍ରିକତାର ଚର୍ଚ୍ଚା ଚଳିଛି ? କିଭଳି ଭାବେ ସେମାନେ 'ଐକ୍ୟ–ସଂଗ୍ରାମ–ଐକ୍ୟ'ର ଦ୍ୱାନ୍ଦ୍ୱିକ ନୀତି ପରିତ୍ୟାଗ କରି ତା ପରିବର୍ତ୍ତେ ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକର ଐକ୍ୟ ସମ୍ପର୍କରେ ଏକ ଆନୁଷ୍ଠାନିକ (formal) ଧାରଣାକୁ ଗ୍ରହଣ କଲେ ? ଏକ ନେତୃତ୍ୱକାରୀ କମ୍ୟୁନିଷ୍ଟ ପାର୍ଟି ଅଛି ମାନେ ସମସ୍ତ କ୍ଷେତ୍ରରେ ପ୍ରତ୍ୟେକ ପ୍ରଶ୍ନରେ ସେହି ପାର୍ଟି ହିଁ ନେତୃତ୍ୱ ଦେବ, ଏଥିରେ କୌଣସି ବ୍ୟତିକ୍ରମ ହୋଇପାରିବ ନାହିଁ – ଏହି ଧାରଣା ଯେ ଭୁଲ, ଏହା ସେମାନେ ଧରି ପାରିଲେ ନାହିଁ କାହିଁକି ? ଆମେ ମନେ କରୁ, ବ୍ୟାପକ ସଂଖ୍ୟକ କମ୍ୟୁନିଷ୍ଟମାନଙ୍କର ଚେତନାର ନିମ୍ନମାନ ହିଁ ଏହି ସବୁ ଭୁଲର କାରଣ । ଏକଥା ସତ ଯେ, ଲେନିନ ପରବର୍ତ୍ତୀକାଳରେ ଔପନିବେଶିକ, ଅର୍ଦ୍ଧ–ଔପନିବେଶିକ ଏବଂ ପୁଞ୍ଜିବାଦୀ ଦେଶଗୁଡିକରେ ସାଂଗଠନିକ ଦିଗରୁ କମ୍ୟୁନିଷ୍ଟ ଆନ୍ଦୋଳନର ବିରାଟ ଅଗ୍ରଗତି ଘଟିଛି କିନ୍ତୁ ଏହି ଅଗ୍ରଗତି ଘଟିଛି ବୋଲି ଏକଥା ପ୍ରମାଣ ହୁଏ ନାହିଁ ଯେ, କମ୍ୟୁନିଷ୍ଟ ଆନ୍ଦୋଳନର ସାଂଗଠନିକ ଅଗ୍ରଗତି ସହିତ ସାମଞ୍ଜସ୍ୟ ରଖି ଆଦର୍ଶଗତ ଚେତନାର ମାନ ବି ସେହିଭଳି ଉନ୍ନତସ୍ତରରେ ପହଞ୍ଚି ପାରିଛି । ବାସ୍ତବରେ ତାହା ଯେ ଉନ୍ନତ ହୋଇନାହିଁ, ପୂର୍ବରୁ ଯେଉଁସବୁ ତ୍ରୁଟି ଗୁଡିକର

କଥା ଆମେ କହି ଆସିଛୁ ସେଗୁଡିକ ନିଶ୍ଚିତଭାବେ ତାହାର ପ୍ରମାଣ । ଏହି ଯେଉଁ କମ୍ୟୁନିଷ୍ଟ ଆନ୍ଦୋଳନର ସାଂଗଠନିକ ଅଗ୍ରଗତି ଘଟିଗଲା, ଅଥଚ ତା ସତ୍ତ୍ୱେ ବି ତାହାର ଚେତନାର ମାନ ପଛରେ ରହିଗଲା– ଏହା ଆଜି ନୂଆ ଘଟୁଛି ଏଭଳି ନୁହେଁ । ଲେନିନ ତାଙ୍କ ଜୀବଦ୍ଦଶାରେ ନିଜେ ହିଁ ଏହି ସ୍ୱବିରୋଧୀ ପରିସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ସାଧାରଣ ଭାବେ କମ୍ୟୁନିଷ୍ଟ ମାନଙ୍କର ଚେତନାର ମାନ ଆଜି ଯେ କ୍ରମାଗତ ଭାବେ ପଛେଇ ଯାଉଛି, ଆମ ମତରେ ମୁଖ୍ୟତଃ ତାହାର କାରଣ ଦୁଇଟି । ପ୍ରଥମତଃ ଲେନିନ୍ ପରବର୍ତ୍ତୀକାଳରେ ମାନବ ଜୀବନରେ ଏବଂ ଶ୍ରେଣୀ ସଂଗ୍ରାମ ସାମନାରେ ଯେଉଁ ବହୁ ନୂତନ ନୂତନ ସମସ୍ୟା ଦେଖାଦେଇଛି ଏବଂ ବିଜ୍ଞାନର ବିଭିନ୍ନ ଶାଖା ପ୍ରଶାଖାରେ ଯେଉଁ ବିସ୍ମୟକର ଅଗ୍ରଗତି ଘଟିଛି, ତାହାରି ପରିପ୍ରେକ୍ଷିରେ ମାର୍କ୍ସବାଦ-ଲେନିନ୍‌ବାଦର ଦର୍ଶନଗତ ଉପଲବ୍ଧିର ଯେଉଁ ବିକାଶ ଘଟାଇବା ଉଚିତ୍ ଥିଲା, ଲେନିନ୍‌ଙ୍କ ପରେ ତାହା ଆଉ କରାଯାଇନାହିଁ । ଏହି ନ କରିବା ପଛରେ ବହୁ କାରଣ ଥାଇପାରେ, କିନ୍ତୁ କରାଯାଇନାହିଁ ଏହା ସତ୍ୟ । ଗୋଟିଏ ସାଧାରଣ ଉଦାହରଣ ଦେଲେ ବିଷୟଟି ବୁଝିହେବ । ଏକଥା ବୋଧହୁଏ କେହି ଅସ୍ୱୀକାର କରି ପାରିବେ ନାହିଁ ଯେ, ଆଦର୍ଶଗତ ଦିଗରୁ ବ୍ୟକ୍ତିବାଦ ଏବଂ ସ୍ୱାଧୀନତା ସମ୍ପର୍କରେ ବୁର୍ଜୁଆ ଧାରଣା ଆଜି ବିକାଶଶୀଳ ଦେଶଗୁଡିକରେ ଶ୍ରେଣୀ ସଂଗ୍ରାମର ବିକାଶ ପଥରେ ଏକ ବିରାଟ ବାଧା । ଏହି ପରିସ୍ଥିତିରେ, ମାନବତାବାଦୀ ମୂଲ୍ୟବୋଧ ଏବଂ ସର୍ବହରା ମୂଲ୍ୟବୋଧର ଏକ ତୁଳନାତ୍ମକ ବିଶ୍ଲେଷଣ ତୋଳି ଧରିବା ଜରୁରୀ ପ୍ରୟୋଜନ ଥିଲା । କିନ୍ତୁ ଲେନିନ ପରବର୍ତ୍ତୀ କାଳରେ ଏହି ସମସ୍ୟା ନେଇ ସମସ୍ତ ଦିଗରୁ ବିଶ୍ଲେଷଣ କରାଯାଇଛି - ଏଭଳି କୌଣସି ପ୍ରାମାଣସିଦ୍ଧ (authoritative) ରଚନା ଆମେ ଦେଖିନାହୁଁ । ଯେଉଁ ହଜାର ହଜାର ତରୁଣ କମ୍ୟୁନିଷ୍ଟ ସାମ୍ୟବାଦୀ ଆନ୍ଦୋଳନର ପ୍ରବାହରେ ନିଜକୁ ଜଡିତ କରିଛନ୍ତି, ସେମାନଙ୍କର ଆଦର୍ଶଗତ ଚେତନାର ମାନ କ୍ରମାଗତ ଉନ୍ନତରୁ ଉନ୍ନତତର ସ୍ତରକୁ ନେଇଯିବା ପାଇଁ ଦଳର ଅଭ୍ୟନ୍ତରରେ ନିରନ୍ତର ଆଦର୍ଶଗତ ସଂଗ୍ରାମ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ କାମଟିକୁ, ପ୍ରାୟ ସମସ୍ତ କମ୍ୟୁନିଷ୍ଟ ନେତା ଗୁରୁତରଭାବେ ଅବହେଳା କରିଛନ୍ତି ଏବଂ କାହାଣୀର ଏକଆଖିଆ ହରିଣଭଳି କର୍ମୀମାନଙ୍କୁ କେବଳମାତ୍ର ସାଂଗଠନିକ କର୍ମକାଣ୍ଡରେ ନିଯୁକ୍ତ କରି ରଖିଛନ୍ତି । କମ୍ୟୁନିଷ୍ଟ ଆନ୍ଦୋଳନର ଅତି ଦ୍ରୁତ ଏବଂ ବିରାଟ ସାଂଗଠନିକ ଅଗ୍ରଗତିରେ ଆତ୍ମସନ୍ତୁଷ୍ଟ ଭାରତର କମ୍ୟୁନିଷ୍ଟ ପାର୍ଟିର ନେତାମାନେ ଏପରିକି ତତ୍ତ୍ୱ ଚର୍ଚ୍ଚା ପ୍ରତି କର୍ମୀମାନଙ୍କ ମଧ୍ୟରେ ଏକ ବିରୂପ ମନୋଭାବ ମଧ୍ୟ ସୃଷ୍ଟି କରିଥିଲେ । ଦଳର ସାଧାରଣକର୍ମୀମାନଙ୍କ ନିକଟରୁ ସେମାନେ

ଯାହା ଚାହିଁଛନ୍ତି ତାହା ହେଲା, କର୍ମୀମାନେ ଦଳ ପ୍ରତି ଅନୁଗତ ରହିବେ ଏବଂ ଅନ୍ଧଭାବେ କାମ କରିଯିବେ । ଅନ୍ୟାନ୍ୟ ଦେଶର କମ୍ୟୁନିଷ୍ଟ ପାର୍ଟି ସମ୍ପର୍କରେ ଆମର ପ୍ରତ୍ୟକ୍ଷ ଧାରଣା ନାହିଁ । କିନ୍ତୁ ଭାରତବର୍ଷରେ ଆମେ ଯାହା ଦେଖୁଛୁ ଏବଂ ପୂର୍ବରୁ ଯେଉଁସବୁ ତ୍ରୁଟି କଥା ଆମେ କହିଛୁ ତାହାର କାରଣଗୁଡ଼ିକ ବିଶ୍ଳେଷଣ କରି ଆମେ ଅନୁଭବ କରୁଛୁ ଯେ, କମ୍ୟୁନିଷ୍ଟ ଆନ୍ଦୋଳନର ସାଂଗଠନିକ ଅଗ୍ରଗତି ପ୍ରତି ଏହିଭଳି ଏକ ଆତ୍ମସନ୍ତୁଷ୍ଟିର ମନୋଭାବ, ଏବଂ ପାର୍ଟି ପ୍ରତି ଆନୁଗତ୍ୟ ଦୈନନ୍ଦିନ କାର୍ଯ୍ୟକଳାପ ଉପରେ ଏକତରଫାଭାବେ ଗୁରୁତ୍ୱ ଦେଇ ତତ୍ତ୍ୱଗତ ବିଚାର ବିଶ୍ଳେଷଣ କରିବାର ମାନସିକତାକୁ ଅବଜ୍ଞା କରିବାର ପ୍ରବଣତା ପ୍ରାୟ ପ୍ରତ୍ୟେକ ଦେଶରେ ଆମେ ଲକ୍ଷ୍ୟ କରୁଛୁ । ଆଦର୍ଶଗତ ସଂଗ୍ରାମର ଗୁରୁତ୍ୱକୁ ଅବହେଳା କରିବାର ପରିଣାମରେ ଆମ ଦେଶରେ କମ୍ୟୁନିଷ୍ଟମାନଙ୍କର ଚେତନାର ମାନ ତଳକୁ ଖସି ଖସି ଏତେ ତଳକୁ ଚାଲିଆସିଛି ଯେ ଆଜିକାର ଦିନରେ ମାନବଜୀବନ ଓ ସମାଜ ପରିବେଶରେ ବହୁ ନୂତନ ନୂତନ ଯେଉଁସବୁ ସମସ୍ୟା ଦେଖାଦେଇଛି ତାକୁ ମୁକାବିଲା କରିବା ପାଇଁ ଆଦର୍ଶଗତ ଚେତନାର ଯେଉଁ ମାନ ଅର୍ଜନ କରିବା ପ୍ରୟୋଜନ ତାହା ଦୂରେ ଥାଉ, ଏପରିକି ଲେନିନଙ୍କ ସମୟରେ ବି ଆଦର୍ଶଗତ ଚେତନାର ମାନଟି ଯେଉଁ ସ୍ତରରେ ଥିଲା, ତାହା ମଧ୍ୟ ଆଜି ଦେଖାଯାଉନାହିଁ । ସ୍ୱଭାବତଃ ଏଠାରେ ପ୍ରଶ୍ନ ଉଠିପାରେ - ତେବେ କମ୍ୟୁନିଷ୍ଟ ଆନ୍ଦୋଳନର ବର୍ତ୍ତମାନ ଯେଉଁ ଅଗ୍ରଗତି ଓ ବିକାଶ ଘଟୁଛି, ତାହାର କାରଣ କଣ ? ଏଠାରେ ମାନିନେବାକୁ ହେବ ଯେ, ସାମ୍ରାଜ୍ୟବାଦ ଆଜି ଯେଉଁ ଅବକ୍ଷୟ ମଧ୍ୟଦେଇ ଚାଲିଛି, ଔପନିବେଶିକ ଓ ଅର୍ଦ୍ଧ-ଔପନିବେଶିକ ଦେଶଗୁଡ଼ିକରେ ସାଧାରଣ ମଣିଷ ନିକଟରେ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମର ମାନବିକ ଆବେଦନ ଯେଉଁ ଜାଗରଣ ସୃଷ୍ଟି କରୁଛି, ବିକାଶଶୀଳ ଦେଶଗୁଡ଼ିକର ଜନଗଣଙ୍କ ମଧ୍ୟରେ ପୁଞ୍ଜିବାଦୀ ଶୋଷଣ ବିରୁଦ୍ଧରେ ସାଧାରଣଭାବେ ଯେଉଁ ବିକ୍ଷୋଭ ରହିଛି, ତା'ର ପାଖାପାଖି ସମାଜବ୍ୟବସ୍ଥା ଭାବେ ପୁଞ୍ଜିବାଦ ତୁଳନାରେ ସମାଜବାଦର ଶ୍ରେଷ୍ଠତ୍ୱର ଯେଉଁ ଧାରଣା, ଆଜିକାର କମ୍ୟୁନିଷ୍ଟ ଆନ୍ଦୋଳନର ଅଗ୍ରଗତି ଅନେକାଂଶରେ ଏହି କାରଣରୁ ହିଁ ଘଟିଛି । ଆଜି ଦୁନିଆବ୍ୟାପୀ ଯେତେଲୋକ ଆସି କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗ ଦେଉଛନ୍ତି, ଆନ୍ଦୋଳନକୁ ଶକ୍ତିଶାଳୀ କରୁଛନ୍ତି, ସେମାନେ ସମସ୍ତେ ହିଁ ସଚେତନ ସାମ୍ୟବାଦୀ ଏକ ସୁଦୃଢ଼ ପ୍ରତ୍ୟୟ ଭିତ୍ତିରେ କମ୍ୟୁନିଷ୍ଟ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଛନ୍ତି ବା ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି - ଘଟଣାଟି ଏଭଳି ନୁହେଁ । ବରଂ ଏହାହିଁ ସମ୍ଭବ ଯେ, ସେମାନଙ୍କ ଭିତରୁ ଅତି ଅଳ୍ପ ଲୋକ କମ୍ୟୁନିଷ୍ଟ ଆଦର୍ଶ ଭିତ୍ତିରେ ନିଜର ସୁଦୃଢ଼ ପ୍ରତ୍ୟୟ ଗଢ଼ି ପାରିଛନ୍ତି ।

ଏହି ଅବସ୍ଥା ଯଦି ଚାଲୁରହେ, ତେବେ କମ୍ୟୁନିଷ୍ଟ ମାନଙ୍କର ସାମଗ୍ରିକ ଚେତନାର ମାନକୁ ଉନ୍ନତ ସ୍ତରକୁ ନେଇ ଯିବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ । ତେଣୁ ଏହି ମୁହୂର୍ତ୍ତରେ ସବୁଠାରୁ ଜରୁରୀ ପ୍ରୟୋଜନ ହେଉଛି, ସାଂଗଠନିକ ଓ ଚିନ୍ତାଗତ କ୍ଷେତ୍ରରେ ଯେତେ ପ୍ରଶ୍ନ, ଜୀବନର ଯେତେ ସମସ୍ୟା, ସର୍ବଦିଗକୁ ବ୍ୟାପ୍ତ କରି ନିରବଚ୍ଛିନ୍ନ ଏବଂ ନିରଳସ ଆଦର୍ଶଗତ ସଂଗ୍ରାମ ପରିଚାଳନା କରିବା ।

## ସଂଶୋଧନବାଦୀ ପ୍ରବଣତା

ସଂଗଠନଗତ ଓ ଚିନ୍ତାଗତ କ୍ଷେତ୍ରରେ ଏବଂ ମାନବଜୀବନ ସାମ୍ନାରେ ଯେଉଁସବୁ ନୂତନ ନୂତନ ସମସ୍ୟା ଦେଖା ଦେଇଛି ତାହାର ପରିପ୍ରେକ୍ଷିରେ ମାର୍କ୍ସବାଦ-ଲେନିନ୍‌ବାଦର ଉପଲବ୍ଧିକୁ ଆଜି ନିଶ୍ଚିତରୂପେ ଆହୁରି ସମୃଦ୍ଧ କରିବାକୁ ହେବ ଏବଂ ତାହା କରିବାକୁ ହେବ ଲେନିନ୍‌ବାଦର ମୌଳିକ ନୀତିଗୁଡିକର ସଠିକ୍ ଉପଲବ୍ଧି ଉପରେ ଭିତ୍ତିକରି ଏବଂ ଲେନିନ୍‌ବାଦର ମୌଳିକ ନୀତିଗୁଡିକର ସଠିକ୍ ଉପଲବ୍ଧି ଗଢ଼ି ତୋଳିବା କ୍ଷେତ୍ରରେ ଓ ସାମ୍ୟବାଦୀ ଆନ୍ଦୋଳନ କ୍ଷେତ୍ରରେ ଯେଉଁ ଅବଦାନ ଷ୍ଟାଲିନ ରଖିଯାଇଛନ୍ତି ତାହାର ଯଥାଯୋଗ୍ୟ ସ୍ୱୀକୃତି ଦେଇ । ନହେଲେ ସଂଶୋଧନବାଦରେ ନିମଜ୍ଜିତ ହେବାର ସମସ୍ତ ସମ୍ଭାବନା ରହିଯିବ । ଅତ୍ୟନ୍ତ ବେଦନାର ସହିତ ଆମକୁ କହିବାକୁ ପଡୁଛି ଏବଂ ଭ୍ରାତୃପ୍ରତିମ ଦଳ ଭାବେ ଏହା ଦର୍ଶାଇବା ଆମର ଆବଶ୍ୟକୀୟ କର୍ତ୍ତବ୍ୟ ଯେ, ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ବର୍ତ୍ତମାନ ନେତୃତ୍ୱ ଯେଉଁଭଳି ଭାବେ ଆଜିକାର ଆନ୍ତର୍ଜାତିକ ପରିସ୍ଥିତିକୁ ବିଶ୍ଳେଷଣ କରିଛନ୍ତି, ଯୁଦ୍ଧ ଓ ଶାନ୍ତିର ପ୍ରଶ୍ନରେ ଯେଉଁସବୁ କଥା ସେମାନେ କହିଛନ୍ତି, ବିପ୍ଳବର ମୂଳ ନୟମଗୁଡିକ ସମ୍ପର୍କରେ ସେମାନଙ୍କର ଯେଉଁ ଉପଲବ୍ଧି, ଦୁଇ ବିଶ୍ୱ ବ୍ୟବସ୍ଥାର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ପ୍ରୟୋଗ କ୍ଷେତ୍ରରେ ସେମାନଙ୍କର ଯାହା ଦୃଷ୍ଟିଭଙ୍ଗୀ, ସମାଜତାନ୍ତ୍ରିକ ଆଲବାନିଆ ରାଷ୍ଟ୍ର ଏବଂ Albenian Party of Labour ବିରୁଦ୍ଧରେ ଯେଉଁସବୁ ପଦକ୍ଷେପ ସେମାନେ ନେଇଛନ୍ତି, ଆଉ ସର୍ବଶେଷରେ ଷ୍ଟାଲିନଙ୍କ ସମ୍ପର୍କରେ ଯେଉଁସବୁ ପଦକ୍ଷେପ ସେମାନେ ଗ୍ରହଣ କରିଛନ୍ତି, ଯାହା ଷ୍ଟାଲିନଙ୍କୁ ଜନମାନସରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବାର ନାମାନ୍ତର- **ଏହି ସମସ୍ତ ବିଷୟ ମଧ୍ୟରେ ଯେଉଁ ପ୍ରବଣତା ଦେଖାଯାଉଛି ତାରି ଭିତରେ ନିହିତ ରହିଛି ସଂଶୋଧନବାଦରେ ନିମଜ୍ଜିତ ହେବାର ସମ୍ଭାବନା ।** କମ୍ରେଡ, ଏକଥା ଅସ୍ୱୀକାର କରିବାର କୌଣସି ଉପାୟ ନାହିଁ ଯେ, ବର୍ତ୍ତମାନ ଆନ୍ତର୍ଜାତିକ ପରିସ୍ଥିତି ପୁଞ୍ଜିବାଦ-ସାମ୍ରାଜ୍ୟବାଦକୁ ଉଚ୍ଛେଦ କରିବାର ଏକ ଅଭୂତପୂର୍ବ ସମ୍ଭାବନା ଆମ ସାମ୍ନାକୁ ଆଣି

ଦେଇଛି । କହିବାକୁ ଗଲେ, ଆମେ ଆଜି ସର୍ବହରା ବିଶ୍ୱ ବିପ୍ଳବର ଦ୍ୱାରଦେଶରେ ପହଞ୍ଚିଯାଇଛୁ । ଯେଉଁ ସୁଯୋଗ ଆମ ସାମ୍ନାରେ ଆସିଛି ତାକୁ ଗ୍ରହଣ କରିବା, ସର୍ବହରା ବିଶ୍ୱ ବିପ୍ଳବର ସ୍ୱାର୍ଥରେ ତାହାକୁ ସର୍ବଶକ୍ତି ଦେଇ ସବୁଠାରୁ ଭଲଭାବେ କାମରେ ଲଗାଇବା – ବର୍ତ୍ତମାନ ମୁହୂର୍ତ୍ତରେ ଏହାହିଁ ଜରୁରୀ ପ୍ରୟୋଜନ । କିନ୍ତୁ ଏହା ଅତ୍ୟନ୍ତ ଦୁଃଖର କଥା, ପରିସ୍ଥିତି ଯେତେବେଳେ ଏତେ ଅନୁକୂଳ, ସେତେବେଳେ ଆମେ କମ୍ୟୁନିଷ୍ଟମାନେ ନିଜର ଚେତନାକୁ ଆହୁରି ଉନ୍ନତ କରିବା ପରିବର୍ତ୍ତେ ଆଦର୍ଶଗତ ବିଭ୍ରାନ୍ତିର ଗୋଲକଧନ୍ଧାରେ ଘୁରିବୁଲୁଛୁ; ଆମର ଐକ୍ୟକୁ ଆହୁରି ସଂହତ କରି ଯେତେବେଳେ ବିଶ୍ୱ ସାମ୍ୟବାଦୀ ସମାଜ ପ୍ରତିଷ୍ଠା ଲକ୍ଷ୍ୟରେ ଦୃଢ଼ ପଦକ୍ଷେପରେ ଆଗେଇଯିବା କଥା, ସେତେବେଳେ ସହି ଐକ୍ୟକୁ ଆମେ ଦୁର୍ବଳ କରିପକାଉଛୁ; ପୁଞ୍ଜିବାଦୀ ଦେଶ ଗୁଡିକରେ ଯେଉଁ କମ୍ୟୁନିଷ୍ଟ ପାର୍ଟିଗୁଡିକ ରହିଛି ସେମାନଙ୍କୁ ପାର୍ଲିଆମେଣ୍ଟାରୀ ମୋହରୁ ମୁକ୍ତି ହେବା କ୍ଷେତ୍ରରେ ସାହାଯ୍ୟ କରିବା ପରିବର୍ତ୍ତେ ଏଭଳିଭାବେ ପ୍ରଶ୍ରୟ ଦେଉଛୁ ଯଦ୍ୱାରାକି ପାର୍ଲିଆମେଣ୍ଟାରୀ ମୋହ ସେମାନଙ୍କୁ ଆହୁରି ବେଶୀ ଗ୍ରାସ କରେ । ଆମେ କମ୍ୟୁନିଷ୍ଟମାନେ ଏଭଳି ଆଚରଣ କରୁଛୁ ଯଦ୍ୱାରା ପୁଞ୍ଜିବାଦୀ ଦେଶଗୁଡିକରେ କମ୍ୟୁନିଷ୍ଟ ପାର୍ଟି ଗୁଡିକ ଧୀରେ ଧୀରେ ନିଛକ ପାର୍ଲିଆମେଣ୍ଟାରୀ ପାର୍ଟିରେ ପର୍ଯ୍ୟବେସିତ ହୁଏ । ଯେତେ ଦ୍ରୁତ ଏହି ପରିସ୍ଥିତିକୁ ଅତିକ୍ରମ କରାଯାଇପାରେ ସେତିକି ଭଲ । ଆସନ୍ତୁ, ଏହି ମହାନ କର୍ତ୍ତବ୍ୟ ପାଳନ କରିବାରେ ସର୍ବୋତଭାବେ ଆମେ ନିଜକୁ ନିୟୋଜିତ କରିବା ।

## କ୍ଷମତା ଅପବ୍ୟବହାର ସଂକ୍ରାନ୍ତୀୟ ତଥ୍ୟ
## କମ୍ୟୁନିଷ୍ଟ ଆନ୍ତର୍ଜାତିକ ଫୋରମରେ ପେଶ କରିବାକୁ ହେବ

ବ୍ୟକ୍ତିପୂଜାର ଚର୍ଚ୍ଚା ଏବଂ ସେହି ପଥରେ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଲଂଘନ କରିବାର ଅଭିଯୋଗ ଛଡା ମଧ୍ୟ ଷ୍ଟାଲିନଙ୍କ ବିରୁଦ୍ଧରେ ଆଉ ଯେଉଁ ଅଭିଯୋଗ ଅଣାଯାଇଛି ତାହା ହେଉଛି କ୍ଷମତାର ଅପବ୍ୟବହାର – ଯାହାଫଳରେ ବହୁ ନିରପରାଧ ଲୋକଙ୍କୁ ଜୀବନ ଦେବାକୁ ପଡିଛି । ଦ୍ୱାବିଂଶ କଂଗ୍ରେସର ରିପୋର୍ଟରେ କୃଶ୍ଚେଭ ଏ ଧରଣର କିଛି ଦୁଃଖଜନକ ଘଟଣାର ଉଦ୍ଧୃତି ଦେଇଛନ୍ତି ଏବଂ ଏହି ଘଟଣା ଗୁଡିକୁ ଦର୍ଶାଇ ତାଙ୍କର ଉଦଯାପନୀ ଭାଷଣରେ କହିଛନ୍ତି, ‘‘ବ୍ୟକ୍ତିପୂଜାର ଏହାହିଁ ହେଉଛି ପରିଣାମ ।’’ ଆମ ମତରେ ଏହା ଏକ ଅତ୍ୟନ୍ତ ସରଳୀକୃତ ବ୍ୟାଖ୍ୟା । କାରଣ, ନିରପରାଧ ଲୋକଙ୍କର ଜୀବନହାନିର ଘଟଣା, ତାହା ଯେତେ

ବେଦନାଦାୟକ ହେଉନା କାହିଁକି ଏହାଦ୍ୱାରା ସଙ୍ଗେ ସଙ୍ଗେ ପ୍ରମାଣ ହୁଏ ନାହିଁ ଯେ, ଏସବୁ ବ୍ୟକ୍ତିପୂଜାର ଫଳ, କାରଣ ନିରପରାଧ ଲୋକଙ୍କର ଜୀବନହାନି ନ ଘଟାଇ ମଧ୍ୟ ବ୍ୟକ୍ତିପୂଜାର ଚର୍ଚ୍ଚା ପୂରାଦମରେ ଚାଲିପାରେ । ବ୍ୟକ୍ତିପୂଜା ଚର୍ଚ୍ଚାର ମୂଳ କାରଣଟି ଅନେକ ଗଭୀରରେ ନିହିତ । ଆମେ ଇତିପୂର୍ବରୁ ଆଲୋଚନା କରି ଦର୍ଶାଇଛୁ ଯେ, ଷ୍ଟାଲିନଙ୍କ ସମୟରେ ରାଷ୍ଟ୍ରବିରୋଧୀ କାର୍ଯ୍ୟକଳାପ ସହଯୁକ୍ତ ଏହି ସନ୍ଦେହରୁ ବହୁ ନିରପରାଧ ଲୋକଙ୍କୁ ଯେ ଜୀବନ ଦେବାକୁ ପଡିଛି – ଏକଥା ଅନସ୍ୱୀକାର୍ଯ୍ୟ । ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ଅଷ୍ଟାଦଶ କଂଗ୍ରେସ ରିପୋର୍ଟରେ ଷ୍ଟାଲିନ ନିଜେ ହିଁ ଏକଥା ସ୍ୱୀକାର କରିଛନ୍ତି । ଅଷ୍ଟାଦଶ କଂଗ୍ରେସରେ ତାଙ୍କ ରିପୋର୍ଟରେ ଷ୍ଟାଲିନ କହିଛନ୍ତି, ''ଦଳରୁ ବ୍ୟାପକ ହାରରେ ବହିଷ୍କାର ଘଟଣାଗୁଡିକ କ୍ଷେତ୍ରରେ ଯେ ମାରାତ୍ମକ କିଛି ଭୁଲଘଟିଯାଇଛି– ଏକଥା ଅସ୍ୱୀକାର କରାଯାଇ ପାରେନା । ଅତ୍ୟନ୍ତ ଦୁଃଖର ବିଷୟ, ଯେତିକି ଭୁଲ ହୋଇପାରେ ବୋଲି ଆଶଙ୍କା କରାଯାଉଥିଲା, ଭୁଲ ହୋଇଥିଲା ତା ଠାରୁ ଅନେକ ବେଶୀ । ଅବଶ୍ୟ ଭବିଷ୍ୟତରେ ଏ ଧରଣର ବ୍ୟାପକ ବହିଷ୍କାର ପଥରେ ଆମକୁ ଆଉ ଯିବା ପାଇଁ ପଡିବ ନାହିଁ – ଏହା ସୁନିଶ୍ଚିତ । ଯଦିଓ ୧୯୩୩–୩୬ ମସିହାରେ ଯେଉଁ ବ୍ୟାପକ ବହିଷ୍କାର କରାଯାଇଥିଲା ତାହା ନକରି କୌଣସି ଉପାୟ ନଥିଲା । ସାମଗ୍ରିକ ଭାବେ ଏହାର ଫଳାଫଳ ମଧ୍ୟ ଭଲ ହୋଇଥିଲା ।'' ସୁତରାଂ ଏହିସବୁ ଦୁଃଖଜନକ ଘଟଣା ଦଳ ନିକଟରେ ଗୋପନ କରାଯାଇଥିଲା – ଏକଥା କୁହାଯାଇ ପାରେନା; ବରଂ ଏ ବ୍ୟାପାରରେ ଷ୍ଟାଲିନ ନିଜେ ଯେଉଁ ଭୁଲ କରିଥିଲେ ତା ସହିତ ସମସ୍ତ ଘଟଣା ସେ କଂଗ୍ରେସରେ ପେଷ କରିଥିଲେ, ଗୃହୀତ ପଦକ୍ଷେପ ଗୁଡିକର ଯୌକ୍ତିକତା ସେ ଦଳକୁ ବୁଝାଇବାକୁ ସକ୍ଷମ ହୋଇଥିଲେ ଏବଂ ଏହିଭଳିଭାବେ ସମସ୍ତ କିଛି ଖୋଲାଖୋଲି କହିବା ଦ୍ୱାରା ସମସ୍ତଙ୍କୁ ସେ ସଂଶୟମୁକ୍ତ କରିପାରି ଥିଲେ । ଏକଥା ଠିକ୍ ଯେ, ବହୁ କ୍ଷେତ୍ରରେ ଏଭଳି ଦାରୁଣ ଅବିଚାର ଘଟିଛି – ଯାହା ଆଶା କରାଯାଇନାହିଁ । କିନ୍ତୁ ଏହି ଆଧିକ୍ୟ ପାଇଁ ବ୍ୟକ୍ତିଗତ ଭାବେ ଷ୍ଟାଲିନଙ୍କର ନିଜର ଦାୟିତ୍ୱ କେତେଦୂର ଥିଲା ଆଉ ରାଷ୍ଟ୍ର କ୍ଷମତାରେ ଚେରମାଡି ବସିଥିବା ଅମଲାତନ୍ତ୍ର କେତେଦୂର ଦାୟୀ, ତାହା ଏ ଯାଏଁ ନିର୍ଣ୍ଣୟ କରାଯାଇନାହିଁ । ଅଥଚ ତାହା ନକରି ବ୍ୟକ୍ତିଗତ ଭାବେ ଷ୍ଟାଲିନଙ୍କୁ ଦାୟୀ କରାଯାଉଛି । ଦଳର ନେତା ଓ ରାଷ୍ଟ୍ରମୁଖ୍ୟ ଭାବେ ଶାସ୍ତିବିଧାନର ଚୂଡାନ୍ତ ରାୟ ଦେବା କ୍ଷେତ୍ରରେ ଯେମିତି କୌଣସି ଭୁଲ ନ ଘଟେ ସେ ଦିଗକୁ ଲକ୍ଷ୍ୟ ରଖି ଷ୍ଟାଲିନଙ୍କର ଅନେକ ବେଶୀ ଯତ୍ନଶୀଳ ଓ ସଜାଗ ହେବା ଉଚିତ ଥିଲା । ସମସ୍ତ ଘଟଣାକୁ ଅତ୍ୟନ୍ତ ସତର୍କତା ସହ ପରଖିନେବା ଦରକାର ଥିଲା – ଏକଥା ଠିକ୍;

କହିବା ବାହୁଲ୍ୟ' ଏ କାମରେ ଷ୍ଟାଲିନ ବ୍ୟର୍ଥ ହୋଇଛନ୍ତି ଏବଂ ସେହି ଅର୍ଥରେ ଷ୍ଟାଲିନଙ୍କ ଭଳି ବ୍ୟକ୍ତିଙ୍କର କର୍ତ୍ତବ୍ୟରେ ତ୍ରୁଟି ଘଟିଛି ଏବଂ ସେହି ଅର୍ଥରେ ଏତେଗୁଡିଏ ନିରପରାଧ ଲୋକଙ୍କର ଜୀବନହାନି ପାଇଁ ସେ ଦାୟୀ – ଏଭଳି ଭାବେ କହିବା ଗୋଟିଏ କଥା । କିନ୍ତୁ ଏହିସବୁ ଘଟଣା ପାଇଁ ଷ୍ଟାଲନଙ୍କୁ ବ୍ୟକ୍ତିଗତ ପ୍ରତିହିଂସାର ଅଭିଯୋଗରେ ଅଭିଯୁକ୍ତ ଓ ଦାୟୀ କରିବା ସମ୍ପୂର୍ଣ୍ଣ ଭିନ୍ନ କଥା । ଷ୍ଟାଲିନ ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ କ୍ଷମତାର ଅପବ୍ୟବହାର କରିଛନ୍ତି- ତଥ୍ୟ ସମ୍ବଳିତ ଏହାର ଯଦି କୌଣସି ପ୍ରମାଣ ଥାଏ, ତେବେ ତଥ୍ୟଗୁଡିକ ଠିକ୍ ଅଛି କି ନାହିଁ ତାହା ପରଖି ନେବା ପାଇଁ କେବଳ ନୁହେଁ, ତଥ୍ୟଗୁଡିକ ସମ୍ପର୍କରେ ସଠିକ୍ ସତ୍ୟରେ ପହଞ୍ଚିବା ପାଇଁ ସେଗୁଡିକୁ ଆନ୍ତର୍ଜାତିକ କମ୍ୟୁନିଷ୍ଟଫୋରମ ନିକଟରେ ପେଶ୍ କରିବାକୁ ହେବ । ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ – ଏଥିରେ କୌଣସି ସନ୍ଦେହ ନାହିଁ, ମାତ୍ର ତଥ୍ୟକୁ ସଠିକ୍ ଦୃଷ୍ଟିଭଙ୍ଗୀରେ ବିଚାର ବିଶ୍ଲେଷଣ କରି ସତ୍ୟରେ ଉପନୀତ ହୋଇ ପାରିବା ଆହୁରି ଅନେକ ବେଶୀ ଗୁରୁତ୍ୱପୂର୍ଣ୍ଣ । ଏକାପ୍ରକାର ତଥ୍ୟରୁ ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀମାନେ ଏବଂ କମ୍ୟୁନିଷ୍ଟମାନେ ଭିନ୍ନ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି, କାରଣ ଯେଉଁ ଦୃଷ୍ଟିଭଙ୍ଗୀ ବଳରେ ସେମାନେ ଗୋଟିଏ ତଥ୍ୟକୁ ବିଚାର କରନ୍ତି- ସେହି ଦୃଷ୍ଟିଭଙ୍ଗୀ ହିଁ ଭିନ୍ନ । ଭାରତୀୟ ବୁର୍ଜୁଆଶ୍ରେଣୀର ପ୍ରତିଭୂମାନେ ଭାରତବର୍ଷରେ ହୋ-ହଲ୍ଲା କରୁଛନ୍ତି ଯେ, ''ବିଜ୍ଞାନସମ୍ମତ ଭାବେ ଯାହାକୁ ସଠିକ ଇତିହାସ କୁହାଯାଏ, ଋଷିଆରେ ତାର ନାମ ଗନ୍ଧ ବି ନାହିଁ ।'' କମ୍ୟୁନିଷ୍ଟମାନଙ୍କର ତଥ୍ୟ ପ୍ରତି ଆସ୍ଥା ନାହିଁ କହିଲେ ଚଳେ । ଇତିହାସକୁ ସେମାନେ ବିକୃତ କରନ୍ତି ଏବଂ ନିଜର ଉଦ୍ଦେଶ୍ୟ ସହ ଖାପ ଖୁଆଇ ନୂତନଭାବେ ଇତିହାସ ଲେଖନ୍ତି । ଷ୍ଟାଲିନ ଯେତେବେଳେ କ୍ଷମତାରେ ଥିଲେ ସେତେବେଳେ ସେ ଋଷିଆର ଇତିହାସ ରଚୟିତାମାନଙ୍କୁ ନିର୍ଦ୍ଦେଶ ଦେଇ ନିଜ ସ୍ୱାର୍ଥରେ ଇତିହାସ ଲେଖାଇଥିଲେ । ଷ୍ଟାଲିନ ଚାଲିଯାଇଛନ୍ତି, କ୍ରୁଶ୍ଚେଭ ଏବେ କ୍ଷମତାରେ, ତେଣୁ ପୁଣି ନୂତନଭାବେ ଇତିହାସ ଲେଖାଉଛନ୍ତି ।'' ଏହିସବୁ ଭଦ୍ର କୂଳତିଳକଗଣ, ଯେଉଁମାନଙ୍କ ମଧ୍ୟରେ କଲେଜ ଓ ବିଶ୍ୱବିଦ୍ୟାଳୟର କିଛି ଲେକ୍‌ଚରର ବା ଅଧ୍ୟାପକ ବି ରହିଛନ୍ତି, ଇତିହାସ ପ୍ରବକ୍ତା କହିଲେ ଯାହା ବୁଝାଏ, ଏମାନେ ଠିକ୍ ସେଇଆ ନୁହନ୍ତି; ଏମାନେ ତଥ୍ୟ ବିବରଣୀ ସହ ଇତିହାସକୁ ସମାନ କରିଦେଇଛନ୍ତି । ଇତିହାସ ଅର୍ଥ ନିଛକ କେତେକ ତଥ୍ୟ ସଂକଳନ ନୁହେଁ, ଇତିହାସ ଅର୍ଥ ଏକ ସାଥୀରେ ତଥ୍ୟର ବିଜ୍ଞାନସମ୍ମତ ବିଶ୍ଲେଷଣ । ଆଉ ଏହି ତଥ୍ୟକୁ ବିଚାର ବିଶ୍ଲେଷଣ କରି, ସତ୍ୟରେ ଉପନୀତ ହେବା କ୍ଷେତ୍ରରେ ବୁର୍ଜୁଆ ଏବଂ ସର୍ବହରାଶ୍ରେଣୀ ସମ୍ପୂର୍ଣ୍ଣ ଦୁଇଟି ବିପରୀତ ମେରୁରେ ଅବସ୍ଥାନ କରନ୍ତି । ବୁର୍ଜୁଆମାନଙ୍କର

ବେତନଭୋଗୀ ଏହି ପ୍ରଚାରକମାନେ ସାଧାରଣ ଭାବେ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଏବଂ ବିଶେଷଭାବେ ସୋଭିଏତ୍ ଋଷିଆ ବିରୁଦ୍ଧରେ ଯେଉଁ କୁତ୍ସା ପ୍ରଚାର କରୁଛନ୍ତି, ତାହାର ଉପଯୁକ୍ତ ଜବାବ ଦେବା ପାଇଁ ଏବଂ ତଥ୍ୟ ଗୁଡିକର ସତ୍ୟାସତ୍ୟ ପରଖି ନେଇ ସେଥିରୁ ସଠିକ୍ ଓ ଅଭିନ୍ନ ସତ୍ୟରେ ପହଞ୍ଚିବା ଉଦ୍ଦେଶ୍ୟରେ, 'ଷ୍ଟାଲିନଙ୍କର କ୍ଷମତା ଅପବ୍ୟବହାର' ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଆନ୍ତର୍ଜାତିକ କମ୍ୟୁନିଷ୍ଟ ଫୋରମ ସାମ୍ନାରେ ରଖିବା ଓ ଫୋରମରେ ତାହା ପରୀକ୍ଷା କରି ଦେଖିବା ପ୍ରୟୋଜନ । ଦୁଃଖର ସହ ହେଲେ ମଧ୍ୟ ଆମେ ଏକଥା କହିବାକୁ ବାଧ୍ୟ ଯେ ଦ୍ୱାବିଂଶ କଂଗ୍ରେସରେ କ୍ରୁଶ୍ଚେଭ ଯେଉଁସବୁ ତଥ୍ୟ ପେଶ କରିଛନ୍ତି, ସେଥିରୁ ଆମେ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛୁ, ତାହା କ୍ରୁଶ୍ଚେଭଙ୍କର ବ୍ୟକ୍ତିଗତ ସିଦ୍ଧାନ୍ତଠାରୁ ଅଲଗା । ଏ ସଂକ୍ରାନ୍ତରେ ଆମେ ପରେ ଆଲୋଚନା କରିବୁ । ଯଦି ଏକା ତଥ୍ୟ ସମ୍ପର୍କରେ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ ସିଦ୍ଧାନ୍ତ ଭିନ୍ନ ଭିନ୍ନ ହୁଏ, ତେବେ ତଥ୍ୟଗୁଡିକ ପରଖି ନେବା ଏବଂ ସେଥିରୁ ସଠିକ ସିଦ୍ଧାନ୍ତରେ ଉପନୀତ ହେବାପାଇଁ ସେହି ତଥ୍ୟଗୁଡିକୁ ଆନ୍ତର୍ଜାତିକ କମ୍ୟୁନିଷ୍ଟ ଫୋରମରେ ପେଶ କରିବା ତ ଆହୁରି ବେଶୀ ପ୍ରୟୋଜନ । ତା'ଛଡା ଷ୍ଟାଲିନ କେବଳମାତ୍ର ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ନେତା ନଥିଲେ, ସେ ଥିଲେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ନେତା ଓ ଶିକ୍ଷକ । ସୁତରାଂ ଷ୍ଟାଲିନ ମୂଲ୍ୟାୟନ ସଂକ୍ରାନ୍ତୀୟ କୌଣସି ପ୍ରଶ୍ନ କେବଳମାତ୍ର ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ଏକକ ବିଷୟ ହୋଇପାରେନା । ସବୁ ଦେଶର କମ୍ୟୁନିଷ୍ଟ ପାର୍ଟି ପାଖରେ ଏହା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । **ଦ୍ୱାବିଂଶ କଂଗ୍ରେସରେ ସୋଭିଏତ କମ୍ୟୁନିଷ୍ଟ ପାର୍ଟି ଷ୍ଟାଲିନଙ୍କ ସମ୍ପର୍କରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛି, ସେଗୁଡିକ ଏତେ ବେଶୀ ଗୁରୁତ୍ୱପୂର୍ଣ୍ଣ ଏହି କାରଣରୁ ଯେ, ପ୍ରଥମତଃ ଏହିସବୁ ପଦକ୍ଷେପର ପରିଣାମ ହେବ ଷ୍ଟାଲନଙ୍କ ସ୍ମୃତିକୁ ସମ୍ପୂର୍ଣ୍ଣ ଲୋପ କରିଦେବା, (destalinisation) ଯାହା ମାର୍କ୍ସବାଦ-ଲେନିନ୍‌ବାଦ ସମ୍ପର୍କରେ ପ୍ରଚଳିତ ଉପଲବ୍ଧି; ଯାହା ଷ୍ଟାଲିନଙ୍କର ଅବଦାନ ଏବଂ ଯାହା ଟ୍ରଟସ୍କିବାଦ-ଟିଟୋବାଦରୁ ସମ୍ପୂର୍ଣ୍ଣ ଭିନ୍ନ, ମାର୍କ୍ସବାଦ-ଲେନିନ୍‌ବାଦର ସେହି ଉପଲବ୍ଧି ମୂଳରେ ଆଘାତ କରିବ ।**

ଦ୍ୱିତୀୟତଃ କ୍ରୁଶ୍ଚେଭ ଏହିସବୁ ପଦକ୍ଷେପଗୁଡିକ ସୋଭିଏତ ଋଷିଆର ଚାରିକାନ୍ଥ ମଧ୍ୟରେ ସୀମାବଦ୍ଧ ରଖିବାକୁ ଚାହାନ୍ତି ନାହିଁ, ବରଂ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଜରିଆରେ ଦେଶେ ଦେଶେ ଏହାକୁ ବିସ୍ତାର କରିବା ପାଇଁ ସେ ବଦ୍ଧପରିକର । ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଗୁଡିକ ନିକଟରୁ ଏହା ଆଶା କରିବା ଉଚିତ ନୁହେଁ ଯେ, ଷ୍ଟାଲିନ ଯେଉଁସବୁ ଆଧିକ୍ୟ (excess) କରିଛନ୍ତି ସେ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ

ନଜାଣି, ତଥ୍ୟ ଗୁଡିକୁ ପରୀକ୍ଷା ନକରି, ସେଥିରୁ ସତ୍ୟରେ ନପହଞ୍ଚି, ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ଗୃହୀତ ପଦକ୍ଷେପଗୁଡିକୁ ଅନ୍ଧ ଭାବେ ସମର୍ଥନ କରିବେ । ଷ୍ଟାଲିନଙ୍କ ପ୍ରତି ଅନ୍ଧ ଆନୁଗତ୍ୟ ବ୍ୟକ୍ତିପୂଜାର ଜନ୍ମଦେଇଥିଲା, ତେଣୁ ସେହି ଏକ ପ୍ରକାର ଅନ୍ଧତାକୁ କୌଣସି ପ୍ରକାରେ ଆଉ ପ୍ରଶ୍ରୟ ଦିଆଯାଇପାରେନା ।

## ମାନବତାବାଦର ଶେଷ ଯେଉଁଠି

## ସାମ୍ୟବାଦର ଆରମ୍ଭ ସେଇଠି

ବ୍ୟକ୍ତି ଭୂମିକାର ସଠିକ ମୂଲ୍ୟାୟନ କରିବା କ୍ଷେତ୍ରରେ କେବଳ ତ୍ରୁଟି ଏବଂ ସୀମାବଦ୍ଧତାର ଦିଗଗୁଡିକର ବିଚାର ବିଶ୍ଳେଷଣ ନୁହେଁ, ତାଙ୍କର କର୍ମକାଣ୍ଡ, ତାଙ୍କର ଅବଦାନର ଯଥାଯୋଗ୍ୟ ସ୍ୱୀକୃତି ମଧ୍ୟ ଦେବାକୁ ହେବ । ଦ୍ୱାବିଂଶ କଂଗ୍ରେସରେ ତାଙ୍କ ରିପୋର୍ଟରେ କୃଶ୍ଚେଭ କହିଛନ୍ତି 'ଦଳ କ୍ଷେତ୍ରରେ ଏବଂ ସାମ୍ୟବାଦୀ ଆନ୍ଦୋଳନ କ୍ଷେତ୍ରରେ ଷ୍ଟାଲିନ ଯେଉଁ ମହାନ ଭୂମିକା ପାଳନ କରିଯାଇଛନ୍ତି, ତାହାର ସ୍ୱୀକୃତି ଦେବାକୁ ହେବ ଏବଂ ତାହାର ଯଥାଯୋଗ୍ୟ ସ୍ୱୀକୃତି ଆମେ ଦେଉଛୁ', ମାତ୍ର ଆଶ୍ଚର୍ଯ୍ୟର କଥା ଦ୍ୱାବିଂଶ କଂଗ୍ରେସର ରିପୋର୍ଟରେ ଷ୍ଟାଲିନଙ୍କର ମହାନ ଭୂମିକାର କୌଣସି ଉଲ୍ଲେଖ ମଧ୍ୟ କରାଯାଇନାହିଁ। ବରଂ ଏହି ରିପୋର୍ଟରେ ତାଙ୍କର ନେତିବାଚକ ଦିଗଗୁଡିକର (negative qualities) ଏକ ବିବରଣୀ ଦିଆଯାଇଛି । **ଯେଉଁସବୁ ଦିଗଗୁଡିକୁ ନେତିବାଚକ ଦିଗ ବୋଲି ଚିହ୍ନିତ କରାଯାଇଛି, ଆଜି ବି ସେଗୁଡିକ କମ୍ୟୁନିଷ୍ଟ ନୈତିକତାର ସଠିକ୍ ଉପଲବ୍ଧି ଭିତ୍ତିରେ ସନ୍ଦେହାତୀତ ଭାବେ ପ୍ରମାଣିତ ହୋଇନାହିଁ ।** ଏହି କଥାଟି, ଆମେ ଆମର ଧାରଣାରୁ ହିଁ କହୁଛି । କାରଣ ଏପର୍ଯ୍ୟନ୍ତ ବିଭିନ୍ନ ସୂତ୍ରରୁ ଯେତେ ରିପୋର୍ଟ ଆମେ ସଂଗ୍ରହ କରି ପାରିଛୁ, ସେଥିରେ 'ଷ୍ଟାଲିନଙ୍କର ମାତ୍ରାଧିକ' (excess)ର କାର୍ଯ୍ୟ ବୋଲି ଘଟଣାଗୁଡିକୁ ଯେଭଳିଭାବେ ଉପସ୍ଥାପନ କରାଯାଇଛି, ''ଏଭଳି ସତ୍ୟ ଉଦ୍‌ଘାଟନରେ'' (ଯଦିଓ ଏହା କୌଣସି ସତ୍ୟ ଉଦ୍‌ଘାଟନ ହିଁ ନୁହେଁ, କାରଣ ଦଳର ଅଷ୍ଟାଦଶ କଂଗ୍ରେସରେ ଷ୍ଟାଲିନ ନିଜେ ବିଷୟଟିକୁ ଉତ୍ଥାପନ କରିଥିଲେ) କଂଗ୍ରେସର ପ୍ରତିନିଧିମାନଙ୍କ ମଧ୍ୟରେ ଯେଉଁ ଧରଣର ପ୍ରତିକ୍ରିୟା ଦେଖାଦେଇଛି ଏବଂ ତାରି ଭିତର ଦେଇ ସେମାନଙ୍କର ଯେଉଁ ଧରଣର ମାନସିକତାର (psychological make-up)ର ପ୍ରତିଫଳନ ଘଟିଛି- ସେଥିରୁ ବୁଝାପଡେ ଯେ, ଦ୍ୱାବିଂଶ କଂଗ୍ରେସରେ କମ୍ୟୁନିଷ୍ଟ ନୀତି-ନୈତିକତା ଆୟତ୍ତ କରିପାରିଥିବା ପ୍ରତିନିଧିଙ୍କ ସଂଖ୍ୟା ଖୁବ୍ କମ୍ ଥିଲା ।

ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିଚାଳିତ ହୋଇଛନ୍ତି ମାନବତାବାଦୀ ମୂଲ୍ୟବୋଧ ଦ୍ୱାରା । କଥାଟି ଶୁଣିବାକୁ ଆବାକ୍ ଲାଗିପାରେ, କିନ୍ତୁ ଏହା ହିଁ ସତ୍ୟ । **କମ୍ରେଡ, ଚରିତ୍ରରେ ଏବଂ ବୈଶିଷ୍ଟ୍ୟରେ, ଉଭୟ ଦିଗରୁ କମ୍ୟୁନିଷ୍ଟ ମୂଲ୍ୟବୋଧ ମାନବତାବାଦୀ ମୂଲ୍ୟବୋଧରୁ ମୌଳିକଭାବେ ପୃଥକ । ମାନବସମାଜର ଇତିହାସରେ ମାନବତାବାଦ ହିଁ ଶେଷ କଥା ନୁହେଁ । ଶୋଷଣମୂଳକ ବୁର୍ଜୁଆ ବ୍ୟବସ୍ଥା ଯେତେଦୂର ଉନ୍ନତ ଚିନ୍ତାଧାରାର ଜନ୍ମ ଦେଇପାରେ ମାନବତାବାଦ ହିଁ ନିଃସନ୍ଦେହରେ ତାମଧ୍ୟରୁ ସବୁଠାରୁ ପ୍ରାଣବନ୍ତ । କିନ୍ତୁ ସମାଜର ଅଗ୍ରଗତି ଏହିଠାରେ ଆସି ଅଟକି ଯାଇନାହିଁ, ଆଉ ସେହି କାରଣରୁ ମୂଲ୍ୟବୋଧ ଦିଗରୁ ମାନବତାବାଦ ମାନବସମାଜର ସର୍ବୋଚ୍ଚ ମାନକୁ ପ୍ରତିଫଳିତ କରି ପାରେନା । ପ୍ରକୃତପକ୍ଷେ, ମାନବତାବାଦର ଶେଷ ଯେଉଁଠି, ସେଇଠାରୁ ହିଁ କମ୍ୟୁନିଜମର ଆରମ୍ଭ । ମାନବତାବାଦୀ ମୂଲ୍ୟବୋଧର ସମସ୍ତ ନିର୍ଯ୍ୟାସ ନିଗାଡିନେଇ, ମାନବତାବାଦର ଅବଲୁପ୍ତି ପଥରେ କମ୍ୟୁନିଷ୍ଟ ମୂଲ୍ୟବୋଧର ଜନ୍ମ ଏବଂ ବିକାଶ । ଷ୍ଟାଲିନଙ୍କ ଚରିତ୍ରର ବହୁଦିଗ ଯେଉଁଗୁଡିକ ମାନବତାବାଦୀ ମୂଲ୍ୟବୋଧର ମାପକାଠିରେ ବିଚାର କଲେ ନେତିବାଚକ ଦିଗ ବୋଲି ମନେ ହେବ, ଏକମାତ୍ର କମ୍ୟୁନିଷ୍ଟ ମୂଲ୍ୟବୋଧର ସଠିକ୍ ଉପଲବ୍ଧିର ଆଧାରରେ ହିଁ ସେହିସବୁ ଦିଗଗୁଡିକର ଯଥାଯଥ ମୂଲ୍ୟାୟନ କରିବା ସମ୍ଭବ ।** ଷ୍ଟାଲିନ ତାଙ୍କ ଜୀବନରେ ବହୁ ଭୁଲ କରିଥାଇପାରନ୍ତି, କିନ୍ତୁ ଭୁଲ କରିଛନ୍ତି ବୋଲି ତାଦ୍ୱାରା ପ୍ରମାଣିତ ହୋଇଯାଏ ନାହିଁ ଯେ ସେଗୁଡିକ ଷ୍ଟାଲିନଙ୍କ ଚରିତ୍ରର ନେତିବାଚକ ଦିଗର ଲକ୍ଷଣ । ଏଥିପାଇଁ ସଂଶ୍ଲିଷ୍ଟ ସମସ୍ତ ପ୍ରଶ୍ନଗୁଡିକ ବିଚାର ବିବେଚନା ପାଇଁ ତାହା ଆନ୍ତର୍ଜାତିକ କମ୍ୟୁନିଷ୍ଟ ଫୋରମ ସାମ୍ନାରେ ଉପସ୍ଥିତ କରିବାର ଆମେ ପକ୍ଷପାତୀ । ଏପରିକି ଆପାତତଃ ଯଦି ଧରି ନିଆଯାଏ ଯେ, ଜୀବନର ଶେଷ ଆଡକୁ ଷ୍ଟାଲିନ ନିଜ ହାତରେ ବିପୁଳ କ୍ଷମତା କେନ୍ଦ୍ରୀଭୂତ କରିଥିଲେ ଏବଂ ଅନେକକ୍ଷେତ୍ରରେ ତାର ଅପବ୍ୟବହାର ମଧ୍ୟ କରିଛନ୍ତି ଯାହାଫଳରେ ବହୁ ନିରପରାଧ ଲୋକଙ୍କୁ ଜୀବନ ଦେବାକୁ ପଡିଛି; ତଥାପି ବିଶ୍ୱସାମ୍ୟବାଦୀ ଆନ୍ଦୋଳନର  ନେତା ଭାବେ ଷ୍ଟାଲିନଙ୍କର ମହାନ୍ ଭୂମିକାର ପ୍ରଶ୍ନକୁ ବାଦ ଦିଆଯାଇପାରିବ ନାହିଁ, ଏପରିକି ଏହି ଘଟଣା ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ନେତା ଭାବେ ତାଙ୍କର ସୁଦୀର୍ଘ କର୍ମକାଣ୍ଡ ପରିପ୍ରେକ୍ଷୀରେ ଏକ ଅତ୍ୟନ୍ତ କ୍ଷୁଦ୍ରଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରେ ।

## ଷ୍ଟାଲିନ୍ ଜଣେ ମହାନ୍ କମ୍ୟୁନିଷ୍ଟ ନେତା

ଏକଥା ଅସ୍ୱୀକାର କରିବାର କୌଣସି ଉପାୟ ନାହିଁ ଯେ, ସଂଶୋଧନବାଦୀ ଏବଂ ମଧ୍ୟମପନ୍ଥୀ ମାନଙ୍କ ବିରୁଦ୍ଧରେ ସଂଗ୍ରାମ ମଧ୍ୟଦେଇ ଲେନିନ୍ ରାଷ୍ଟ୍ର ଓ ସର୍ବହରା ଏକନାୟକତ୍ୱ ସଂକ୍ରାନ୍ତୀୟ ମାର୍କ୍ସବାଦୀ ତତ୍ତ୍ୱକୁ ବିକୃତି ଓ ବିନାଶର ହାତରୁ ରକ୍ଷା କରିଛନ୍ତି; ସଙ୍ଗେ ସଙ୍ଗେ ସାମ୍ରାଜ୍ୟବାଦ ଓ ସର୍ବହରା ବିପ୍ଳବ ଯୁଗର ଐତିହାସିକ ଅଭିଜ୍ଞତା ଗୁଡିକରୁ ସାଧାରଣ ସତ୍ୟଗୁଡିକୁ ତୋଳି ଧରିବା ମଧ୍ୟ ଦେଇ ମାର୍କ୍ସବାଦର ଜ୍ଞାନଭଣ୍ଡାରରେ ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ସେହିଭଳି ଷ୍ଟାଲିନ ମଧ୍ୟ ଟ୍ରଟସ୍କିବାଦୀ ଓ ବୁଖାରିନ ପନ୍ଥୀଙ୍କ ବିରୁଦ୍ଧରେ ସଂଗ୍ରାମ ମଧ୍ୟଦେଇ ମାର୍କ୍ସବାଦ-ଲେନିନବାଦକୁ ବିକୃତି ଓ ବିନାଶ ହାତରୁ ରକ୍ଷା କରିଛନ୍ତି ଏବଂ ପୁଞ୍ଜିବାଦର ସାଧାରଣ ସଂକଟ ଓ ବିଶ୍ୱ ପୁଞ୍ଜିବାଦୀ ବଜାରର ଅଧିକତର ବିଭାଜନ ଯୁଗରେ ଐତିହାସିକ ଅଭିଜ୍ଞତାରୁ ସାଧାରଣ ସତ୍ୟ ଗୁଡିକ ତୋଳି ଧରି ମାର୍କ୍ସବାଦ-ଲେନିନ୍‌ବାଦକୁ ସମୃଦ୍ଧ କରିଛନ୍ତି । ଲେନିନ୍‌ବାଦର ସମସ୍ୟା ପ୍ରସଙ୍ଗରେ, ଜାତିଗତ ସମସ୍ୟା ପ୍ରଶ୍ନରେ, ଭାଷା ସମସ୍ୟା ସମ୍ପର୍କରେ, ସୋଭିଏତ ଋଷିଆର ସମାଜତନ୍ତ୍ରର ସମସ୍ୟା ପ୍ରସଙ୍ଗରେ ଏବଂ ବିଶେଷଭାବେ ବିପ୍ଳବୀ ସମର ବିଜ୍ଞାନ ପ୍ରସଙ୍ଗରେ ଷ୍ଟାଲିନଙ୍କର ରଚନାଗୁଡିକ ବିପ୍ଳବୀ ବିଜ୍ଞାନର ଅମୂଲ୍ୟ ସମ୍ପଦ । ଇତିହାସରେ ଷ୍ଟାଲିନଙ୍କର ଯୋଗ୍ୟ ମୂଲ୍ୟ ଦେବାକୁ ସେମାନେ ଅସ୍ୱୀକାର କରି ଜଣେ ମହାନ କମ୍ୟୁନିଷ୍ଟ ନେତାଭାବେ ଷ୍ଟାଲିନଙ୍କର ଯେଉଁ ନେତୃତ୍ୱକାରୀ ଭୂମିକା ଥିଲା, ତାକୁ ନ୍ୟୁନ କରିବା ପାଇଁ ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ତାଙ୍କ ରଚନା ଗୁଡିକର ପ୍ରକାଶନ ବନ୍ଦ କରିଦେଇଛନ୍ତି । **ପ୍ରକୃତପକ୍ଷେ, ଲେନିନବାଦ ସମ୍ପର୍କରେ ସୋସାଲ ଡେମୋକ୍ରାସି ଓ ଟ୍ରଟସ୍କିବାଦଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯେଉଁ ଉପଲବ୍ଧି ନେଇ ବର୍ତ୍ତମାନ ଆମେ ଚାଲିଛୁ- ତାହା ଷ୍ଟାଲିନଙ୍କର ହିଁ ଅବଦାନ ।** ଟ୍ରଟସ୍କି ନିଜକୁ କହୁଥିଲେ ଲେନିନ୍‌ବାଦୀ, ଯଦିଓ ଲେନିନବାଦର ଉପଲବ୍ଧି କ୍ଷେତ୍ରରେ ଷ୍ଟାଲିନଙ୍କ ସହିତ ତାଙ୍କର ମୌଳିକ ପାର୍ଥକ୍ୟ ଥିଲା । ଟ୍ରଟସ୍କିଙ୍କର ଅନୁଗାମୀମାନେ ମଧ୍ୟ ନିଜକୁ ଲେନିନ୍‌ବାଦୀ କହୁଥିଲେ, ଲେନିନଙ୍କୁ ଅଥରିଟି ବୋଲି ମାନୁଥିଲେ, କିନ୍ତୁ ଯାହା ସେମାନେ ମାନି ପାରୁନଥିଲେ ତାହା ହୋଇଛି, ଲେନିନ୍‌ବାଦ ସମ୍ପର୍କରେ ଷ୍ଟାଲିନଙ୍କର ବ୍ୟାଖ୍ୟା । ମାର୍କ୍ସବାଦ-ଲେନିନବାଦର ଯେଉଁ ଉପଲବ୍ଧି ଷ୍ଟାଲିନ୍ ତୋଳିଧରିଛନ୍ତି, ତାହା ଗ୍ରହଣ କରିବାକୁ ଅସ୍ୱୀକାର କରିବା ଫଳରେ ସୋସାଲ ଡେମୋକ୍ରାଟ ଏବଂ ଟ୍ରଟସ୍କିବାଦୀମାନଙ୍କୁ ଆଜି କମ୍ୟୁନିଷ୍ଟ ବୋଲି ମନେ କରାଯାଏନା । **ଲେନିନବାଦ ସମ୍ପର୍କରେ ଷ୍ଟାଲିନଙ୍କର ଉପଲବ୍ଧି ହିଁ ମାର୍କ୍ସବାଦ-ଲେନିନବାଦର ସଠିକ୍ ଉପଲବ୍ଧି, ଏହି ଉପଲବ୍ଧି ଭିତ୍ତିରେ ହିଁ ସାମ୍ୟବାଦୀ ଆନ୍ଦୋଳନ ବର୍ତ୍ତମାନ**

**ସ୍ତରକୁ ପହଞ୍ଚିବାକୁ ସକ୍ଷମ ହୋଇଛି ।** ଆଗାମୀ ଦିନରେ ନୂତନ ନୂତନ ସମସ୍ୟା ବହୁ ନୂତନ ଘଟଣାର ଆଲୋକରେ ମାର୍କ୍ସବାଦ-ଲେନିନବାଦ ନିଶ୍ଚିତରୂପେ ଆହୁରି ସମୃଦ୍ଧ ହେବ, କିନ୍ତୁ ମାର୍କ୍ସବାଦ-ଲେନିନବାଦର ଯେଉଁ ମୌଳିକ ଉପଲବ୍ଧି ଷ୍ଟାଲିନ ତୋଳି ଧରିଛନ୍ତି, ତାହା ରହିବ; ମାର୍କ୍ସବାଦ-ଲେନିନବାଦର ଆହୁରି ଉନ୍ନତ, ଆହୁରି ସମୃଦ୍ଧ ଉପଲବ୍ଧି ଗଢ଼ି ତୋଳିବା କ୍ଷେତ୍ରରେ ବିଶ୍ୱର କମ୍ୟୁନିଷ୍ଟମାନଙ୍କୁ ତାହା ପଥ ଦେଖାଇବ । ଏକଥା ସ୍ୱୀକାର କରିବାକୁ ହିଁ ପଡିବ ଯେ ତାଙ୍କର ପୂର୍ବସୂରୀ ମାର୍କ୍ସ, ଏଙ୍ଗେଲ୍ସ ଏବଂ ଲେନିନଙ୍କ ଭଳି ଷ୍ଟାଲିନ ମଧ୍ୟ ମାର୍କ୍ସବାଦ-ଲେନିନବାଦ ସମ୍ପର୍କରେ ଜଣେ ଅଥରିଟି । ତେଣୁ ଷ୍ଟାଲିନଙ୍କ ସ୍ମୃତିକୁ ଲୋପ କରିଦେବାର ଅନିବାର୍ଯ୍ୟ ପରିଣାମ ହେଉଛି ତାଙ୍କ ଅଥରିଟିକୁ ଅସ୍ୱୀକାର କରିବା, ଯାହାର ଅର୍ଥ ଲେନିନବାଦ ସମ୍ପର୍କରେ ତାଙ୍କର ଉପଲବ୍ଧି- ଯାହା ମାର୍କ୍ସବାଦ-ଲେନିନବାଦ ସମ୍ପର୍କରେ ଆଜିକାର ଦିନର ସଠିକ୍ ଉପଲବ୍ଧି- ତାକୁ ହିଁ ଅସ୍ୱୀକାର କରିବା । ଷ୍ଟାଲିନଙ୍କ ଅଥରିଟିକୁ ଯଦି ଅସ୍ୱୀକାର କରାଯାଏ, ତେବେ ମାର୍କ୍ସବାଦ-ଲେନିନବାଦର ପ୍ରାଣସତ୍ତାକୁ ରକ୍ଷା କରିବା ପାଇଁ ଟ୍ରଟସ୍କିବାଦୀ ଏବଂ ବୁଖାରିନପନ୍ଥୀମାନଙ୍କ ବିରୁଦ୍ଧରେ ଯେଉଁ ନିରଳସ ସଂଗ୍ରାମ ଷ୍ଟାଲିନ ପରିଚାଳନା କରିଥିଲେ, ଆଗାମୀ ବଂଶଧରମାନଙ୍କ ପାଖରେ ଇତିହାସର ସେହି ଅଧ୍ୟାୟ କାଳିମାଲିପ୍ତ, ତମସାଚ୍ଛନ୍ନ ରହିଯିବ, ଫଳରେ ସୁଦୃଢ଼ ଆଦର୍ଶଗତ ପ୍ରତ୍ୟୟ ଗଢ଼ି ତୋଳିବାର ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରାଯିବ । ଏହାଦ୍ୱାରା ମାର୍କ୍ସବାଦ-ଲେନିନବାଦ ନାମରେ ଯାବତୀୟ ପ୍ରତିବିପ୍ଲବୀ ଚିନ୍ତାଭାବନା ଆମଦାନୀର ରାସ୍ତା ଖୋଲି ଦିଆଯିବ ଏବଂ ସାମ୍ୟବାଦୀ ଆନ୍ଦୋଳନର ଆଦର୍ଶଗତ ଭିତ୍ତିଟି କ୍ଷତିଗ୍ରସ୍ତ ହେବ । **ଗୋଟିଏ କଥାରେ, ଏହାଦ୍ୱାରା ମହାନ ଲେନିନ ତଥା ଲେନିନବାଦର ମର୍ଯ୍ୟାଦା କାର୍ଯ୍ୟତଃ ଭୂଲୁଣ୍ଠିତ ହେବ ।**

## ଷ୍ଟାଲିନ୍-ଶାନ୍ତିପୂର୍ଣ୍ଣ ସହାବସ୍ଥାନ ତତ୍ତ୍ୱର ରୂପକାର

ତତ୍ତ୍ୱଗତ କ୍ଷେତ୍ରରେ ଅନ୍ୟାନ୍ୟ କ୍ଷମତାର ଅଧିକାରୀ ଭାବେ କେବଳ ନୁହେଁ, ସାମ୍ୟବାଦୀ ଆନ୍ଦୋଳନର ଜଣେ ଅସାମାନ୍ୟ ସଂଗଠକ ଭାବେ ମାର୍କ୍ସ, ଏଙ୍ଗେଲ୍ସ ଏବଂ ଲେନିନ୍‌ଙ୍କ ସହିତ ଷ୍ଟାଲିନ ମଧ୍ୟ ଆମ ସ୍ମୃତି ପଟରେ ଅମ୍ଳାନ ହୋଇରହିବେ । ବିଶ୍ୱର ପ୍ରଥମ ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା କରିଛନ୍ତି ଲେନିନ୍, ଆଉ ଷ୍ଟାଲିନ୍ ତାକୁ ଶାନ୍ତି ଓ ସମାଜତନ୍ତ୍ରର ଦୁର୍ଭେଦ୍ୟ ଦୁର୍ଗରେ ପରିଣତ କରିଛନ୍ତି । ଯେଉଁ ତୃତୀୟ ଆନ୍ତର୍ଜାତିକ ଲେନିନ ପ୍ରତିଷ୍ଠା କରିଛନ୍ତି, ଷ୍ଟାଲିନ୍ ହିଁ ନେତୃତ୍ୱ ଦେଇ ସେହି ଶିଶୁ

ସଂଗଠନଟିକୁ ବିରାଟ ଶକ୍ତିର ଆଧାରରେ ପରିଣତ କରିଛନ୍ତି । ତା'ଛଡା ବି ଦେଶେ ଦେଶେ ଜନଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠାର ସଂଗ୍ରାମରେ ମଧ୍ୟ ଷ୍ଟାଲିନଙ୍କ ନେତୃତ୍ୱ ପଥପ୍ରଦର୍ଶକର ଭୂମିକା ପାଳନ କରିଛି । ଔପନିବେଶିକ, ଅର୍ଦ୍ଧ-ଔପନିବେଶିକ ଓ ପୁଞ୍ଜିବାଦୀ ଦେଶଗୁଡିକରେ - ଗୁରୁତର ତ୍ରୁଟି, ସୀମାବଦ୍ଧତା ଏବଂ ସାମୟିକ ପରାଜୟ ସତ୍ତ୍ୱେ ବି - ସାମ୍ୟବାଦୀ ଆନ୍ଦୋଳନର ଯେଉଁ ଅଭୂତପୂର୍ବ ଅଗ୍ରଗତି, ବିକାଶ ଓ ସାଫଲ୍ୟ ତାହା ମଧ୍ୟ ଷ୍ଟାଲିନ୍ଙ୍କ ନେତୃତ୍ୱର କୃତିତ୍ୱ । ଏକଥା ଠିକ୍‌ଯେ ଲେନିନ୍ ହିଁ ପୁଞ୍ଜିବାଦୀ ବ୍ୟବସ୍ଥା ଓ ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥାର ଶାନ୍ତିପୂର୍ଣ୍ଣ ସହବସ୍ଥାନ ନୀତିର ଭିତ୍ତି ସ୍ଥାପନ କରିଥିଲେ; **ମାତ୍ର ଷ୍ଟାଲିନ୍ ସେହି ଭିତ୍ତି ଉପରେ ପୂର୍ଣ୍ଣାଙ୍ଗ ତତ୍ତ୍ୱଗତ ଢ଼ାଞ୍ଚାଟିକୁ ଗଢ଼ି ତୋଳିଥିଲେ । ସେ ହିଁ ଏହି ନୀତିକୁ ସୋଭିଏତ୍ ବିଦେଶୀ ନୀତିର ମୂଳ ସ୍ତମ୍ଭରେ ପରିଣତ କରିଥିଲେ । ଯାହା ଉପରେ ଏପରିକି ଆଜି ବି ସୋଭିଏତ୍ ବିଦେଶନୀତି ଠିଆ ହୋଇଛି ।** ଉଭୟ ସମାଜ ବ୍ୟବସ୍ଥାର ଶାନ୍ତିପୂର୍ଣ୍ଣ ସହବସ୍ଥାନ ନୀତିର ଧାରଣାକୁ ଏକ ତତ୍ତ୍ୱଭାବେ ପ୍ରତିଷ୍ଠିତ କରିବା ଏବଂ ସୋଭିଏତ ବିଦେଶ ନୀତିର ମଧ୍ୟଦେଇ ଏହି ତତ୍ତ୍ୱକୁ ବାସ୍ତବରେ ପ୍ରୟୋଗ କରିବା ପାଇଁ ଟ୍ରଟସ୍କିଙ୍କର ଅନୁଗାମୀମାନେ ଲେନିନଙ୍କୁ ନୁହେଁ, ବରଂ ଷ୍ଟାଲିନ୍ଙ୍କୁ ହିଁ ପ୍ରତିବିପ୍ଳବୀ, ଶ୍ରେଣୀ ସମନ୍ୱୟବାଦୀ ବୋଲି ଆମନ୍ତ୍ରଣ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ତତ୍ତ୍ୱ ପ୍ରୟୋଗ କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିର ପ୍ରତିଷ୍ଠାତା ଭାବେ ଷ୍ଟାଲିନଙ୍କର ଭୂମିକାକୁ ଆଜି ଅସ୍ୱୀକାର କରାଯାଉଛି, କେବଳ ତାହାନୁହେଁ, ଆତି ସୂକ୍ଷ୍ମ ଭାବରେ ଏଭଳି ଏକ ପ୍ରଚାର କରାଯାଉଛି ଯାହାଦ୍ୱାରା କି ଏ ଧାରଣା ଗଢ଼ି ଉଠିବ ଯେ, କୃଶ୍ଚେଭ ହିଁ ସତେ ଯେମିତି ଏହି ଶାନ୍ତିପୂର୍ଣ୍ଣ ସହବସ୍ଥାନ ନୀତିର ରୂପକାର । ଆଉ ଷ୍ଟାଲିନଙ୍କର ଅନୁଗାମୀମାନେ ସମସ୍ତେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ନୀତିର ବିରୋଧୀ, ସେମାନେ କେବଳ ଯୁଦ୍ଧ ରାସ୍ତାରେ ଯିବାକୁ ଚାହାନ୍ତି ଏବଂ ଏମାନଙ୍କ ବିରୁଦ୍ଧରେ ସତେ ଯେମିତି କୃଶ୍ଚେଭ ଲଢ଼ାଇ ଚଳାଇ ଯାଉଛନ୍ତି । ସାମ୍ପ୍ରତିକ ବିଶ୍ୱ ପରିସ୍ଥିତିର ଯେଉଁ ବିଶ୍ଳେଷଣ ଷ୍ଟାଲିନ ତୋଳି ଧରିଛନ୍ତି, ଉଭୟ ବିଶ୍ୱ ବ୍ୟବସ୍ଥାର ଶାନ୍ତିପୂର୍ଣ୍ଣ ସହବସ୍ଥାନ ତତ୍ତ୍ୱର ଯେଉଁ ଉନ୍ନତ ଉପଲବ୍ଧି ସେ ଦେଇଛନ୍ତି, ଏବଂ ଏହି ତତ୍ତ୍ୱର ଭିତ୍ତିରେ ଯେଉଁ ସୋଭିଏତ ବିଦେଶ ନୀତି ସେ ଗଢ଼ି ତୋଳିଛନ୍ତି ଏବଂ ଏ ଧରଣର ଆହୁରି ବହୁ ଅବଦାନ ସେ ରଖିଯାଇଛନ୍ତି- ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ବର୍ତ୍ତମାନ ନେତୃତ୍ୱ ଅବିକଳ ସେଗୁଡିକ ହିଁ ତୋଳି ଧରୁଛନ୍ତି, ସେଗୁଡିକୁ ଅନୁସରଣ କରୁଛନ୍ତି, କିନ୍ତୁ କୌଣସିଠାରେ ବି ଷ୍ଟାଲିନଙ୍କର ଅବଦାନକୁ ସ୍ୱୀକାର କରୁନାହାନ୍ତି । ଆମେ ମନେକରୁ ଏହି ଆଚରଣ କମ୍ୟୁନିଷ୍ଟ ନୈତିକତାର ବିରୋଧୀ । ନେତା ତ ନିଶ୍ଚିତଭାବେ, ଏପରିକି

ଜଣେ ସହଯୋଦ୍ଧା ମଧ୍ୟ ଯେଉଁ ସ୍ଥାନରେ ତୁଳନାତ୍ମକଭାବେ ବଡ, ତାର ସ୍ୱୀକୃତି ଦେଲେ କେହି ନିଜେ ଛୋଟ ହୁଏନା, ବରଂ ଅପରର ଗୁଣାବଳୀର ସ୍ୱୀକୃତି ଦେଇ ପାରିଲେ ତାହା କମ୍ୟୁନିଷ୍ଟ ଭାବେ ନିଜକୁ ଆହୁରି ବଡ କରି ଗଢ଼ି ତୋଳିବା ପଥରେ ସାହାଯ୍ୟ କରେ । ଯିଏ ଅହଂବୋଧରେ ଫୁଲିଉଠିଛି, ଆତ୍ମମ୍ଭରିତା, ହାମବଡାଭାବରେ ଯିଏ ପୂର୍ଣ୍ଣ, ସିଏ ହିଁ ବ୍ୟକ୍ତିପୂଜାବାଦ (Cult of Individual)ର ଶୀକାର ହୁଅନ୍ତି । ଯିଏ ସଚେତନଭାବେ ଅପରର ଐତିହାସିକ ଭୂମିକାକୁ ଛୋଟକରି ଦର୍ଶାନ୍ତି, ସିଏ ମଧ୍ୟ ବିପରୀତ ଦିଗରେ ଅନୁରୂପ ବ୍ୟକ୍ତିପୂଜାବାଦର ଚର୍ଚ୍ଚା କରନ୍ତି । ଦଳ ଓ କମ୍ୟୁନିଷ୍ଟ ଆନ୍ଦୋଳନରେ ଷ୍ଟାଲିନଙ୍କର ବିରାଟ ଅବଦାନକୁ ଅସ୍ୱୀକାର କରିବା ମଧ୍ୟଦେଇ କାର୍ଯ୍ୟତଃ ସେଇ ଏକା ବ୍ୟକ୍ତିପୂଜାବାଦର ଚର୍ଚ୍ଚା ଚାଲିଛି । ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ବର୍ତ୍ତମାନ ନେତୃତ୍ୱକୁ ଷ୍ଟାଲିନଙ୍କ ସମ୍ପର୍କରେ କେତୋଟି ପ୍ରଶ୍ନ ଆମେ କରିପାରୁ କି ? ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ଅନେକ ନେତାଙ୍କ ଭଳି ଷ୍ଟାଲିନ ମଧ୍ୟ ଜଣେ ନେତା ଥିଲେ – ଘଟଣା କ'ଣ ଏଇୟା ? ନା ତାଙ୍କ ସ୍ଥାନ ଥିଲା ସହଯୋଦ୍ଧାମାନଙ୍କ ଠାରୁ ଅନେକ ଉଚ୍ଚରେ ? ସାମ୍ୟବାଦୀ ଆନ୍ଦୋଳନରେ ଯେଉଁ ଭୂମିକା ସେ ପାଳନ କରିଛନ୍ତି, ତାହା କ'ଣ ସମସାମୟିକ ଅନ୍ୟ ନେତମାନଙ୍କର ସମତୁଲ୍ୟ, ନା' ସେଦିନର ସାମ୍ୟବାଦୀ ଆନ୍ଦୋଳନରେ ସମସ୍ତ ନେତାଙ୍କର ନେତା ଭାବେ ଏକ ବିଶିଷ୍ଟ ଭୂମିକା ସେ ପାଳନ କରିଛନ୍ତି ? ସୀମାବଦ୍ଧତା ତାଙ୍କର ଥିଲା ଏକଥା ଠିକ୍ । ଏହି ସୀମାବଦ୍ଧତାଗୁଡିକୁ ଦର୍ଶାଇବା ଏବଂ ଏ ବିଷୟରେ କମ୍ୟୁନିଷ୍ଟମାନଙ୍କୁ ସତର୍କ କରିଦେବା ଏକ କଥା, କିନ୍ତୁ ତାଙ୍କୁ ଜଣେ ସାଧାରଣ ସ୍ତରର କମ୍ୟୁନିଷ୍ଟ ଭାବେ ଦର୍ଶାଇବା, ସମ୍ପୂର୍ଣ୍ଣ ଭିନ୍ନ । ଏହା ସତ୍ୟ ନୁହେଁ କିମ୍ବା ଏହାର କୌଣସି ବୈପ୍ଳବିକ ତାତ୍ପର୍ଯ୍ୟ ରହିପାରେନା । ଏକମାତ୍ର ବିଦ୍ୱେଷ ଛଡା ଷ୍ଟାଲିନଙ୍କୁ ଜଣେ ସାଧାରଣ ସ୍ତରର କମ୍ୟୁନିଷ୍ଟ ଭାବେ ଦର୍ଶାଇବାର ଆଉ କୌଣସି କାରଣ ଥାଇପାରେ କି ? ଆମେ ପଚାରିପାରୁ କି, ସୀମାବଦ୍ଧତା ସତ୍ତ୍ୱେ ବି ଷ୍ଟାଲିନଙ୍କ ଛଡା କମ୍ୟୁନିଷ୍ଟ ପାର୍ଟିର ଜୀବିତ ବା ମୃତ ନେତାଙ୍କ ମଧ୍ୟରେ ଆଉ କିଏ ଅଛନ୍ତି, ଯିଏ ଲେନିନଙ୍କର ପାଖାପାଖି ହୋଇପାରନ୍ତି ? କମ୍ୟୁନିଷ୍ଟ ମାନଙ୍କର ସଦାସର୍ବଦା ବିପ୍ଳବୀ ପ୍ରୟୋଜନକୁ ଲକ୍ଷ୍ୟ ରଖି କାମ କରିବା ଉଚିତ୍ । ଷ୍ଟାଲିନଙ୍କୁ କାଳୀମାଳିପ୍ତ କରି ବିପ୍ଳବର କେଉଁ ସ୍ୱାର୍ଥଟି ଚରିତାର୍ଥ କରାଯାଉଛି ? ଯଥାର୍ଥ କମ୍ୟୁନିଷ୍ଟମାନେ ଚାହାନ୍ତି, ବ୍ୟକ୍ତିପୂଜାବାଦର ମୂଳ କାରଣଟିକୁ ଉତ୍ପାଟନ କରାଯାଉ, କମ୍ୟୁନିଜମ ବିରୋଧୀ ଏହି ଚର୍ଚ୍ଚାର ଅବଶେଷ ଟିକକ ମଧ୍ୟ ନିର୍ମୂଳ କରାଯାଉ, କାର୍ଯ୍ୟକାରୀ ବ୍ୟବସ୍ଥା ନିଆଯାଉ ଯଦ୍ୱାରା ଭବିଷ୍ୟତରେ ଏ ଧରଣର ଘଟଣା ସାମ୍ୟବାଦୀ ଆନ୍ଦୋଳନକୁ ଦୂଷିତ କରି ନପାରେ ଏବଂ ବିପ୍ଳବୀ

ଶିକ୍ଷାରେ ଶିକ୍ଷିତ ହୋଇ ସାଧାରଣ କମ୍ୟୁନିଷ୍ଟମାନେ ଷ୍ଟାଲିନଙ୍କର ସୀମାବଦ୍ଧତାର ଦିଗଗୁଡିକରୁ ମୁକ୍ତହୋଇ, ଯେମିତି ଷ୍ଟାଲିନଙ୍କ ଭଳି ମହାନ କମ୍ୟୁନିଷ୍ଟ ଚରିତ୍ର ଅର୍ଜନ କରିବାକୁ ସକ୍ଷମ ହୁଅନ୍ତି । ଏକାମଟି କରିବା ପାଇଁ ଷ୍ଟାଲିନଙ୍କୁ କାଳିମାଲିପ୍ତ କରିବା ପ୍ରୟୋଜନ କ'ଣ ? ଆଜି ପ୍ରୟୋଜନ ହେଉଛି ଆହୁରିବେଶୀ ଭାବେ ଷ୍ଟାଲିନଙ୍କର ଚରିତ୍ରର ଗୁଣର ଦିଗ, ମହତ୍ତ୍ୱର ଦିଗଗୁଡିକ ହେଉଛି ଆହୁରିବେଶୀ ଭାବେ ଷ୍ଟାଲିନଙ୍କର ଚରିତ୍ରର ଗୁଣର ଦିଗ, ମହତ୍ତ୍ୱର ଦିଗଗୁଡିକ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ?

## ଷ୍ଟାଲିନ ସମ୍ପର୍କରେ ଯଥାଯୋଗ୍ୟ ମୂଲ୍ୟାୟନର ସମୟ ଆସିଛି

ସାମ୍ୟବାଦୀ ଆନ୍ଦୋଳନରେ ଷ୍ଟାଲିନଙ୍କର ଭୂମିକାକୁ ସମ୍ପୂର୍ଣ୍ଣ ରୂପେ ଲୋପକରି ଦେବାକୁ ସମର୍ଥନ କରି କେହି କେହି ଏଭଳି ଯୁକ୍ତି ଦର୍ଶାଉଛନ୍ତି ଯେ, ଅତୀତରେ ତାଙ୍କ ଭୂମିକାର କଥା ଏତେ ବେଶୀ କୁହାଯାଇଛି ଏବଂ ଏତେ ବ୍ୟାପକ ସ୍ୱୀକୃତି ଦିଆଯାଇଛି ଯେ ବର୍ତ୍ତମାନ ତାହା ଉଲ୍ଲେଖ କରିବାର ପ୍ରୟୋଜନ ନାହିଁ । କଥାଗୁଡିକ ଆମେ କହୁଛୁ କମ୍ରେଡ ମିକୋୟାନଙ୍କ (ପରବର୍ତ୍ତୀକାଳରେ ରେନିଗେଡରେ ପରିଣତ) ଉକ୍ତିକୁ ସ୍ମରଣ କରି । କିଛିବର୍ଷ ପୂର୍ବେ ସେ ଯେତେବେଳେ ଭାରତକୁ ଆସିଥିଲେ, ସେତେବେଳେ ଏଠାକାର ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା ଯେ, ସେ ଏଧରଣ କିଛି ଯୁକ୍ତି କରିଛନ୍ତି । ଏ ଧରଣର ଯୁକ୍ତି ଆଦୌ ଯଥାର୍ଥ ନୁହେଁ । କାରଣ ଆଲୋଚ୍ୟ ବିଷୟ ସହ ଏହାର କୌଣସି ସମ୍ପର୍କ ନାହିଁ । ପ୍ରଶ୍ନଟି ଏୟା ନୁହେଁ ଯେ ଅତୀତରେ ଷ୍ଟାଲିନଙ୍କର ଭୂମିକା କଥା ଯେତେ ଘନ ଘନ କୁହାଯାଇଛି ବର୍ତ୍ତମାନ ସେତେ ଘନ ଘନ କୁହାଯିବ କି ନାହିଁ । ଅସଲରେ ପ୍ରଶ୍ନଟି ହେଉଛି ଷ୍ଟାଲିନଙ୍କର ଯଥାଯୋଗ୍ୟ ମୂଲ୍ୟାୟନ । ଷ୍ଟାଲିନଙ୍କ ଭୂମିକା ବିଷୟଟି ଘନ ଘନ ଉଲ୍ଲେଖ କରିବା ସତ୍ତ୍ୱେ ବି ତାଙ୍କର ଯଥାଯଥ ମୂଲ୍ୟାୟନ କରାଯାଇନାହିଁ ଏବଂ ସେହି ସମୟରେ ସାଧାରଣଭାବେ ବ୍ୟକ୍ତିପୂଜା ଏବଂ ବିଶେଷଭାବେ ଷ୍ଟାଲିନପୂଜା ଯେଭଳି ଛାଇଯାଇଥିଲା, ସେହି ପରିବେଶରେ ତାଙ୍କର ସଠିକ ମୂଲ୍ୟାୟନ କରିବା ମଧ୍ୟ ସମ୍ଭବ ନଥିଲା । ସେଦିନ ତାଙ୍କ ସମ୍ପର୍କରେ ଯାହ ଯାହ ଉଲ୍ଲେଖ କରାଯାଇଛି ଏବଂ ତାଙ୍କ ଭୂମିକାର ଯାହା ମୂଲ୍ୟାୟନ ହୋଇଛି ସେସବୁ ଥିଲା ଷ୍ଟାଲିନଙ୍କ ପ୍ରତି ସର୍ବବ୍ୟାପୀ ଅନ୍ଧ ଆନୁଗତ୍ୟର ତମସାରେ ଆଚ୍ଛନ୍ନ । ସମ୍ପ୍ରତି ପରିବେଶ ଯେହେତୁ ସେହି ଅନ୍ଧତାରୁ ମୁକ୍ତ, ତେଣୁ ଆଜି ସାମ୍ୟବାଦୀ ଆନ୍ଦୋଳନରେ ଷ୍ଟାଲିନଙ୍କର ସଠିକ ମୂଲ୍ୟାୟନ କରିବା ସମ୍ଭବ । ସୁତରାଂ ଆଜି ସେହି କାମ ଆମକୁ କରିବାକୁ ହେବ । ତାଛଡା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଆମକୁ ଖିଆଲ ରଖିବାକୁ

ହେବ, ତାହା ହେଉଛି ଷ୍ଟାଲିନଙ୍କୁ କାଳିମାଲିପ୍ତ କରିବାକୁ ଯାଇ ଯେଉଁସବୁ ପଦକ୍ଷେପ ନିଆଯାଉଛି ତା ଭିତରେ ଏକ ଅତ୍ୟନ୍ତ ବାଜେ ଧରଣର ଝୁଙ୍କ କାମ କରୁଛି । ଝୁଙ୍କଟି ହେଉଛି, ଜଣେ ନେତା ଓ ଶିକ୍ଷକଙ୍କୁ ସେତିକିବେଳ ଯାଏଁ ମାନି ଚଳିବା, ଯେତେବେଳେ ଯାଏଁ ତାଙ୍କର କୌଣସି ତ୍ରୁଟିର ଦିଗ ଆଖିରେ ପଡିନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ତାଙ୍କର କୌଣସି ତ୍ରୁଟିର ଦିଗ ଧରାପଡିଲା, ସାଙ୍ଗେ ସାଙ୍ଗେ ନେତାଭାବେ ତାଙ୍କୁ ଅସ୍ୱୀକାର କରିବା । ଏହି ଝୁଙ୍କ ଭିତରେ ଯେଉଁ ଧାରଣାଟି କାମ କରୁଛି ତାହା ହେଉଛି, ନେତାଙ୍କର କୌଣସି ତ୍ରୁଟି ରହିପାରେନା । ଏହା ଏକ ଅତ୍ୟନ୍ତ ବିପଜ୍ଜନକ ଧାରଣା ଯାହା ନେତାଙ୍କ ପ୍ରତି ଅନ୍ଧ ଆନୁଗତ୍ୟର ଜନ୍ମ ଦିଏ ଏବଂ ବ୍ୟକ୍ତିପୂଜାର ପଥ ପ୍ରଶସ୍ତ କରେ ।

## ବ୍ୟକ୍ତିଗତଭାବେ ଷ୍ଟାଲିନ, ନା ଅମଲାତନ୍ତ୍ର – କିଏ ଦାୟୀ ?

ଷ୍ଟାଲିନ 'କ୍ଷମତାର ଅପବ୍ୟବହାର' କରିଛନ୍ତି – ଏହା ସପକ୍ଷରେ କ୍ରୁଶ୍ଚେଭ ଯେଉଁସବୁ ଦୃଷ୍ଟାନ୍ତ ଦେଇଛନ୍ତି ଏଥର ସେଗୁଡିକୁ ଦେଖାଯାଉ । ଭୁଲ ଏବଂ ଅପରାଧ ମଧ୍ୟରେ ପାର୍ଥକ୍ୟ କ'ଣ ତାହା ଆମେ ସମସ୍ତେ ଜାଣୁ । ସନ୍ଦେହାତୀତ କୌଣସି ପ୍ରମାଣ ନଥିଲେ ଏ ଧରଣର ସିଦ୍ଧାନ୍ତ କୌଣସି ପ୍ରକାରେ କରାଯାଇପାରେ ନା ଯେ ଷ୍ଟାଲିନଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାର – ଯାହାଫଳରେ ବହୁ ନିରପରାଧ ଲୋକଙ୍କର ମୃତ୍ୟୁ ଘଟିଥିଲା, ତା ପଛରେ ଏକ ଅପରାଧମୂଳକ ଉଦ୍ଦେଶ୍ୟ କାମ କରିଛି । ଦ୍ୱାବିଂଶ କଂଗ୍ରେସରେ ଏଭଳି କୌଣସି ତଥ୍ୟ ଉପସ୍ଥାପନ କରାଯାଇନାହିଁ । ଏହି ପରିସ୍ଥିତିରେ କ୍ରୁଶ୍ଚେଭ କହିବା ଅନୁଯାୟୀ– 'ଏଗୁଡିକ ନିଚ୍ଛକ ଭୁଲ ନଥିଲା । ଏଗୁଡିକ ଥିଲା ଅପରାଧମୂଳକ ସୁପରିକଳ୍ପିତ ହୁଙ୍କାପିଟା ନୀତି'– ମାତ୍ର ଏହିଭଳି ସିଦ୍ଧାନ୍ତରେ ପହଞ୍ଚିବା ଆଦୌ ସମ୍ଭବ ନୁହେଁ । କ୍ରୁଶ୍ଚେଭ ଯେଉଁ ସିଦ୍ଧାନ୍ତ ଆଡକୁ ଟାଣି ନେଇଯିବା ଉଦ୍ଦେଶ୍ୟରେ ବିଭିନ୍ନ ଦୃଷ୍ଟାନ୍ତ ଦେଉଛନ୍ତି, ତା ପରିବର୍ତ୍ତେ ସେହିସବୁ ଘଟଣାର ସମ୍ଭାବ୍ୟ ଅନ୍ୟ ବ୍ୟାଖ୍ୟା ମଧ୍ୟ ହୋଇପାରେ । ସମସ୍ତେ ଜାଣନ୍ତି ଷ୍ଟାଲିନଙ୍କ ସମୟରେ ପ୍ରଶାସନ ଯନ୍ତ୍ରର ଗଭୀରରେ ଅମଲାତନ୍ତ୍ରର ଚେର ମାଡି ବସିଥିଲା । ଅମଲାତନ୍ତ୍ର ପ୍ରତି ତାଙ୍କର ଘୃଣା ଯେତେ ଥାଉନା କାହିଁକି (ସପ୍ତଦଶ କଂଗ୍ରେସରେ ତାଙ୍କ ରିପୋର୍ଟରେ ଅମଲାତନ୍ତ୍ରର ନିନ୍ଦା ତାଙ୍କ ଘୃଣାର ହିଁ ପ୍ରମାଣ) ଅମଲାତନ୍ତ୍ର ଦ୍ୱାରା ସେ ପରବେଷ୍ଟିତ ହୋଇ ପଡିଥିଲେ, ଦୈନନ୍ଦିନ ପ୍ରଶାସନିକ କାମ ଚଳାଇବାକୁ ଏହି ଅମଲାତନ୍ତ୍ର ଉପରେ ତାଙ୍କୁ ନିର୍ଭର କରିବାକୁ ପଡିଥିଲା ଏବଂ ଏହା ବି ହୋଇପାରେ ଯେ ବହୁ ନିରପରାଧ ମଣିଷର ଜୀବନ ହାନି ପାଇଁ ଏହି ଅମଲାତନ୍ତ୍ର ହିଁ ଦାୟୀ । ପ୍ରଶାସନିକ

ମୁଖ୍ୟଭାବେ ଷ୍ଟାଲିନ ହୁଏତ ସେଗୁଡ଼ିକୁ ଅନୁମୋଦନ କରିଛନ୍ତି ମାତ୍ର। ଦ୍ୱାବିଂଶ କଂଗ୍ରେସରେ କୃଶ୍ଚେଭ ଯେଉଁସବୁ ତଥ୍ୟ ଦେଇଛନ୍ତି ସେଥିରୁ ପ୍ରମାଣ ମିଳେ ଯେ, ଏଭଳି ଘଟିଥାଇପାରେ। ଯାକିର, ଭାନିଦ୍‌ଜେ ଏବଂ ଅନ୍ୟମାନଙ୍କର ଯେଉଁ ଦୃଷ୍ଟାନ୍ତ କୃଶ୍ଚେଭ ଦେଇଛନ୍ତି, ସେହି କଥା ହିଁ ଧରାଯାଉ। କୃଶ୍ଚେଭ କହିଛନ୍ତି, ଦଳପତି, ଷ୍ଟାଲିନଙ୍କ ପ୍ରତି ସେମାନଙ୍କର ଗଭୀର ଆନୁଗତ୍ୟ ଥିଲା। ଏମାନଙ୍କ ମଧ୍ୟରେ ଜଣେ ଥିଲେ ଷ୍ଟାଲିନଙ୍କର ନିକଟ ଆତ୍ମୀୟ ଏବଂ ସମସ୍ତେ ଥିଲେ ଷ୍ଟାଲିନଙ୍କର ଅତି ଘନିଷ୍ଠ କମ୍ରେଡ। ଷ୍ଟାଲିନଙ୍କ ପ୍ରତି ଆନୁଗତ୍ୟ ଏତେ ଗଭୀର ଥିଲା ଯେ ଗୁଳିବିଦ୍ଧ ହେବା ମୁହୂର୍ତ୍ତରେ ବି ଯାକିର ଚିତ୍କାର କରି କହିଥିଲେ- "ପାର୍ଟି ଜିନ୍ଦାବାଦ, ଷ୍ଟାଲିନ ଜିନ୍ଦାବାଦ।" ସେମାନଙ୍କର ଏହି ଆନୁଗତ୍ୟ ବିଷୟ ଷ୍ଟାଲିନ ନିଜେ ବି ଜାଣିଥିଲେ। ବ୍ୟକ୍ତିଗତ କୌଣସି ଉଦ୍ଦେଶ୍ୟ ନେଇ ଯଦି ଷ୍ଟାଲିନ ପରିଚାଳିତ ହୋଇଥାନ୍ତେ, ତେବେ ତାଙ୍କର ଅନୁଗତ କମ୍ରେଡମାନଙ୍କୁ ଗୁଳି କରିବାର ଆଦେଶ ନିଶ୍ଚିତଭାବେ ସେ ଦେଇନଥାନ୍ତେ, ଅତି ସହଜରେ ସେ ସେମାନଙ୍କର ଜୀବନ ରକ୍ଷାକରି ପାରିଥାନ୍ତେ। କିନ୍ତୁ ସେ ଶାସ୍ତିର ଆଦେଶ ମଞ୍ଜୁର କରିଥିଲେ, କେବଳ ତାହା ନୁହେଁ ଏପରିକି ସେମାନଙ୍କର ମୃତ୍ୟୁ ସମ୍ବାଦ ତାଙ୍କୁ ଜଣାଇବା ପରେ ବି ସେ ଦୁଃଖିତ ହୋଇନାହାନ୍ତି। ଏହି ଘଟଣାଟିକୁ ବିଶେଷଭାବେ ବ୍ୟବହାର କରି କୃଶ୍ଚେଭ ଦେଖାଇବାକୁ ଚାହିଁଛନ୍ତି, ଷ୍ଟାଲିନ କେତେ ନିଷ୍ଠୁର ଥିଲେ। ବିଶ୍ୱସ୍ତ ଏବଂ ଘନିଷ୍ଠ କମ୍ରେଡମାନଙ୍କ ପ୍ରତି ଚରମ ଶାସ୍ତି ମଞ୍ଜୁର କରିବା ଏବଂ ସେମାନଙ୍କ ମୃତ୍ୟୁରେ ଟିକିଏ ବି ଦୁଃଖିତ ନହେବା - ଷ୍ଟାଲିନଙ୍କର ଏହି ଆପାତଃ ବିସ୍ମୟକର ଆଚରଣଟିକୁ କିଭଳିଭାବେ ବୁଝିବୁ? ପ୍ରଶାସନର ରିପୋର୍ଟ ଭିତ୍ତିରେ ଷ୍ଟାଲିନ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇଥିଲେ ଯେ ସେମାନେ ବିଶ୍ୱାସଘାତକତାର ଅପରାଧରେ ଅପରାଧୀ ଏବଂ ଏ ବ୍ୟାପାରରେ ସେ ଜଣେ ଯଥାର୍ଥ ବିପ୍ଳବୀ ଭଳି ନିଜର କର୍ତ୍ତବ୍ୟ ପାଳନ କରିଥିଲେ। ଏହା ଭିତରେ ଚରିତ୍ରର ଯେଉଁ ଦିଗଟି ପ୍ରତିଫଳିତ ହୁଏ, ତାହାର ଯଥାର୍ଥ ମୂଲ୍ୟବୁଝି ପାରିବା କୌଣସି ମାନବତାବାଦୀଙ୍କ ପକ୍ଷରେ ସମ୍ଭବ ନୁହେଁ। **ଜଣେ ବିପ୍ଳବୀ ନିକଟରେ ବିପ୍ଳବର ପ୍ରୟୋଜନଟି ହିଁ ସବୁଠାରୁ ବଡ;- ଆଉ ସବୁ ବିଷୟ- ଯେଭଳି ଭଲପାଇବା, ମମତ୍ୱ, ବ୍ୟକ୍ତିଗତ ସମ୍ପର୍କ, ବନ୍ଧୁତ୍ୱ- ଯାହା ଜଣେ ମାନବତାବାଦୀଙ୍କ ନିକଟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଅତ୍ୟନ୍ତ ମୂଲ୍ୟବାନ, ଯାହାକନେଇ ସେ ବଞ୍ଚି ରହିପାରେ, ଜଣେ ବିପ୍ଳବୀ ନିକଟରେ ଏ ସମସ୍ତ ହିଁ ବିପ୍ଳବର ପ୍ରୟୋଜନ ତୁଳନାରେ ଗୌଣ। ବିପ୍ଳବର ପ୍ରୟୋଜନରେ ଯଦି ଘନିଷ୍ଠତମ କମ୍ରେଡମାନଙ୍କୁ ବି ପ୍ରାଣଦଣ୍ଡ ଦେବାକୁ ପଡେ ଜଣେ ଯଥାର୍ଥ ବିପ୍ଳବୀ ଅପାର ଆନନ୍ଦସହ ତାହା ଦେଇପାରେ।**

ବିପ୍ଳବୀ ପ୍ରୟୋଜନ ମନେକରି ହିଁ ଷ୍ଟାଲିନ ହୁଏତ ୟାକିର, ଭାନିଦ୍‌ଜେ ଏବଂ ଅନ୍ୟାନ୍ୟ ଘନିଷ୍ଠ ସହଯୋଦ୍ଧା କମ୍ରେଡମାନଙ୍କର ପ୍ରାଣଦଣ୍ଡ ମଞ୍ଜୁର କରିଥିଲେ- ଏହାହିଁ ହୁଏତ ସତ୍ୟ, ଯାହା କୃଶ୍ଚେଭ ଧରିପାରିନାହାନ୍ତି । ହୁଏତ ଅମଲାତାନ୍ତ୍ରିକ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସେମାନଙ୍କ ସମ୍ପର୍କରେ ରିପୋର୍ଟର ଭ୍ରାନ୍ତ ତଥ୍ୟ ଉପରେ ନିର୍ଭର କରିବା ଫଳରେ ଷ୍ଟାଲିନଙ୍କୁ ଭୁଲ ସିଦ୍ଧାନ୍ତ ନେବାକୁ ପଡିଥିଲା । ସେ କ୍ଷେତ୍ରରେ ତାହା ଭୁଲ, ଅପରାଧ ନୁହେଁ । ଆମ ପାଇଁ ଏହାହିଁ ଏକମାତ୍ର ସମ୍ଭାବ୍ୟ ସଠିକ୍ ବ୍ୟାଖ୍ୟା ବୋଲି ମନେହୁଏ, ତାହା ନହେଲେ କାହିଁକି ଷ୍ଟାଲିନ ତାଙ୍କ ପ୍ରତି ଅନୁଗତ ଓ ବିଶ୍ୱସ୍ତ କମ୍ରେଡମାନଙ୍କର ମୃତ୍ୟୁଦଣ୍ଡ ମଞ୍ଜୁର କରିବେ, ଆଉ ତାହା କାର୍ଯ୍ୟକାରୀ ହେବାଦ୍ୱାରା କାହିଁକି ସେ ଖୁସି ହେବେ- ଏହାର କୌଣସି ବ୍ୟାଖ୍ୟା ଖୋଜି ମିଳେନାହିଁ ।

## ବିଶେଷ ସମୟର ବିଶେଷ ପରିସ୍ଥିତିକୁ
## ବିଚାରକୁ ନେବାକୁ ପଡିବ

ଆମେ ପୂର୍ବରୁ ଦର୍ଶାଇଛୁ, ସୋଭିଏତ୍ ୟୁନିୟନ ଭିତରେ ଓ ବାହାରେ ସେଦିନ ଯେଉଁ କଠିନ ବାସ୍ତବ ପରିସ୍ଥିତି ଥିଲା ସେହି ଯୁକ୍ତି ଦର୍ଶାଇ ଷ୍ଟାଲିନଙ୍କର ତଟିର ଦିଗଗୁଡିକୁ କୌଣସି ପ୍ରକାରେ ଚପେଇଦେବା ଠିକ୍ ହେବନାହିଁ । ପୁଣି ବିଶେଷ ସମୟର ବିଶେଷ ପରିସ୍ଥିତିକୁ ପୁରାପୁରି ଅସ୍ୱୀକାର କରିବା ମଧ୍ୟ ଠିକ୍ ହେବନାହିଁ । ଗୋପନ ଗୋଇନ୍ଦା ବିଭାଗର ଏକ ରିପୋର୍ଟ ଥିଲା ଯେ, ଲାଲଫୌଜର ଅଭ୍ୟନ୍ତରରେ ଜର୍ମାନ ସେନାପତିମାନଙ୍କର କିଛି ଗୁପ୍ତଚର ରହିଛନ୍ତି- ପରେ ଏହି ରିପୋର୍ଟଟି ଜାଲ ବୋଲି ପ୍ରମାଣିତ ହେଲେ ବି ସେ ସମୟରେ ତାହା ଜାଲବୋଲି ବିବେଚିତ ହୋଇନାହିଁ । ଫାସିଷ୍ଟମାନେ ଏବଂ ସାମ୍ରାଜ୍ୟବାଦୀମାନେ ସୋଭିଏତ ୟୁନିୟନକୁ ଆକ୍ରମଣ କରିବାର ମସୁଧା କରୁଥିଲେ । ଦେଶ ଭିତରେ ପ୍ରତିବିପ୍ଳବୀମାନେ ମୁଣ୍ଡ ଟେକିବାର ଚେଷ୍ଟା କରୁଥିଲେ । ଉଚ୍ଚାକାଂକ୍ଷୀମାନେ, ଏପରିକି ଶତ୍ରୁମାନଙ୍କର ବି ଦଳ ଭିତରେ ଅନୁପ୍ରବେଶ ଘଟିଥିଲା । ସେମାନଙ୍କ ଭିତରୁ କେହି କେହି ଦଳର ଉଚ୍ଚସ୍ଥାନ ବି ଦଖଲ କରିଥିଲେ । ଏଭଳି ଏକ କଠିନ ସଂକଟଜନକ ମୁହୂର୍ତ୍ତରେ ଶତ୍ରୁମାନଙ୍କୁ ନିର୍ମୂଳ କରିବା ପାଇଁ ଦୃଢ଼ ଓ କଠୋର ପଦକ୍ଷେପ ଗ୍ରହଣ କରିବା ଥିଲା ଅତ୍ୟନ୍ତ ପ୍ରୟୋଜନ । ଏଭଳି ପରିସ୍ଥିତିରେ ବିରାଟ ସଂଖ୍ୟକ ଶତ୍ରୁଙ୍କ ସହ ବେଶ କିଛି ନିରପରାଧ ମଣିଷର ବି ପ୍ରାଣହାନି ଘଟିଛି । ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ନେତାମାନଙ୍କର ବିଶେଷତଃ ଷ୍ଟାଲିନଙ୍କର ଏ କ୍ଷେତ୍ରରେ ଆହୁରି ଅନେକ ବେଶୀ ସତର୍କ ହେବା ଉଚିତ ଥିଲା । ଆଜି ସ୍ପଷ୍ଟଭାବେ ବୁଝାପଡୁଛି ଯେ ସେଦିନ ପ୍ରୟୋଜନୀୟ

ସତର୍କତା କ୍ଷେତ୍ରରେ ଅନେକ ଅଭାବ ରହିଥିଲା । ସତର୍କତାର ଏହି ଅଭାବକୁ ଯେମିତି କୌଣସି ପ୍ରକାରେ ସମର୍ଥନ କରାଯାଇ ପାରେନା, ପୁଣି ଏହା ବି ଅସ୍ୱୀକାର କରାଯାଇ ପାରେନା ଯେ, ବିଶେଷ ବିଶେଷ ସଂକଟଜନକ ମୁହୂର୍ତ୍ତରେ ଏଭଳି ଘଟଣା ଘଟିବା ଅସ୍ୱାଭାବିକ ନୁହେଁ । ସେ ଯାହାହେଉ, କୌଣସି ଏକ ଘଟଣା, ଯେଉଁ ବିଶେଷ ସମୟରେ ଘଟିଛି, ସେହି ବିଶେଷ ସମୟର ବିଶେଷ ପରିସ୍ଥିତିକୁ ବିଚାରକୁ ନନେଇ ସେଇ ଘଟଣା ସମ୍ପର୍କରେ କୌଣସି ମନଗଢ଼ା ଧାରଣା ଗଢ଼ି ତୋଳିବା ବାଞ୍ଛିତ ନୁହେଁ, ଏବଂ ସେଥିରେ ଭୁଲ ହେବାର ସମ୍ଭାବନା ରହିଯାଏ । ଯେମିତି ଧରନ୍ତୁ ଭବିଷ୍ୟତରେ, ହୁଏତ କୋଡିଏ ବର୍ଷ ପରେ, ସମାଜତନ୍ତ୍ରର ଆହୁରି ଅଗ୍ରଗତି ଓ ସଂହତି ପରେ ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ଅନ୍ୟ କୌଣସି ଜଣେ ନେତା ଆସି ଯଦି କହନ୍ତି, ହଙ୍ଗେରୀର ପ୍ରତିବିପ୍ଳବୀ ଅଭ୍ୟୁତ୍ଥାନକୁ ଦମନ କରିବାକୁ ଯାଇ ଅସଂଖ୍ୟ ନିରପରାଧ ମଣିଷକୁ ହତ୍ୟା କରିବା ପାଇଁ କୃଶ୍ଚେଭ ବ୍ୟକ୍ତିଗତ ଭାବେ ଦାୟୀ– ତେବେ ଏହିସବୁ ନିଷ୍ଠୁର କାମ ପାଇଁ ବ୍ୟକ୍ତିଗତ ଭାବେ କୃଶ୍ଚେଭଙ୍କୁ ଦାୟୀ କରିବା କଣ ତାଙ୍କର ଠିକ୍ ହେବ ? ଦ୍ୱିଧାହୀନ ଭାବେ ଆମ କହିବୁ– ନା ତାହା ଠିକ୍ ହେବ ନାହିଁ । ବିପ୍ଳବ ଯେତେବେଳେ ବିପନ୍ନ, ଏଭଳି ସଂକଟଜନକ ମୁହୂର୍ତ୍ତରେ ପ୍ରତିବିପ୍ଳବୀ ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ କରିବା ପାଇଁ ଯେତେବେଳେ ବଳ ପ୍ରୟୋଗ କରିବା ଛଡା ଗତ୍ୟାନ୍ତର ନଥାଏ, ଏଭଳି ଏକ ସମୟରେ ପ୍ରତିବପ୍ଳବୀମାନଙ୍କ ସହ ବହୁ ନିରପରାଧ ମଣିଷର ବି ପ୍ରାଣ ଯାଇପାରେ । ଏଭଳି ଘଟଣା ବି ଘଟିଥାଇ ପାରେ ଯେ, ପରେ ଯେଉଁମାନେ ନିରାପରାଧ ବୋଲି ପ୍ରମାଣିତ ହୋଇଛନ୍ତି, ସେମାନଙ୍କୁ ଶାସ୍ତି ଦେବାବେଳେ, ସୋଭିଏତ ଋଷିଆର ସମାଜତନ୍ତ୍ରକ ରକ୍ଷା କରିବା, ସଂହତ ଓ ଶକ୍ତିଶାଳୀ କରିବା ପାଇଁ ଷ୍ଟାଲିନଙ୍କର ଗଭୀର ଉଦ୍‌ବେଗ କାମ କରୁଥିଲା । ସେ କ୍ଷେତ୍ରରେ ସିଦ୍ଧାନ୍ତ ଭୁଲ ହେଲେ ବି ସେଥିପାଇଁ କ୍ଷତି ଯାହାହେଉ, ତାଙ୍କୁ କେବେହେଲେ ଅପରାଧୀ କୁହାଯାଇ ପାରିବ ନାହିଁ, ଏହାକୁ ପ୍ରକୃତ ଅର୍ଥରେ ଭୁଲ ବୋଲି କହିବାକୁ ହେବ ।

## ଷ୍ଟାଲିନ୍‌ଙ୍କ ସହଯୋଦ୍ଧାମାନଙ୍କର ଭୂମିକା

ସର୍ବଶେଷରେ ଆମେ ଗୋଟିଏ ବିଷୟ ତୋଳିଧରିବାକୁ ଚାହୁଁ । ଭୁଲ ସ୍ୱୀକାର କରିବାକୁ କମ୍ୟୁନିଷ୍ଟମାନେ ଭୟ ପାଆନ୍ତିନାହିଁ । କିନ୍ତୁ ସମାଲୋଚନା–ଆତ୍ମସମାଲୋଚନା ସମ୍ପର୍କୀୟ ଲେନିନୀୟ ନୀତି କ'ଣ ସଠିକ ଭାବେ ଅନୁସରଣ କରାଯାଉଛି ? ଷ୍ଟାଲିନ ଯଦି ସ୍ୱେଚ୍ଛାଚାରୀମାନଙ୍କ ଭଳି କାମ କରିଥାଆନ୍ତି, ଦଳର

ଅଭ୍ୟନ୍ତରରେ ଗଣତନ୍ତ୍ରକୁ ଯଦି ଲଂଘନ କରିଥାଆନ୍ତି, ବ୍ୟକ୍ତିପୂଜାବାଦର ଚର୍ଚ୍ଚା କରିଥାଆନ୍ତି ଏବଂ କ୍ଷମତାର ଅପବ୍ୟବହାର କରିଥାଆନ୍ତି, ତେବେ ବିଷୟଟିକୁ ଦଳର ଦୃଷ୍ଟିକୁ ଆଣିବା ପାଇଁ ଏବଂ ସିଧାସଳଖ ତାଙ୍କୁ ଅଭିଯୁକ୍ତ କରିବା ପାଇଁ ତାଙ୍କର ସହଯୋଦ୍ଧାମାନେ, ତାଙ୍କର କମ୍ରେଡମାନେ କ'ଣ କରିଥିଲେ ? କୃଶ୍ଚେଭ, ମିକୋୟାନ ବା ଷ୍ଟାଲିନଙ୍କର ଅନ୍ୟାନ୍ୟ ସହଯୋଦ୍ଧାମାନେ ସେ ସମୟରେ ସଠିକ୍ ଭାବେ, ସାହସର ସହିତ ନିଜର ଦାୟିତ୍ୱ ପାଳନ କରିଛନ୍ତି କି ? ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ବର୍ତ୍ତମାନ ନେତାମାନଙ୍କ ମଧ୍ୟରୁ କେହିହେଲେ ଷ୍ଟାଲିନଙ୍କ ସମୟରେ ପାର୍ଟିର ସାଧାରଣ ସ୍ତରର ଏଭଳି ଜଣେ ସଭ୍ୟ ନଥିଲେ ଯେ ସେମାନଙ୍କ କଥାର ଗୁରୁତ୍ୱ ସେମାନେ ପାର୍ଟିକୁ ବୁଝାଇ ପାରନ୍ତେ ନାହିଁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସେ ସମୟରେ କେନ୍ଦ୍ରୀୟ କମିଟିର ସଭ୍ୟ ଥିଲେ । ଯଦି ସେମାନେ ଚାହିଁଥାନ୍ତେ ଏବଂ ଆନ୍ତରିକଭାବେ ଚେଷ୍ଟା କରିଥାନ୍ତେ ତେବେ ଷ୍ଟାଲିନଙ୍କୁ ତାଙ୍କର ଭୁଲଟିକୁ ଦର୍ଶାଇ ଦେଇ ତାଙ୍କୁ ସଂଶୋଧନ କରିପାରିଥାନ୍ତେ । ଯଦି ସିଧାସଳଖ ବିରୋଧ କରିବାକୁ ସେମାନେ ଭୟ ପାଇଥାନ୍ତେ (କାପୁରୁଷତା ଏଭଳି ଏକ ତ୍ରୁଟି ଯାହା ଜଣେ ବିପ୍ଳବୀ ପାଖରୁ ଚିନ୍ତା କରାଯାଏନା), ତାହାହେଲେ ଷ୍ଟାଲିନଙ୍କୁ ତୋଷାମଦ କରିବା ଅପେକ୍ଷା ଅନ୍ତତଃ ବିରତ ରହିପାରିଥାନ୍ତେ । କିନ୍ତୁ ଓଲଟି ସେମାନେ ବି ସେଦିନ ଷ୍ଟାଲିନଙ୍କୁ ଦେବତା ବନେଇବାର ସ୍ୱରରେ ସ୍ୱର ମିଳାଇଥିଲେ । ଷ୍ଟାଲିନଙ୍କ ଭଳି ଜଣେ ପରୀକ୍ଷିତ ବିପ୍ଳବୀଙ୍କର ମୁଣ୍ଡ ଘୁରେଇ ଦେବା ପାଇଁ ସେମାନଙ୍କତ ଏହି ଆଚରଣ କୌଣସି ଅଂଶରେ କମ୍ ଦାୟୀ ନୁହେଁ । ଷ୍ଟାଲିନଙ୍କ ହାତରେ ବିପୁଳ କ୍ଷମତା କେନ୍ଦ୍ରୀଭୂତ ହେବା ଫଳରେ ହିଁ ସୋଭିଏତ କମ୍ୟୁନିଷ୍ଟ ପାର୍ଟିର ବର୍ତ୍ତମାନ ନେତାମାନେ ସେମାନଙ୍କର କର୍ତ୍ତବ୍ୟ ସଠିକ୍ ଭାବେ ଏବଂ ସାହସର ସହିତ ସେଦିନ ପାଳନ କରିପାରିନାହାନ୍ତି– ଏ ଯୁକ୍ତି ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ । କାରଣ ଏକଥା ତ ଠିକ୍ ଯେ, ଷ୍ଟାଲିନଙ୍କ ହାତରେ ଏତେ କ୍ଷମତା ପାର୍ଟି ହିଁ ଦେଇଥିଲା । ଫଳରେ ପାର୍ଟି ସିଦ୍ଧାନ୍ତ ନେଲେ ହିଁ ତାଙ୍କ ହାତରୁ ସମସ୍ତ କ୍ଷମତା କାଢ଼ି ନେଇପାରିଥାନ୍ତା । ତେବେ ଏତେ ବଡ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାର୍ଟିର ଦୃଷ୍ଟିକୁ ଆଣିବା ପାଇଁ ଚେଷ୍ଟା କରାଗଲା ନାହିଁ କାହିଁକି ? ବୁର୍ଜୁଆ ସମ୍ବାଦପତ୍ରରେ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶିତ ହୋଇଛି । ରିପୋର୍ଟରେ କୁହାଯାଇଛି, କୃଶ୍ଚେଭ ଯେତେବେଳେ ଷ୍ଟାଲିନଙ୍କର କ୍ଷମତା ଅପବ୍ୟବହାରର ଦୃଷ୍ଟାନ୍ତ ତୋଳି ଧରିଥିଲେ; ସେତେବେଳେ କଂଗ୍ରେସର ଜଣେ ପ୍ରତିନିଧି ଅଲକ୍ଷ୍ୟରେ କହିଉଠିଥିଲେ– "ସେତେବେଳେ ଆପଣମାନେ ସବୁ କଣ କରୁଥିଲେ ।" କଥାଟି କିଏ କହିଛି କୃଶ୍ଚେଭ ବୁଝିପାରି ନାହାନ୍ତି । ଯେଉଁ କମ୍ରେଡ ପ୍ରଶ୍ନ କରିଥିଲେ, କୃଶ୍ଚେଭ

ତାଙ୍କ ନାମ ଜାଣିବାକୁ ଚାହିଁଥିଲେ । ସେଇ ପ୍ରତିନିଧି ଠିଆହୋଇ ନିଜର ନା ଜଣାଇବାକୁ ସାହସ ପାଇନଥିଲେ, ମୁକର କୌଣସି ଶତ୍ରୁ ନାହିଁ, ପ୍ରବାଦଟି ସ୍ମରଣକରି ସେ ଚୁପ ହୋଇରହନ୍ତି । କେତେ ମିନିଟ୍ ବେଶ୍ ନାଟକୀୟ ବିରତି ଓ ନୀରବତା ପରେ କୃଶ୍ଚେଭ ଉତ୍ତର ଦେଇଥିଲେ- "ଯେଉଁ କମ୍ରେଡ ପ୍ରଶ୍ନ କରିଛନ୍ତି, ସେ ବର୍ତ୍ତମାନ ଯାହା କରୁଛନ୍ତି, ଆମେବି ଠିକ୍ ସେଇଆ କରୁଥିଲୁ ।" ସମ୍ବାଦପତ୍ରର ରିପୋର୍ଟିଟି ଏଇଭଳି ଥିଲା । ଏହା କେତେଦୂର ସତ୍ୟ ତାହା ଆମେ ଜାଣିନାହୁଁ । ଏ ଘଟଣା ଯଦି ସତ୍ୟ ହୁଏ, ତାହାହେଲେ କହିବାକୁ ହେବ ଏଇ ଘଟଣା କଂଗ୍ରେସର ପ୍ରତିନିଧିମାନଙ୍କର ଏକ ଦୁଃଖଜନକ ଚେତନାର ମାନକୁ ହିଁ ପ୍ରତିଫଳିତ କରୁଛି । ତାହାଛଡା କୃଶ୍ଚେଭଙ୍କର ଜବାବଟି ଯେତେ ମୁଖରୋଚକ ହେଉନା କାହିଁକି, ସେ କିନ୍ତୁ କମ୍ରେଡଙ୍କ ମୂଳ ପ୍ରଶ୍ନର ଜବାବ ଦେଇନାହାନ୍ତି, ଆମେ ମନେକରୁ ଷ୍ଟାଲିନଙ୍କର କ୍ଷମତା ଅପବ୍ୟବହାର ସଂକ୍ରାନ୍ତୀୟ ସମସ୍ତ ପ୍ରଶ୍ନଟିକୁ ପ୍ରାପ୍ତ ତଥ୍ୟର ଭିତ୍ତିରେ ପୁନରାୟ ବିଚାର କରି ଦେଖାଯାଉ ଏବଂ ଏ କ୍ଷେତ୍ରରେ କେବଳ ଷ୍ଟାଲିନଙ୍କର ଭୂମିକା ନୁହେଁ, ତାଙ୍କର ଅନ୍ୟ ସହକର୍ମୀମାନଙ୍କର ଭୂମିକା ମଧ୍ୟ ପୁଙ୍ଖାନୁପୁଙ୍ଖ ଭାବେ ଦେଖାଯାଉ ।

## ସାମ୍ୟବାଦୀ ଆନ୍ଦୋଳନକୁ

## ନୂତନ ବିଜୟ ପଥରେ ଆଗେଇ ଚାଲନ୍ତୁ

ପରିଶେଷରେ, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ନେତାମାନଙ୍କ ନିକଟରେ, ବିଶେଷତ କମ୍ରେଡ କୃଶ୍ଚେଭଙ୍କ * ନିକଟରେ ଆମର ଆବେଦନ, ସୋଭିଏତ ୟୁନିୟନର ନେତୃତ୍ୱାଧୀନ ବିଶ୍ୱ ସମାଜତାନ୍ତ୍ରିକ ଶିବିରର ଅନ୍ତର୍ଭୁକ୍ତ ଏକ ଭାତୃପ୍ରତିମ ଦଳର ସମାଲୋଚନା ଭାବେ ହିଁ ଆମର ବକ୍ତବ୍ୟକୁ ବିବେଚନା କରିବେ । ଷ୍ଟାଲିନଙ୍କର ଭୂମିକାର ବିଶେଷ ମୂଲ୍ୟାୟନକୁ କେନ୍ଦ୍ରକରି ଆଦର୍ଶଗତ କ୍ଷେତ୍ରରେ ବିଭ୍ରାନ୍ତି ଯେଉଁ ମାରାତ୍ମକ ଆକାର ନେଇ ସାମ୍ୟବାଦୀ ଆନ୍ଦୋଳନ ସାମ୍ନାରେ ଦେଖାଦେଇଛି, ସେଥିରେ ଆମେ ଗଭୀରଭାବେ ଉଦ୍‌ବିଗ୍ନ । ଏହି ବିଭ୍ରାନ୍ତି ଅତିକ୍ରମ କରିବା ପାଇଁ ବିଭିନ୍ନ କମ୍ୟୁନିଷ୍ଟ ପାର୍ଟି ଗୁଡିକ ଭିତରେ ଐକ୍ୟକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଷ୍ଟାଲିନଙ୍କର ସଠିକ୍ ମୂଲ୍ୟାୟନ କରିବା ପ୍ରୟୋଜନ । ବ୍ୟକ୍ତିପୂଜାବାଦର ମୂଳକାରଣରୁ ସାମ୍ୟବାଦୀ ଆନ୍ଦୋଳନକୁ ମୁକ୍ତ କରିବା, ଷ୍ଟାଲିନପୂଜାର ଯେତେ ଟିକିଏ ବି ପ୍ରଭାବ ରହିଛି ତାହାର ଅବସାନ ଘଟାଇବା, ପାରସ୍ପରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା,

ସାମ୍ୟବାଦୀ ଶିକ୍ଷାରେ କମ୍ୟୁନିଷ୍ଟମାନଙ୍କୁ ଶିକ୍ଷିତ କରି ଗଢ଼ିତୋଳିବା ଏବଂ ତାରି ମଧ୍ୟଦେଇ ସାମ୍ୟବାଦୀ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା – ଏଗୁଡିକ ହିଁ ଆଜି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ। ବର୍ତ୍ତମାନ ବିଶ୍ୱ ପରିସ୍ଥିତି ବିଶ୍ୱ ସର୍ବହରା ବିପ୍ଳବର ଅଗ୍ରଗତି ପକ୍ଷରେ ଅଭୂତପୂର୍ବ ସୁଯୋଗ ଆଣିଦେଇଛି। ଆନ୍ତର୍ଜାତିକ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ଉପରେ ଆମର ପୂର୍ଣ୍ଣ ଆସ୍ଥାରହିଛି ଏବଂ ଆମେ ଆଶାକରୁ ପରିସ୍ଥିତି ଅନୁଯାୟୀ ସେମାନେ ସେମାନଙ୍କର ଦାୟିତ୍ୱପାଳନ ପାଇଁ ଆଗେଇ ଆସିବେ, ଆଦର୍ଶଗତ ସଂଗ୍ରାମକୁ ସାର୍ଥକଭାବେ ପରିଚାଳନା ମଧ୍ୟଦେଇ ଆଦର୍ଶଗତ କ୍ଷେତ୍ରରେ ସମସ୍ତ ପ୍ରକାର ବିଭ୍ରାନ୍ତିକୁ ଦୂର କରିବେ ସାମ୍ୟବାଦୀ ଆନ୍ଦୋଳନକୁ ଅପ୍ରତିହତ ବିଜୟ ପଥରେ ଆଗେଇ ନେଇଯିବେ।

**ବିପ୍ଳବୀ ଅଭିନନ୍ଦନ ସହ**

**ଶିବଦାସ ଘୋଷ**

**ସାଧାରଣ ସମ୍ପାଦକ, କେନ୍ଦ୍ରୀୟ କମିଟି**

**ସୋସିଲିଷ୍ଟ ୟୁନିଟ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)**

ମୂଲ୍ୟ-୧୦ ଟଙ୍କା

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ
ଧୂର୍ଜଟୀ ଦାସ, ପ୍ଲଟ ନଂ-୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,
ଭୁବନେଶ୍ୱର-୨ଙ୍କ ଦ୍ୱାରା ପ୍ରକାଶିତ ଏବଂ କ୍ରାନ୍ତି ଚେତନା ପ୍ରେସରେ ମୁଦ୍ରିତ